

ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-120 • MONDAY • 27 OCTOBER 2025 • PAGE-12 • ₹ 6.00
SAMBALPUR
• ବର୍ଷ-୪୩ • ସଂଖ୍ୟା-୧୨୦ • ସୋମବାର • ୨୭ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ମାଡ଼ିଆସୁଛି 'ମୋନ୍ଥା'

## ସମୁଦ୍ରରୁ ବଳ ଗୋଟାଇ ବାତ୍ୟାର ରୂପ ନେଉଛି ଗଭୀର ଅବପାତ


**୨୮ ତାରିଖ ରାତିରେ ଭୂଭାଗ ଛୁଇଁବ**

**ଓଡ଼ିଶା ଉପରେ ବାତ୍ୟା ପ୍ରଭାବ ରୋକିବ ପୂର୍ବଘାଟ ପର୍ବତମାଳା**

**ରାଜ୍ୟରେ କମ୍ ପବନ; ଅଧିକ ବର୍ଷା, ଦକ୍ଷିଣକୁ ଭୂସ୍ଖଳନ ବିପଦ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ୨୪ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ରବିବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି ଓ ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ 'ମୋନ୍ଥା''। ସମୁଦ୍ରରୁ ବଳ ଗୋଟାଇ ଏହା କ୍ରମଶଃ ଭୂଭାଗ ଆଡ଼କୁ ଅଗ୍ରସର ହେଉଛି ଓ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ ଓ ମଧ୍ୟରାତ୍ରି ସୁଦ୍ଧା ଆନ୍ଧ୍ରର କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଭୂମିସ୍ପର୍ଶ ସମୟରେ ପବନର ଗତି ଘଣ୍ଟା ପ୍ରତି ୯୦-୧୦୦ କିମି ଓ ଏହାର ଝଟକା ପବନ ୧୧୦ କିମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟା ୨୮ ତାରିଖ ସନ୍ଧ୍ୟାରେ ଆନ୍ଧ୍ରର କାକିନଡ଼ା ପାଖରେ ଉପକୂଳ ଛୁଇଁବ। ସନ୍ଧ୍ୟା ୬ଟାରୁ ରାତି ୧୦ ଟା ମଧ୍ୟରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଆନ୍ଧ୍ର ଓ ସଂଲଗ୍ନ ଛତିଶଗଡ଼ରେ ପହଞ୍ଚି ଜଗଦଲପୁର ଓ ରାୟପୁରର ପଶ୍ଚିମରେ ଯାଇପାରେ। ଏମିତି ହେଲେ ଅବିଭକ୍ତ କୋରାପୁଟ ଓ ନୂଆପଡ଼ାରେ ଘଣ୍ଟାପ୍ରତି ୪୦-୫୦ ▶ପୃଷ୍ଠା-୭



## ୮ ଜିଲ୍ଲାକୁ ଗଲେ ୧୨୮ ଉଦ୍ଧାରକାରୀ ଟିମ୍

**ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ସମ୍ଭାବ୍ୟ ବାତ୍ୟାରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଅବଶିଷ୍ଟ ୨୨ଟି ଜିଲ୍ଲାରେ ବାତ୍ୟା ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ସମସ୍ତ ବିଭାଗ ସହ ଆଲୋଚନା କରାଯାଇ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରବିବାର ମନ୍ତ୍ରୀ ▶ପୃଷ୍ଠା-୭

## ଆନ୍ଧ୍ରକୁ ଗଲେ ୩ ଏନ୍‌ଡିଆର୍‌ଏଫ୍ ଟିମ୍

■ **ଭୁବନେଶ୍ୱର, ୨୬।୧୦ (ସମିସ):** ସମ୍ଭାବ୍ୟ ବାତ୍ୟା 'ମନ୍ଥା'ର ମୁକାବିଲା ପାଇଁ ଓଡ଼ିଶାରୁ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ସମସ୍ତ ସରଞ୍ଜାମ ସହିତ ଆନ୍ଧ୍ର ପ୍ରଦେଶ ଯାଇଛି। ଗୋଟିଏ ଟିମ୍ ଶ୍ରୀକାକୁଳମ୍ ଜିଲ୍ଲା ଓ ଦୁଇଟି ଟିମ୍ ଭାଇଜାଗ୍ ଗସ୍ତ କରିଛନ୍ତି। ପ୍ରତି ଟିମ୍‌ରେ ୩ ଜଣ ଅଫିସର ଓ ୩୨ ଜଣ ଯବାନ ରହିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌ରୁ ୧୫ଟି ଟିମ୍ ଏବେ ମୁଣ୍ଡଳୀରେ ଅଛନ୍ତି। ବାତ୍ୟାର ଗତିବିଧି ଦେଖି ଏହି ଟିମ୍‌କୁ ମୁତୟନ କରାଯିବ ବୋଲି ଏନ୍‌ଡିଆର୍‌ଏଫ ପକ୍ଷରୁ କୁହାଯାଇଛି।

ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗକୁ ଆଲର୍ଟରେ ରଖାଯାଇଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କଟର୍ ମେସିନ୍, ଲାଇଟ୍ ଏବଂ ▶ପୃଷ୍ଠା-୭

**ଶିଶୁଙ୍କୁ ଦିଆଯାଇଥିଲା ସଂକ୍ରମିତ ରକ୍ତ**

## ୫ ଶିଶୁ ଏଚ୍‌ଆଇଭି ପଜିଟିଭ୍

■ **ରାଞ୍ଚି, ୨୬।୧୦ (ଏଜେନ୍ସି):** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୁମ୍ ଜିଲ୍ଲାରେ ଡାକ୍ତର ତଥା ମେଡିକାଲ ଷ୍ଟାଫ୍‌ଙ୍କ ଅବହେଳା କାରଣରୁ ବଡ଼ ଧରଣର ଅଘଟଣ ହୋଇଛି। ଚାଇବସାର ସରକାରୀ ହସ୍ପିଟାଲରେ ରକ୍ତ ଦେବା ପରେ ୫ ଜଣ ଶିଶୁ ଏଚ୍‌ଆଇଭି ସଂକ୍ରମିତ ହେବାଭଳି ଘଟଣା ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରେ ଜଣେ ୭ ବର୍ଷର ଥାଲାସେମିଆ ରୋଗରେ ପୀଡିତ ଜଣେ ଶିଶୁ ସାମିଲ ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ହାଇଚଇ ସୃଷ୍ଟି କରିଛି ଓ ସାରା ରାଜ୍ୟରେ ଆତଙ୍କ ଖେଳି ଯାଇଛି। ଏହି ଘଟଣା ଯାଞ୍ଚ ପାଇଁ ରାଞ୍ଚିରୁ ଏକ ମେଡିକାଲ ଟିମ୍ ଯଥାଶୀଘ୍ର ଚାଇବସା ଯାତ୍ରା କରିଛି। ଏଥିସହ ଝାଡଖଣ୍ଡ ହାଇକୋର୍ଟ ଏହି ମାମଲାରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସିଭିଲ ସର୍ଜନଙ୍କଠାରୁ ଜବାବ ମାଗିଛି। ମିଳିଥିବା ସୂଚନା ଅନୁଯାୟୀ ଏହି ମାମଲା ଶୁକ୍ରବାର ସାମ୍ନାକୁ ଆସିଥିଲା। ଥାଲାସେମିଆରେ ପୀଡିତ ଜଣେ ଶିଶୁଙ୍କ ପରିବାର ଚାଇବସା ସଦର ହସ୍ପିଟାଲ ବ୍ଲଡ ବ୍ୟାଙ୍କ୍ ତାଙ୍କ ପିଲାକୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେଇଥିବା ଅଭିଯୋଗ କରିବା ପରେ ସମସ୍ତେ ଏ ବିଷୟରେ ଜାଣିବାକୁ ପାଇଥିଲେ। ପରିବାର ତରଫରୁ ଅଭିଯୋଗ ହେବା ▶ପୃଷ୍ଠା-୭

## ସ୍କୁଲ ଯିବାବେଳେ ନାବାଳିକାକୁ ଦୁଷ୍କର୍ମ

■ **ଜମନକିରା, ୨୬।୧୦ (ସମିସ):** ସ୍କୁଲ ଯିବା ବାଟରୁ ନାବାଳିକାକୁ ଟେକିନେଇ ଦୁଷ୍କର୍ମ। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।



ସୂଚନାନୁଯାୟୀ, ଜମନକିରା ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଜଣଙ୍କ ଗତକାଲି ସକାଳେ ସ୍କୁଲ୍‌କୁ ଯାଉଥିଲା। ଏହି ସମୟରେ ଅମିର କୁରେଶୀ ନାମକ ଜଣେ ଯୁବକ ତାକୁ ବାଟରେ ଅଟକାଇଥିଲା। ଦେବଗଡ଼ ପଟକୁ ବୁଲିଯିବାକୁ କହି ଜୋର୍‌ଜବରଦସ୍ତ ତାକୁ ସାଙ୍ଗରେ ନେଇଯାଇଥିଲା। ସେଠାରେ ଏକ ନିଛାଟିଆ ଜାଗା ଦେଖି ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ପରେ ନାବାଳିକାକୁ ଆଣି ତା' ଘର ପାଖରେ ଛାଡ଼ି ଚାଲିଯାଇଥିଲା। ନାବାଳିକାଜଣକ ନିଜ ମା'କୁ ଏ ସଂପର୍କରେ ଜଣାଇବା ପରେ ପରିବାରଲୋକ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଗତକାଲି ରାତିରେ ଅଭିଯୁକ୍ତ ଅମିରକୁ ଥାନାକୁ ଉଠାଇ ଆଣିଥିଲା। ତାକୁ ପଚରାଉଚରା କରିବା ପରେ ଆଜି ଅପରାହ୍ଣରେ ▶ପୃଷ୍ଠା-୭




# ଦିନରେ ଇଞ୍ଜିନିୟର; ରାତିରେ କ୍ୟାବ୍ ଡ୍ରାଇଭର



**ବେଙ୍ଗାଲୁରୁ,୨୬ ।୧୦(ଏଜେନ୍ସି):** ବେଙ୍ଗାଲୁରୁରେ କ୍ୟାବ୍ ଡ୍ରାଇଭରମାନେ ବେଳେବେଳେ ଲୋକଙ୍କ କଲ୍‌କୁ ଅତି ଭଦ୍ର ତଥା କର୍ପୋରେଟ ଭାଷାରେ ଉତ୍ତର ଦେଉଥିବାର ଲକ୍ଷ୍ୟ କରାଯାଉଛି । ଏହି କ୍ୟାବ୍ ଡ୍ରାଇଭରମାନଙ୍କୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କାରଣ ଏମାନେ ବୃତ୍ତିଗତଙ୍କ ଭଳି କଥା ହୋଇଥାନ୍ତି । ଏଭଳି ବ୍ୟକ୍ତି ଟେକ୍‌ନିସିଆନ ବା ସଫ୍ଟୱାର ଇଞ୍ଜିନିୟର ହୋଇଥାଇପାରନ୍ତି । ବିଶ୍ୱାସ ନ ହେଲେ ବି ଏହା ସତ । ଦିନରେ ସଫ୍ଟୱାର ଇଞ୍ଜିନିୟର କରୁଥିବା ଯୁବକ ମାନେ ରାତିରେ କ୍ୟାବ୍ ଡ୍ରାଇଭର ହେବାକୁ ପଛାଉ ନାହାନ୍ତି । ଏମାନେ ରାତିରେ ଓଲା, ଉବର, ରାପିଡୋ ଓ ନମାଯାତ୍ରୀ ଭଳି ପ୍ଲାଟଫର୍ମ ପାଇଁ ରାତିରେ କ୍ୟାବ୍ ଚଳାଉଛନ୍ତି । ଅବଶ୍ୟ ଏମାନେ କିଛି ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି । ନିଜ ପରିଚୟ ଗୋପନ

### ବେଙ୍ଗାଲୁରୁରେ ରାତିରେ ଓଲା, ଉବର ଚଳାଉଛନ୍ତି ଇଞ୍ଜିନିୟର

ଭାବେ କାର୍ଯ୍ୟ କରୁଥିବା ଏହି ଟେକ୍‌ନିସିଆନମାନେ ରାତିରେ କ୍ୟାବ ଚଳାଉଛନ୍ତି । ତେବେ କେବଳ ଟଙ୍କା ପାଇଁ ସେମାନେ ଏପରି କରୁନାହାନ୍ତି । ନିଜର ନିଃସଙ୍ଗତା ଏବଂ ଅଫିସ୍‌ରେ ସାମ୍ନା କରୁଥିବା କର୍ପୋରେଟ୍ ଚ୍ୟାଲେଞ୍ଜ ବା କଠିନତାକୁ ଦୂର କରିବାକୁ ଇଞ୍ଜିନିୟର ଏବଂ ଟେକନିସିଆନମାନେ ଏପରି ଅଭିନବ ପନ୍ଥା ଆପଣାଉଛନ୍ତି । କିନ୍ତୁ ଏହା ଏବେ ଏକ ଗମ୍ଭୀର ପ୍ରଶ୍ନ ଉତ୍ଥାପନ କରିଛି । ଏହା କର୍ପୋରେଟ ସଂସ୍କୃତିର ସମସ୍ୟାକୁ ପଦାରେ ପକାଇ ଦେଇଛି । ନିଜକୁ ବ୍ୟସ୍ତ ରଖିବା ପାଇଁ ତଥା ଚିନ୍ତାରୁ ମୁକ୍ତି ପାଇଁ ଦିନରେ ସଫ୍ଟୱାର ଇଞ୍ଜିନିୟର ଭାବେ କାର୍ଯ୍ୟ ରଖି ଏମାନେ ଅଜଣା ବ୍ୟକ୍ତିଙ୍କ ସହ କଥା ହୋଇ ନିଜକୁ ହାଲ୍‌କା କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ତେବେ କେବଳ ବେଙ୍ଗାଲୁରୁରେ ଏହା ଦେଖିବାକୁ ମିଳୁନାହିଁ । ଦିଲ୍ଲୀ, ମୁମ୍ବଇ ଭଳି ସହରରେ ମଧ୍ୟ ଟେକ୍‌ନିସିଆନ ମାନେ ରାତିରେ କ୍ୟାବ ଡ୍ରାଇଭ୍ କରୁଥିବାର ଦେଖିବାକୁ ମିଳିଛି । କେତେକ ଟେକ୍‌ନିସିଆନ କେବଳ ଅର୍ଥ ପାଇଁ ଏହା କରୁଥିବାର ଜଣାଯାଇଛି । କାରଣ ରାତିକୁ ଏମାନେ ୩ରୁ ସାଢ଼େ ୪ ହଜାର ଟଙ୍କା ଆୟ କରିବାରେ ସକ୍ଷମ ହେଉଛନ୍ତି । ଆଉ କେତେଜଣ କ୍ୟାବ୍ ଡ୍ରାଇଭର ହେବାର ଅଭିଜ୍ଞତା ହାସଲ କରିବାକୁ ଏପରି କରୁଛନ୍ତି ବୋଲି ଅନୁମାନ କରାଯାଉଛି ।

# ଆଜି ଏସ୍‌ଆଇଆର୍ ତାରିଖ ଘୋଷଣା

**ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି):** ସାରା ଦେଶରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କରିବାକୁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି କରିଛନ୍ତି । ଏ ନେଇ ଇସିଙ୍କ ପକ୍ଷରୁ ସୋମବାର ସନ୍ଧ୍ୟାରେ ବଡ଼ ଘୋଷଣା କରାଯିବ । ସାମ୍ବାଦିକ ସମ୍ମିଳନୀ କରି ଏ ବିଷୟରେ ଇସିଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୧୦ରୁ ୧୫ ରାଜ୍ୟରେ ଏସଆଇଆର ହୋଇପାରେ । ଏଥିରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ସାମିଲ ଅଛନ୍ତି । ଆସାମ, ତାମିଲନାଡୁ, ପୁଡୁଚେରି, କେରଳ ଏବଂ ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ଏହି ସବୁ ରାଜ୍ୟରେ ପ୍ରଥମେ ଏସଆଇଆର କରାଯାଇପାରେ । ସ୍ଥାନୀୟ ପୌର ନିର୍ବାଚନ ହେଉଥିବା ରାଜ୍ୟରେ ପ୍ରଥମେ ଏସଆଇଆର ହେବ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଥିଲା । କାରଣ ନିମ୍ନସ୍ତରର କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହିବେ । ସେମାନେ ଏସଆଇଆର ପାଇଁ ସମୟ ଦେଇପାରିବେ ନାହିଁ । ନିର୍ବାଚନ ପରେ ଏହି ସବୁ ରାଜ୍ୟରେ ଏସଆଇଆର ହେବ ।

କିଛି ଦିନ ତଳେ ଏସଆଇଆର ଲାଗୁ କରିବାର ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସହ ଦୁଇ ଥର ବୈଠକ କରିଥିଲେ । ଅନେକ ସିଇଓ ଗତ ଏସଆଇଆରରେ ଜାରି କରାଯାଇଥିବା ଭୋଟର ତାଲିକାକୁ ସମ୍ବନ୍ଧିତ ରାଜ୍ୟର ୱେବସାଇଟରେ ଜାରି କରିସାରିଛନ୍ତି । ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ୱେବସାଇଟରେ ୨୦୦୮ର ଭୋଟର ତାଲିକା ଜାରି କରିଛନ୍ତି । ସେଠାରେ ୨୦୦୮ରେ ଏସଆଇଆର ହୋଇଥିଲା । ସେହିପରି ଉତ୍ତରାଖଣ୍ଡରେ ମଧ୍ୟ ତାଲିକା ଜାରି କରାଯାଇଛି । ରାଜ୍ୟରେ ଶେଷ ଥର ପାଇଁ ହୋଇଥିବା ଏସଆଇଆରକୁ କଟ୍-ଅଫ ଭାବେ ଧରାଯିବ । ଅର୍ଥାତ୍ ସେହି ତାଲିକାରେ ସାମିଲ ଥିବା ଲୋକଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ । ଅଧିକାଂଶ ରାଜ୍ୟରେ ୨୦୦୨ ଏବଂ ୨୦୦୪ ମଧ୍ୟରେ ଏସଆଇଆର ହୋଇଥିଲା । ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୂର୍ବର ଏସଆଇଆର ସହ ଏବେର ଭୋଟର ତାଲିକାକୁ ମେଳ କରି ସାରିଲେଣି । ବେଆଇନ ଭାବେ ଦେଶରେ ରହୁଥିବା ଲୋକଙ୍କୁ ବାହାର କରିବା ଏହି ଏସଆଇଆରର ପ୍ରମୁଖ ଉଦ୍ଦେଶ୍ୟ ।

# ନିଶା ପାଇଁ ଦୁଇ ଲକ୍ଷରେ ପୁଅକୁ ବିକିଦେଲେ ଦମ୍ପତି



**ଚଣ୍ଡିଗଡ଼,୨୬ ।୧୦(ଏଜେନ୍ସି):** ପଞ୍ଜାବର ମାନସା ଜିଲ୍ଲାରେ ଏକ ନିଶାଶକ୍ତ ଦମ୍ପତି ମାତ୍ର ୧ ଲକ୍ଷ ୮୦ ହଜାର ଟଙ୍କାରେ ନିଜର ୬ ମାସର ପୁଅକୁ ବିକ୍ରି କରି ଦେଇଛନ୍ତି । ଏମାନେ ଜଣେ ସ୍କ୍ରାପ ଡିଲରଙ୍କ ପରିବାରକୁ ନିଜ ପୁଅକୁ ଦେଇ ଦେଇଥିଲେ । ଶିଶୁର ମାଉସୀ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଛି । ପୁଲିସ ଶିଶୁକୁ ଉଦ୍ଧାର କରିବା ସହ ଦୁଇ ପରିବାର ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନୁସାରେ ମାମଲା ରୁଜୁ କରିଛି । ପୁଅକୁ ବିକ୍ରି କରିଥିବା ଏହି ଦମ୍ପତିଙ୍କୁ ପୁଲିସ ଗିରଫ କରିଛି । ଏହି ଦମ୍ପତି ଆକବରପୁର ଖୁଡାଲ ଗାଁରେ ରୁହନ୍ତି । ନିୟମିତ ନିଶା ସେବନ କରୁଥିବାରୁ ଏହି ଦମ୍ପତି ପୁଅର ଲାଳନପାଳନ କରିବାକୁ ଅକ୍ଷମ ଥିଲେ । ଫଳରେ ବୁଧଲାଡା ଟାଉନ୍‌ରେ ରହୁଥିବା ସ୍କ୍ରାପ୍ ଡିଲରଙ୍କୁ ନିଜର ପୁଅକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ଏହି ସ୍କ୍ରାପ ଡିଲରଙ୍କର ୪ ଜଣ ଝିଅ ଅଛନ୍ତି । ପୁଅକୁ ନେବା ପାଇଁ ଡିଲରଙ୍କ ପରିବାର ଏକ ଦସ୍ତାବିଜ୍‌ରେ ଦସ୍ତଖତ ମଧ୍ୟ କରିଥିଲେ । ମିଳିଥିବା ଅର୍ଥରେ ଏହି ଦମ୍ପତି ନିଶାଦ୍ରବ୍ୟ ଓ ଅନ୍ୟ କେତେକ ଘରକରଣା ଜିନିଷ କ୍ରୟ କରିଥିଲେ ବୋଲି ସ୍ଥାନୀୟ ଲୋକ ପୁଲିସକୁ କହିଛନ୍ତି । ବିବାହ ପରେ ପିଲାର ମା' ନିଶା ସେବନ କରିବା ସହ ନିଶାସକ୍ତ ହୋଇ ଯାଇଥିଲେ । କିନ୍ତୁ ପୂର୍ବରୁ ସେ ଜଣେ କୁସ୍ତିଯୋଦ୍ଧା ଥିଲେ । ପୁଲିସ ଏବେ ଏହି ପିଲାକୁ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରିଛନ୍ତି । ଦୁଇ ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅକ୍ଟୋବର ୩୧ ସୁଦ୍ଧା ରିପୋର୍ଟ ଦେବାକୁ ବୁଧଲାଡା ଡିଏସ୍‌ପି ସିକନ୍ଦର ସିଂ ଚିମା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ନରମୁଛି ଆମେରିକା ସ୍ୱର

### ଭାରତକୁ ଅଣଦେଖା କରି ପାକିସ୍ତାନ ସହ ବନ୍ଧୁତା କରିବୁନି

**ୱାସିଂଟନ, ୨୬।୧୦ (ଏଜେନ୍ସି):** ଶୁଳ୍କ ଲଗାଇ ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଉଥିବା ଆମେରିକାର ସ୍ୱର ନରମ ହେବାରେ ଲାଗିଛି । ବାରମ୍ବାର ମିଥ୍ୟା ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଭାରତ କ୍ରମାଗତ ଭାବେ ଦୂରତ୍ୱ ରକ୍ଷା କରୁଛି । ଚୁପ୍‌ଚାପ ରହି ଟ୍ରମ୍ପଙ୍କୁ ଭାରତ ଜବାବ ଦେଉଛି । କ୍ୱାଲାଲମ୍ପୁରରେ ଅନୁଷ୍ଠିତ ଆସିଆନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ନ ହେବା ମଧ୍ୟ ଏହାକୁ ଦର୍ଶାଉଛି । ଏହି ସମ୍ମିଳନୀରେ ମୋଦୀଙ୍କ ସହ ସାକ୍ଷାତ ହେବ ବୋଲି ପୂର୍ବରୁ ଟ୍ରମ୍ପ କହି ସାରିଥିଲେ । କିନ୍ତୁ ମୋଦୀ ଏହି ସମ୍ମିଳନୀରେ ସାମିଲ ନ ହୋଇ ଟ୍ରମ୍ପଙ୍କୁ ବଡ଼ ବାର୍ତ୍ତା ଦେଇଛନ୍ତି । ଭାରତର ଏଭଳି ଆଭିମୁଖ୍ୟକୁ ଦେଖି ଆମେରିକା ନରମ ଆଭିମୁଖ୍ୟ ଗ୍ରହଣ କରିଛି । ଭାରତକୁ ଅଣଦେଖା କରି ପାକିସ୍ତାନ ସହ ସମ୍ପର୍କକୁ ମଜବୁତ କରିବାକୁ ଚାହୁଁନାହୁଁ ବୋଲି ଆମେରିକା ବିଦେଶମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ।

ରୁବିଓ କହିଛନ୍ତି ଯେ ପୂର୍ବରୁ ଆତଙ୍କବାଦ ବିରୋଧରେ ଆମେରିକା ଏବଂ ପାକିସ୍ତାନ ମିଳିତ ଭାବେ କାମ କରି ଆସୁଛନ୍ତି । କିନ୍ତୁ ଏହା ଦ୍ୱାରା ଭାରତ ସହ ସମ୍ବନ୍ଧ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ପାକିସ୍ତାନ ସହ ଘନିଷ୍ଠତାକୁ ନେଇ ଭାରତ ଚିନ୍ତା ପ୍ରକଟ କରିଛି କି ନାହିଁ ପଚାରିବାରୁ ରୁବିଓ କହିଥିଲେ ଯେ କୁଟନୀତି କ'ଣ ତାହା ନୂଆଦିଲ୍ଲୀ ଜାଣିଛି । ଅନେକ ଦେଶ ସହ ସମ୍ପର୍କ ରଖିବାକୁ ପଡ଼ିଥାଏ ବୋଲି ଭାରତ ଭଲ ଭାବେ ଅବଗତ ଅଛି । ଭାରତର ମଧ୍ୟ ଅନେକ ଦେଶ ସହ ଭଲ ସମ୍ପର୍କ ରହିଛି । ଏହା ବିଦେଶ ନୀତିର ଅଂଶବିଶେଷ । ଭାରତ ସହ ଯୁଦ୍ଧ ବନ୍ଦ କରିଥିବାରୁ ପାକିସ୍ତାନ-ଆମେରିକାର ସମ୍ବନ୍ଧ ବୃଦ୍ଧି ପାଇଲା କି ବୋଲି ଜଣେ ସାମ୍ବାଦିକ ପଚାରି ଥିଲେ । ଏହାର ଉତ୍ତରରେ ରୁବିଓ କହିଥିଲେ ଯେ ଏହା ପୂର୍ବରୁ ପାକିସ୍ତାନ ସହ ଆଲୋଚନା ଆରମ୍ଭ କରାଯାଇଥିଲା । ପାକିସ୍ତାନ ସହ ଆମେ ରଣନୈତିକ ବନ୍ଧୁତା ସ୍ଥାପନ କରିବାକୁ ଚାହୁଁଛୁ । ଅନେକ ପ୍ରସଙ୍ଗରେ ଦୁଇ ଦେଶ ଏକାଠି କାମ କରିପାରିବେ । ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘ ଦିନ ହେଲା ଉତ୍ତେଜନା ରହି ଆସିଛି । କିନ୍ତୁ ଆମେ ଅନେକ ଦେଶଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛୁ । କିନ୍ତୁ ଭାରତ କିମ୍ବା ଅନ୍ୟ କୌଣସି ଦେଶର ସମ୍ପର୍କକୁ ଅଣଦେଖା କରି ଏପରି କରିବୁ ନାହିଁ ବୋଲି ସେ କହିଛନ୍ତି ।

# ସଲ୍‌ମାନ ଖାନ୍ ଜଣେ ଆତଙ୍କବାଦୀ: ପାକିସ୍ତାନ

**ଇସଲାମାବାଦ, ୨୬।୧୦ (ଏଜେନ୍ସି):** ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଜେ ଏହାର ଶିକାର ହେଉଛି । ନିଜ ଦେଶରେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଥିବା



ଏହି ଦେଶ ଅନ୍ୟ ରାଷ୍ଟ୍ର ଉପରେ ପ୍ରଶ୍ନ ଉଠାଉଛି । ଯିଏ ଏହି ନୃଶଂସ କୃତ୍ୟର ସମାଲୋଚନା କଲା ତାହା ଉପରେ ପାକିସ୍ତାନ ଦୋଷ ଲଦୁଛି । ଏବେ ବଲିଉଡ ଅଭିନେତା ସଲମାନ ଖାନଙ୍କୁ ଏହି ଦେଶ ଆତଙ୍କବାଦୀ କହିଛି । ସାଉଦି ଆରବର ରାଜଧାନୀ ରିଆଧରେ ସଲ୍‌ମାନ ଦେଇଥିବା ଏକ ମନ୍ତବ୍ୟକୁ ନେଇ ପାକିସ୍ତାନ ବିଚଳିତ ହୋଇ ଏଭଳି ପଦକ୍ଷେପ ନେଇଛି । ସୂଚନା ଅନୁଯାୟୀ ରିଆଧର ଜୟ ଫୋରମ-୨୦୨୫ରେ ସଲ୍‌ମାନ ପାକିସ୍ତାନ ଏବଂ ବଲୁଚିସ୍ତାନକୁ ଅଲଗା ଅଲଗା ଦେଶ କହିଥିଲେ । ବୁଲଚିସ୍ତାନରେ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ପାକିସ୍ତାନ ଏହାକୁ ନେଇ କ୍ଷୁବ୍ଧ ହୋଇଯାଇଥିଲା । ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାର ଆତଙ୍କବାଦୀ ନିରୋଧୀ ଆଇନ-୧୯୯୭ର ଅନୁଚ୍ଛେଦ ୪ ଅଧିନରେ ସଲ୍‌ମାନଙ୍କୁ ସାମିଲ କରିଛି । ଆତଙ୍କବାଦୀ କାର୍ଯ୍ୟକଳାପ ସାମିଲ ସନ୍ଦେହରେ ଏହି ଧାରାରେ ବ୍ୟକ୍ତିଙ୍କୁ ସାମିଲ କରାଯାଇଥାଏ । ସାମାଜିକ ଗଣମାଧ୍ୟମରେ ପାକିସ୍ତାନର ପକ୍ଷରୁ ଜାରି ବିଜ୍ଞପ୍ତି ଖୁବ ଭାଇରାଲ ହେବାରେ ଲାଗିଛି । ରିଆଧରେ ଆୟୋଜିତ କାର୍ଯ୍ୟକ୍ରମରେ ଶାହରୁଖ ଖାନ, ଅମିର ଖାନଙ୍କ ଉପସ୍ଥିତିରେ ଦବଙ୍ଗ ଷ୍ଟାର କହିଥିଲେ ଯେ ଏବେ ହିନ୍ଦୀ ଚଳଚ୍ଚିତ୍ର ପ୍ରସ୍ତୁତ କରି ଏଠାରେ ମୁକ୍ତିଲାଭ କରାଗଲେ ତାହା ସୁପରହିଟ୍ ହେବ । ତାମିଲ, ତେଲୁଗୁ କିମ୍ବା ମାଲାୟଲମ ଚଳଚ୍ଚିତ୍ର ମଧ୍ୟ ଶହେ କୋଟିରୁ ଅଧିକ ବ୍ୟବସାୟ କରିବ । କାରଣ ଏଠାରେ ଅନେକ ଦେଶରୁ ଲୋକ ଆସି ରହୁଛନ୍ତି । ଏମାନଙ୍କ ମଧ୍ୟରେ ବଲୁଚିସ୍ତାନ, ଆଫଗାନିସ୍ତାନ, ପାକିସ୍ତାନ ନାଗରିକ ସାମିଲ ଅଛନ୍ତି ।

# ଏସି ବସ୍‌ରେ ନିଆଁ; ବର୍ତ୍ତିଲେ ୪୦ ଯାତ୍ରୀ

**ଲକ୍ଷ୍ନୌ,୨୬ ।୧୦(ଏଜେନ୍ସି):** ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ଡବଲ ଡେକର ଏସି ସ୍ଲିପର ବସ୍‌ରେ ରବିବାର ହଠାତ ନିଆଁ ଲାଗିଯାଇଥିଲା । ତେବେ ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ସମେତ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏଥିରେ କାହାର କୌଣସି କ୍ଷତି ହୋଇନାହିଁ ବୋଲି ପୁଲିସ କହିଛି । ଅପରାହ୍ଣ ୪.୪୫ ମିନିଟ୍‌ରେ ଦିଲ୍ଲୀରୁ ଗୋଣ୍ଡା ଯାଉଥିବା ଏହି ୪୪ ସିଟର ବସ୍‌ରେ ଟୋଲ ପ୍ଲାଜାର ୫୦୦ମି ପରେ ହିଁ ନିଆଁ ଲାଗିଥିଲା । ସୂଚନା ପାଇବା ମାତ୍ରେ ପୁଲିସ ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବସ୍‌ରୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା ।

# ପୁଲିସ ଅଧିକାରୀଙ୍କ ବିଦେଶ ପ୍ରୀତି

**ଚଣ୍ଡିଗଡ଼, ୨୬।୧୦ (ଏଜେନ୍ସି):** ଲାଞ୍ଚ କାରବାର ମାମଲାରେ ଧରା ପଡ଼ିଥିବା ପଞ୍ଜାବର ପୂର୍ବତନ ଡିଆଇଜି (ରୋପଡ ରେଞ୍ଜ) ହରଚରଣ ସିଂହ ଭୁଲ୍ଲରଙ୍କ ଗୁମର ଖୋଲିବାରେ ଲାଗିଛି । ଏବେ ତାଙ୍କର ବିଦେଶ ଲିଙ୍କ୍‌କୁ ନେଇ ବିଚଳିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି । ଦାୟିତ୍ୱରେ ଥିବା ସମୟରେ ଭୁଲ୍ଲର ୧୦ ଥର ଦୁବାଇ ଗସ୍ତ କରିଥିଲେ । ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସିବିଆଇ ଭୁଲ୍ଲରଙ୍କ ପାସପୋର୍ଟକୁ

### ଦୁବାଇରେ ୨, କାନାଡ଼ାରେ ୩ ଫ୍ଲାଟ୍

ଜବତ କରିଛି । ଏହା ମାଧ୍ୟମରେ ତାଙ୍କ ବିଦେଶ ଗସ୍ତର ବିସ୍ତୃତ ବିବରଣୀ ସଂଗ୍ରହ କରାଯାଉଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଦେଶରେ ଭୁଲ୍ଲରଙ୍କ ଅମାପ ସମ୍ପତ୍ତି ରହିଛି । ଏ ପର୍ଯ୍ୟନ୍ତ ଦୁବାଇରେ ୨ଟି ଏବଂ କାନାଡ଼ାରେ ତାଙ୍କର ତିନୋଟି ଫ୍ଲାଟ ଥିବା ଜଣାପଡ଼ିଛି । ଏହା ବ୍ୟତୀତ ଲୁଧିଆନାରେ ତାଙ୍କର ପ୍ରାୟ ୫୫ ଏକର ଜମି ଏବଂ ମାଛିୱାଡ଼ା କ୍ଷେତ୍ରରେ ୨୦ ଦୋକାନ ଥିବା ସୂଚନା ମିଳିଛି । ସେ ବିଦେଶରେ ଆହୁରି ଅନେକ ସମ୍ପତ୍ତି କ୍ରୟ କରିଥିବା ସିବିଆଇ ସନ୍ଦେହ କରୁଛି । ଏବେ ସିବିଆଇ ଏହାର ସନ୍ଧାନ କରିବାରେ ଲାଗିଛି । ବିଦେଶରେ ଥିବା ସମ୍ପତ୍ତି ଗୁଡିକ ଭୁଲ୍ଲର ନିଜ ନାମରେ କି ଆଉ କାହା ନାଁରେ କିଣିଥିଲେ ତାହା ଜାଣିବା ପାଇଁ ପ୍ରୟାସ କରାଯାଉଛି । ଆଗାମୀ ଦିନରେ ଭୁଲ୍ଲରକୁ ନେଇ ଆହୁରି ବିସ୍ଫୋରକ ସୂଚନା ସାମ୍ନାକୁ ଆସିପାରେ ।

ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେଇ ପୂର୍ବତନ ଡିଜିପି ସିଦ୍ଧାର୍ଥ ଚଟୋପାଧ୍ୟାୟ କହିଛନ୍ତି ଯେ ମନ୍ତ୍ରୀ ଏବଂ ଅଧିକାରୀମାନେ ଏପରି ଅଧିକାରୀମାନଙ୍କ ବିଷୟରେ ସବୁ କିଛି ଜାଣଥାନ୍ତି । ଯେଉଁ ଟଙ୍କା ଭୁଲ୍ଲରଙ୍କ ପାଖରୁ ମିଳିଛି ତାହା ତ ଦିନକ ମଧ୍ୟରେ ଆସିବ ନାହିଁ ।



ସମସ୍ତେ ଏ ବିଷୟରେ ଅବଗତ ଥିଲେ ବୋଲି ସ୍ପଷ୍ଟ ହେଉଛି । କିନ୍ତୁ କେହି ଏହି ବିଷୟରେ ମୁହଁ ଖୋଲି ନ ଥିଲେ । ଏପରି କାର୍ଯ୍ୟରେ ଜଡ଼ିତ ଥିବା ଭୁଲ୍ଲର ଏକମାତ୍ର ଅଧିକାରୀ ନୁହଁନ୍ତି । ପୁଲିସ ବିଭାଗ ଭିତରେ ଆହୁରି ବଡ଼ ବଡ଼ କୁମ୍ଭୀର ଅଛନ୍ତି, ଯେଉଁମାନେ ମନ୍ତ୍ରୀ, ଅଧିକାରୀ ଏବଂ ବିଚାରପତିଙ୍କ ଆବଶ୍ୟକତାକୁ ପୂରଣ କରୁଛନ୍ତି । ଭୁଲ୍ଲରଙ୍କ ଗିରଫ ପରଠୁ ସରକାର ଏବଂ ବିରୋଧୀଙ୍କ ସବୁ ନେତା ଚୁପ ରହିଛନ୍ତି ।

ଅନ୍ୟପକ୍ଷରେ ମଣ୍ଡି ଗୋବିନ୍ଦଗଡ଼ର ବ୍ୟବସାୟୀଙ୍କ ସହ ଲାଞ୍ଚ କାରବାରରେ ମଧ୍ୟସ୍ଥ ଥିବା କୃଷ୍ଣୁକୁ ସିବିଆଇ ସରକାରୀ ସାକ୍ଷୀ କରିପାରେ । ଏଥିପାଇଁ ସିବିଆଇ ତାକୁ ରାଜି କରାଇବାକୁ ପ୍ରୟାସ କରୁଛି । ଯଦି ସେ ସରକାରୀ ସାକ୍ଷୀ ହୁଅନ୍ତି, ତେବେ ଭୁଲ୍ଲରଙ୍କ ସମସ୍ୟା ଅଧିକ ବୃଦ୍ଧି ପାଇବ । ସୂଚନାଯୋଗ୍ୟ ଯେ ସିବିଆଇ ଗତ ୧୬ ତାରିଖରେ ଭୁଲ୍ଲରଙ୍କ ଘରୁ ୭.୫ କୋଟି ଟଙ୍କା, ଅଢେଇ କେଜି ସୁନା, ୨୬ ମହଙ୍ଗା ଗାଡ଼ି, ଅସ୍ତ୍ରଶସ୍ତ୍ର, ୫୦ରୁ ଅଧିକ ସମ୍ପତ୍ତି ଜବତ କରିଥିଲା ।

# ଆଫଗାନିସ୍ତାନକୁ ଖୋଲା ଯୁଦ୍ଧ ଧମକ ଦେଲା ପାକିସ୍ତାନ



**ଇସ୍ଲାମାବାଦ୍୨୬ ।୧୦(ଏଜେନ୍ସି):** ଅସ୍ତ୍ରବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ପାକସ୍ତାନ ପ୍ରତିରକ୍ଷା ମନ୍ତ୍ରି ଖ୍ୱାଜା ମହମ୍ମଦ ଆସିଫ୍ ଶନିବାର ଆଫଗାନିସ୍ତାନକୁ ଖୋଲା ଯୁଦ୍ଧର ଧମକ ଦେଇଛନ୍ତି । ଆଫଗାନିସ୍ତାନ ସହିତ ଚାଲିଥିବା ଅସ୍ତ୍ରବିରତି ଆଲୋଚନା ବିଫଳ ହେଲେ ଯୁଦ୍ଧ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ । ତେବେ ଦୁଇ ଦେଶ ଶାନ୍ତି ଚାହୁଁଛନ୍ତି ବୋଲି ସେ କହିଛନ୍ତି । ତୁର୍କୀର ଇସ୍ତାନବୁଲ ସହରରେ ଶନିବାର ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଥିବା ବେଳେ ଆସିଫ ଏହି ମନ୍ତବ୍ୟ ଦେଇଛନ୍ତି । ତେବେ ଏହା ଉପରେ ଆଫଗାନିସ୍ତାନ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଏହାପୂର୍ବରୁ କାତାର ରାଜଧାନୀ ଦୋହାରେ ମଧ୍ୟ ଶାନ୍ତିପ୍ରତିଷ୍ଠା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା । ତେଣୁ ଦୋହା ଆଲୋଚନାକୁ ଭିତ୍ତି କରି ଇସ୍ତାନବୁଲ୍‌ରେ ଗଠନମୂଳକ ଆଲୋଚନା ହେବ । ଏହି ଆଲୋଚନାରେ ଆଫଗାନିସ୍ତାନ ଟିମ୍‌ର ନେତୃତ୍ୱ ନେବେ ମନ୍ତ୍ରୀ ହାଜି ନଜିବ । ସେହିପରି ପାକିସ୍ତାନ ତରଫରୁ ଦୁଇଜଣ ସୁରକ୍ଷାକର୍ମୀ ଏଥିରେ ସାମିଲ ହେବେ ବୋଲି କୁହାଯାଇଛି । ଇସ୍ତାନବୁଲ୍‌ରେ ହେବାକୁ ଥିବା ଆଲୋଚନାର ଫଳାଫଳ ଉପରେ ଶାନ୍ତି ନିର୍ଭର କରିବ । କିଛିଦିନ ତଳେ ହୋଇଥିବା ସଂଘର୍ଷ ଓ ପାକିସ୍ତାନ ଆକ୍ରମଣରେ ୩୭ ଜଣ ଆଫଗାନିସ୍ତାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଲୋକ ଆହତ ହୋଇଥିଲେ ।

### ଆଲୋଚନା ବିଫଳ ହେଲେ ଯୁଦ୍ଧ ନିଶ୍ଚିତ; ଆସିଫ୍

# ବିହାର ନିର୍ବାଚନ: ୧୬ ନେତାଙ୍କୁ ବିଦା କଲା ଜେଡିୟୁ

**ପାଟନା, ୨୬।୧୦ (ଏଜେନ୍ସି):**

ବିହାର ନିର୍ବାଚନ ତାତି ବଢ଼ିବାରେ ଲାଗିଛି । କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀଙ୍କ ମଧ୍ୟରେ ବାକ୍ ଯୁଦ୍ଧ ତୀବ୍ର ହୋଇ ଚାଲିଛି । ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର କଟିହାରରେ ଜନସଭା କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନିଶାଣ କରିଥିବାବେଳେ ଆରଜେଡିର ବାହୁବଳୀ ପ୍ରାର୍ଥୀ ଅନନ୍ତ ସିଂହଙ୍କ ମଞ୍ଚ ଭାଙ୍ଗି ଯାଇଛି । ସେ ଶନିବାର ରାମପୁର-ଡୁମରାରେ ଜନସଭାକୁ ସମ୍ବୋଧନ କରୁଥିବାବେଳେ ଏହି ଅଘଟଣ ଘଟିଥିଲା । ଏଥିଯୋଗୁଁ ଅନନ୍ତଙ୍କ ସମେତ ମଞ୍ଚରେ ଥିବା ସମସ୍ତ ନେତା ତଳେ ପଡ଼ି ଯାଇଥିଲେ । ଚଳିତ ଥର ଅନନ୍ତ ଜେଡିୟୁ ଟିକେଟ୍‌ରୁ ମୋକାମାରେ ନିର୍ବାଚନ ଲଢୁଛନ୍ତି । ଅନ୍ୟପଟେ ଜେଡିୟୁ ଗତ ଦୁଇ ଦିନରେ ୧୬ ବିଦ୍ରୋହୀ ନେତାଙ୍କୁ ଦଳରୁ ବାହାର କଲାଣି । ଗୋପାଳପୁରରୁ ୪ ଥରର ବିଧାୟକ ହୋଇଥିବା ଗୋପାଳ ମଣ୍ଡଳ, ପୂର୍ବତନ ମନ୍ତ୍ରୀ ହିମରାଜ ସିଂହ, ପୂର୍ବତନ ବିଧାନ ପରିଷଦ ସଞ୍ଜୀବ ଶ୍ୟାମ ସିଂହ, ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ ଏବଂ ପ୍ରଭାତ କିରଣଙ୍କୁ ରବିବାର ଦଳରୁ ବାହାର କରାଯାଇଛି । ଏମାନେ ସଂଗଠନ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଥିଲା । ଗୋପାଳ କିଛି ଦିନ




ତଳେ ନୀତୀଶଙ୍କ ଘର ଆଗରେ ଧାରଣା ଦେଇ ଟିକଟ ଦାବି କରିଥିଲେ । ଏହା ପୂର୍ବରୁ ଜେଡିୟୁ ଶନିବାର ୧୧ ବିଦ୍ରୋହୀ ନେତାଙ୍କୁ ଦଳରୁ ବିତାଡ଼ିତ କରିଥିଲା ।

ଆଜି ଚାଚା ନୀତୀଶଙ୍କୁ ତେଜସ୍ୱୀ ନିଶାଣ କରିଛନ୍ତି । ସେ କହିଛନ୍ତି ଯେ ଚାଚା ପାର୍ଶ୍ୱ ବଦଳାଇ ବିଜେପିକୁ ଚାଲି ଯାଇଛନ୍ତି । ନୀତୀଶ ହିଁ ବିଜେପିକୁ ବିହାରରେ ସ୍ଥାନ ଦେଇଛନ୍ତି । ଆମେ କେବେ ବିଜେପି ଆଗରେ ହାତ ଟେକି ଦେଇନାହୁଁ । କ୍ଷମତାକୁ ଆସିଲେ ମୁସଲମାନଙ୍କୁ ନେଇ ଆସିଥିବା ୱାକଫ ବିଲ୍‌କୁ ପ୍ରତ୍ୟାହାର କରିବୁ । ଏହା ସହିତ ତେଜସ୍ୱୀ ନିର୍ବାଚନୀ ପ୍ରତିଶ୍ରୁତିର ବର୍ଷା କରିଛନ୍ତି । ପଞ୍ଚାୟତ ପ୍ରତିନିଧିଙ୍କ ଭତ୍ତା ଦୁଇ ଗୁଣ, ଜିଲ୍ଲା ପରିଷଦ ନେତାଙ୍କୁ ୫୦ ଲକ୍ଷ ଟଙ୍କାର ବୀମା, ପିଡିଏସ ଡିଲରଙ୍କ ପାଉଣା ବୃଦ୍ଧି, କୁମ୍ଭାର ଆଦିଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି କହିଛନ୍ତି । ସେହିପରି କିଶନଗଞ୍ଜରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଧମକରେ ଭୟଭୀତ ହେବେ ନାହିଁ ।

# ରାହୁଲଙ୍କ ଅନୁପସ୍ଥିତିକୁ ନେଇ ବଢୁଛି ଚର୍ଚ୍ଚା

**ପାଟନା, ୨୬।୧୦ (ଏଜେନ୍ସି):** ବିହାରର ନିର୍ବାଚନୀ ପାଣିପାଗ ସରଗରମ ହୋଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ହୋଇଛି । ଗତ ସେପ୍ଟେମ୍ବର ୧ ତାରିଖରେ ରାହୁଲ ଶେଷ ଥର ପାଇଁ ବିହାର ଗସ୍ତରେ ଆସିଥିଲେ । ସେତେବେଳେ ସେ ପାଟନାରେ 'ଭୋଟର ଅଧିକାର ଯାତ୍ରା'କୁ ସମ୍ବୋଧନ କରି ବେକାରୀ, ସାମାଜିକ ନ୍ୟାୟ ଏବଂ ଶିକ୍ଷାକୁ ନେଇ ସରକାରଙ୍କୁ ଘେରିଥିଲେ । ମାତ୍ର ଦୁଇ ମାସ ବିତି ଯାଇଥିବାବେଳେ ରାହୁଲଙ୍କୁ ବିହାରରେ ଦେଖିବାକୁ ମିଳୁନାହିଁ । କଂଗ୍ରେସର ପ୍ରଚାର ମଧ୍ୟ ସେତେ ଜୋରରେ ହେଉନାହିଁ । ଏହାକୁ ନେଇ ଅନେକ କଂଗ୍ରେସ ପ୍ରାର୍ଥୀ ହାଇକମାଣ୍ଡଙ୍କ ଉପରେ ପ୍ରଶ୍ନ ଉଠାଇଲେଣି । ଜଣେ ନେତା କହିଛନ୍ତି ଯେ ତୁମ ପ୍ରମୁଖ ନେତା କୁଆଡେ ଗଲେ ବୋଲି ଲୋକେ ପ୍ରଶ୍ନ ପଚାରୁଛନ୍ତି । ଏହାର କ'ଣ ଉତ୍ତର ଦେବୁ ଆମେ ଜାଣିପାରୁନାହୁଁ । ଅନ୍ୟ ଜଣେ ନେତା କହିଛନ୍ତି ଯେ ଆମେ ପୋଷ୍ଟର ଲଗାଇ ରୋଡ ସୋ' କରୁଛୁ । କିନ୍ତୁ ଲୋକେ ରାହୁଲଙ୍କୁ ଦେଖିବାକୁ ଚାହୁଁଛନ୍ତି । ତେବେ ରାହୁଲଙ୍କ ଏହି ଅନୁପସ୍ଥିତି ମହାମେଣ୍ଟରେ ଚାଲିଥିବା ଟଣାଓଟରାକୁ ଦର୍ଶାଉଛି । ଏହାକୁ ନେଇ ଆରଜେଡିର ଜଣେ ନେତା କହିଛନ୍ତି ଯେ ଏକାଠି ହୋଇ ନିର୍ବାଚନ ଲଢ଼ାଯାଏ । ଯଦି କୌଣସି ସହଯୋଗୀ ଦଳ ଏଥିରେ ସହଯୋଗ କରିବନି ତେବେ ତାହା ବୋଝ ପାଲଟି ଯାଇଥାଏ । ତେବେ ଆଭ୍ୟନ୍ତରୀଣ କନ୍ଦଳ, ରାଜ୍ୟ ନେତାଙ୍କ ସହ ପ୍ରଚାର କାର୍ଯ୍ୟକ୍ରମ ଧାର୍ଯ୍ୟ ଏବଂ ହାଇକମାଣ୍ଡଙ୍କ କମ୍ ସହଯୋଗ କରୁଥିବାରୁ ରାହୁଲ ଦୂରେଇ ରହିଛନ୍ତି ବୋଲି କୁହାଯାଉଛି ।

## ନୂଆପଡ଼ା ଉପନିର୍ବାଚନ

# ଯାଦବ, ଆଦିବାସୀ, ସାହୁ ସମାଜ ଉପରେ ନଜର



ନୂଆପଡ଼ା,୨୬ ।୧୦(ସମିସ): ଉପନିର୍ବାଚନ ନିମନ୍ତେ ସାରା ରାଜ୍ୟର ନଜର ନୂଆପଡ଼ା ଉପରେ ନିବଦ୍ଧ ହୋଇଛି । କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିଜେଡି ଆସନକୁ ଦଖଲରେ ରଖି ନିଜ ପତିଆରା ଜାହିର କରିବା ସହ ସରକାରଙ୍କୁ କଡ଼ା ବାର୍ତ୍ତା ଦେବ, ବିଜେପି ବିଜୟୀ ହେଲେ ଶାସକ ଦଳ ନିଜର ପ୍ରଭାବ ପ୍ରମାଣିତ କରିବ ଓ କଂଗ୍ରେସ ବିଜୟୀ ହେଲେ ସାରା ଦେଶକୁ ଓଡ଼ିଶାରୁ ଭିନ୍ନ ବାର୍ତ୍ତା ଯିବ । ଏହି ପରିପ୍ରେକ୍ଷୀରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ପାଇଁ ନୂଆପଡ଼ା ଏବେ ସମ୍ମାନର ପ୍ରଶ୍ନ ହୋଇଛି। ମତଦାନ ଦିନ ଯେତିକି ଯେତିକି ପାଖେଇ ଆସୁଛି ତାତି ସେତେ ବଢ଼ି ଚାଲିଛି। ନିର୍ବାଚନରେ କିଏ ଜିତିବ, କିଏ ହାରିବ ନୂଆପଡ଼ା ନିର୍ବାଚନ ମଣ୍ଡଳୀର କାହା ଭୋଟ୍ କୁଆଡେ ଯାଉଛି ତାରି ଗତିବିଧି ଉପରେ ସମସ୍ତ ବିଶେଷଜ୍ଞ, ରାଜନୈତିକ ସମୀକ୍ଷକଙ୍କ ଦୃଷ୍ଟି ଲାଗି ରହିଛି।

ଇତିହାସ ଦେଖିଲେ ଜାତି ରାଜନୀତି ହିଁ ନୂଆପଡ଼ା ରାଜନୀତିକୁ ସବୁବେଳେ ନିୟନ୍ତ୍ରଣ କରି ଆସିଛି। କୌଣସି ଜାତି ସମାଜ ଏକତ୍ରିତ ହେଲେ ନିର୍ବାଚନ ଫଳାଫଳ ଓଲଟାଇବାକୁ ସମର୍ଥ ହୋଇପାରନ୍ତି । ନୂଆପଡ଼ାରେ ୨ଲକ୍ଷ ୪୮ ହଜାର ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦% ହେଉଛନ୍ତି ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ। ସାଧାରଣ ଭାବରେ ଦେଖିଲେ ଏହି ବର୍ଗର ଭୋଟରଙ୍କ ସଂଖ୍ୟା ପ୍ରାୟ ୯୦ହଜାର । ସେହିପରି ୨୦ ପ୍ରତିଶତ ଯାଦବ ଭୋଟର (ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ) ଥିବାବେଳେ କୁଲତା ଭୋଟରଙ୍କ ସଂଖ୍ୟା ପ୍ରାୟ ୧୦ ହଜାର। ୨୦୦୦ ମସିହା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟର ଭୋଟରେ ଜନତା ଦଳର ସ୍ୱର୍ଗତଃ ଘାସିରାମ ମାଝୀ ଏବଂ କଂଗ୍ରେସର ଓଁକାର ସିଂ ମାଝୀ ଦୀର୍ଘ ୨୫ବର୍ଷ ଧରି ଶାସନକୁ ଅକ୍ତିଆର କରି ରଖିଥିଲେ। ପରବର୍ତ୍ତୀ ସମୟରେ ଏହି ଭୋଟବ୍ୟାଙ୍କ ତିନି ଭାଗରେ ବିଭକ୍ତ ହୋଇଗଲା। ଖାମସିଂ ମାଝୀଙ୍କ ନେତୃତ୍ୱରେ ବିଜେପିକୁ କିଛି ଭୋଟ ଯାଇଥିବାବେଳେ ଘାସିରାମ ମାଝୀଙ୍କ ନେତୃତ୍ୱରେ କଂଗ୍ରେସ ପାଖରେ କିଛି ଭୋଟ ରହିଥିଲା ଓ ଅନ୍ୟଏକ ଅଂଶ ଭାନୁପ୍ରତାପ ମାଝୀଙ୍କ ନେତୃତ୍ୱରେ ବିଜେଡିକୁ ଯାଇଥିଲା। ୨୦୦୦ ମସିହା ପରବର୍ତ୍ତୀ ସମୟରେ ବିଜେପିର ବସନ୍ତ ପଣ୍ଡା ଏବଂ ସ୍ୱର୍ଗତଃ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ କବ୍‌ଜାରେ ରହିଥିଲା। ହେଲେ ୨୦୨୪ ନିର୍ବାଚନରେ କୌଣସି ଆଦିବାସୀ ନେତାଙ୍କୁ ଟିକଟ ନ ମିଳିବା କାରଣରୁ ଆଦିବାସୀ ଭୋଟର ଧ୍ରୁବୀକରଣ ହୋଇଥିଲା ଓ ଏହା ଜରିଆରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ଦ୍ୱିତୀୟସ୍ଥାନକୁ ଉନ୍ନୀତ ହୋଇଥିଲେ। ହେଲେ ବର୍ତ୍ତମାନର ଉପ-ନିର୍ବାଚନରେ ଆଦିବାସୀ ନେତାମାନେ ପୁଣିଥରେ ନିଜ ନିଜର ଦଳ ପାଇଁ କାର୍ଯ୍ୟ କରୁଥିବାରୁ ସ୍ଥିତି କ'ଣ ହେବ ତାହା ଏବେଠାରୁ ଆକଳନ କରାଯାଇ ପାରୁନାହିଁ।

ଅନ୍ୟପକ୍ଷରେ ଯାଦବ ସମାଜର ମଧ୍ୟ ଜିଲ୍ଲାରେ ବେଶ ପ୍ରଭାବ ରହିଥିଲେ ହେଁ ଏହି ବର୍ଗର କୌଣସି ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ନାହାନ୍ତି। ମାତ୍ର ପୂର୍ବରୁ ରାଜ୍ୟ ସରକାର ନୂଆପଡ଼ା ଜିଲ୍ଲାରେ ଯେପରି ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିଲେ, ଗତ ଦେଢ଼ ବର୍ଷ ମଧ୍ୟରେ ସେପରି କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ଦେଖାଯାଉ ନାହିଁ। ଅନ୍ୟପକ୍ଷରେ ବିଏସ୍‌କେୱାଇରେ ଉପକୃତ ହୋଇଥିବା ଲୋକମାନେ ଏବେ ଆୟୁଷ୍ମାନ ସେବାରେ ଖୁସି ନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ଉତ୍କଳ ଯାଦବ ସମାଜର ପୂର୍ବତନ ମହାସଚିବ ଲମ୍ବୋଦର ନିଆଲ ନିଜ ଦଳ ପାଇଁ କେତେ ଯାଦବ ଭୋଟ ଟାଣି ପାରିବେ ତାହାର ପୂର୍ବ ଆକଳନ ସମ୍ପୂର୍ଣ୍ଣ ଅସ୍ପଷ୍ଟ। ସେହିପରି ଯାଦବ ସମାଜ ଜିଲ୍ଲା ସଭାପତି ଭରତ ଲାଲ ରାଉତ କଂଗ୍ରେସର ପ୍ରଚାରରେ ସାମିଲ ହୋଇଛନ୍ତି। ପୁନଶ୍ଚ କୁଲତା ସମାଜ ଏବଂ ସାହୁ ସମାଜ ମଧ୍ୟ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ବେଶ ପତିଆରା ରଖିଥାନ୍ତି। ମାତ୍ର ଚଳିତ ନିର୍ବାଚନରେ ସେମାନେ କେଉଁ ଆଡ଼କୁ ଢ଼ଳିବେ ତାହା ଏବେ ବି ଅସ୍ପଷ୍ଟ। ଏଭଳି ସ୍ଥିତିରେ ଜାତି ରାଜନୀତି ନିର୍ବାଚନ ସମୀକରଣକୁ କେତେ ପ୍ରଭାବିତ କରିବ ତାହା ପୂର୍ବାନୁମାନ କରିବା କଷ୍ଟ ମନେ ହେଉଛି।

## ବିଜେପି ବିରୋଧରେ ଆଚରଣ ବିଧି ଉଲ୍ଲଘଂନ ଅଭିଯୋଗ

# ସରକାରୀ ଯୋଜନା ଆଳରେ ଦଳୀୟ ପ୍ରଚାର: ବିଜେଡି

ଭୁବନେଶ୍ୱର,୨୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୂରୁପଯୋଗ ନେଇ ଶାସକ ବିଜେପି ବିରୋଧରେ ପୁଣିଥରେ ଅଭିଯୋଗ ଆଣିଛି ବିଜେଡି। ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ନେତୃବୃନ୍ଦ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ବିଜେପି ବିରୋଧରେ ଫେରାଦ୍ ହୋଇ ଆଦର୍ଶ ଆଚରଣ ବିଧି ଉଲ୍ଲଘଂନ ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି।

ବିଜେଡିର ଅଭିଯୋଗ ଅନୁଯାୟୀ ଚଳିତ ମାସ ୨୫ରେ ନୂଆପଡ଼ାରେ ବିଜେପି ପକ୍ଷରୁ ସୁଭଦ୍ରା ଶକ୍ତି ସମାବେଶ ନାମରେ ଏକ ସଭା ଆୟୋଜନ କରାଯାଇଥିଲା। ଏହାକୁ ସରକାରୀ ଯୋଜନାର ହିତାଧିକାରୀମାନଙ୍କ ସଭା ବୋଲି ଦର୍ଶାଯାଇଥିଲା। ଏହି ସଭାରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ଅନ୍ୟାନ୍ୟ ବିଜେପି ନେତାମାନେ ଉପସ୍ଥିତ ଥିଲେ। ବିଜେଡି ଅଭିଯୋଗ କରିଛି ଯେ ସରକାରୀ ଯୋଜନାର ନାମ ଓ ହିତାଧିକାରୀଙ୍କୁ ଦଳୀୟ ପ୍ରଚାର ପାଇଁ ବ୍ୟବହାର କରାଯାଇଛି, ଯାହା ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲଂଘନ ଓ ସରକାରୀ ଯୋଜନାର ଦୂରୁପଯୋଗ । ତେଣୁ ଏହି ଘଟଣା ଉପରେ ତତ୍କାଳ ନିରପେକ୍ଷ ତଦନ୍ତ ଆରମ୍ଭ କରିବା ସହ ନିର୍ବାଚନ ଆଚରଣବିଧି ଓ ଜନପ୍ରତିନିଧି ଆଇନ ୧୯୫୧ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି।



ସିଇଓଙ୍କ ନିକଟରେ ଅଭିଯୋଗ କଲେ ବିଜେଡି ପ୍ରତିନିଧି

ବିଜେଡି କହିଛି ଯେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସ୍ୱାଧୀନତା ରକ୍ଷା ହେବା ନିତ୍ୟାନ୍ତ ଆବଶ୍ୟକ। ସରକାରୀ ଯୋଜନାକୁ ଦଳୀୟ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଲୋକତନ୍ତ୍ର ପ୍ରତି ବଡ଼ ବିପଦ। ତେଣୁ ଆମ ଅଭିଯୋଗ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରୀ। ବିଜେଡିର ଏହି ପ୍ରତିନିଧି ଦଳରେ ଡ.ଲେନିନ ମହାନ୍ତି, ସୁମିତ୍ରା ଜେନା, ମିହିର ରାୟ, ନାରାୟଣ ଜେନା, ସଂଗ୍ରାମ ମହାପାତ୍ର, ରୀତାଞ୍ଜଳି ପ୍ରଧାନ, ସୋଫିଆ ଆଲମ, ଜ୍ୟୋତ୍ସ୍ନାମୟୀ ପରିଡା, ଅଂଶୁ ତ୍ରିପାଠୀ, ଇଲା ସ୍ୱାଇଁ ଓ ପ୍ରଦୀପ ପଣ୍ଡା ସାମିଲ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର, ୨୬।୧୦(ସମିସ): ଶିକ୍ଷକଙ୍କ ଦାବି ଶୁଣୁ ନାହାଁନ୍ତି ସରକାର; ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ପାଳନ କରୁ ନାହାନ୍ତି। ବିଦ୍ୟାଳୟରେ ଶିକ୍ଷକଙ୍କୁ ଶିକ୍ଷାଦାନ କରିବାକୁ ଉପଯୁକ୍ତ ବାତାବରଣ ନଦେଇ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ପିଲାଙ୍କ ଅନୁପାତରେ ଶିକ୍ଷକ ନ ଥିଲେ ମଧ୍ୟ ଖାଲି ଥିବା ପଦ ପୂରଣ କରୁ ନାହାଁନ୍ତି। ତେଣୁ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଚେତାବନୀ ଦେଇଛି।

ରବିବାର ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସଂଘ ପକ୍ଷରୁ କୁହାଯାଇଛି ଯେ ଗତ ସେପ୍ଟେମ୍ବର ୨୦ ତାରିଖରେ ସ୍କିମାଟିକ ଉଚ୍ଛେଦ, ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ୬ଟି ଇନକ୍ରିମେଣ୍ଟ ସହ ମୂଳ ଚାକିରିରେ ଗଣନା କରିବା, କ୍ୟାଡର ସଂଶୋଧନ, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ପ୍ରଦାନ ଆଦି ବିଭିନ୍ନ ଦାବିରେ ଆନ୍ଦୋଳନ କରାଯାଇଥିଲା। ବିଭାଗୀୟ ସଚିବ ଶିକ୍ଷକଙ୍କ ସହ ଆଲୋଚନା କରି ଏକମାସ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ସ୍କିମାଟିକ ଉଚ୍ଛେଦ କରିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହାକୁ ଏଯାଏଁ କାର୍ଯ୍ୟକାରୀ କରାଯାଉନାହିଁ। ହେଲେ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁଣି ଥରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, କୋଷାଧ୍ୟକ୍ଷ ଗୋପାଳ ସେନ, ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, ସନ୍ତୋଷ ଦୁବେ, ଦାମୋଦର ପଣ୍ଡା, ଦେବକାନ୍ତ ମେହେର, ଶରତ ସେଠୀ ଓ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଛନ୍ତି।

## ନିୟତିର ନିଷ୍ଠୁର ଖେଳ

# ଆଗପଛ ହୋଇ ଚାଲିଗଲେ ମା'-ପୁଅ

ସମ୍ବଲପୁର/ବଲାଙ୍ଗିର,୨୬।୧୦(ସମିସ): ଆଗପଛ ହୋଇ ଚାଲିଗଲେ ମା'-ପୁଅ। ହସ୍ପିଟାଲ ଶଯ୍ୟାରେ କଲବଲ ମା'ଙ୍କ ଅବସ୍ଥା ଦେଖିନପାରି ଗତ ଶନିବାର ପୁଅ ଆତ୍ମହତ୍ୟା କରିଥିଲେ। ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ପଡ଼ିଥିଲେ। ଆଜି ହସ୍ପିଟାଲରେ ଚିକିତ୍ସାଧୀନ ମା'ଙ୍କ ମୃତ୍ୟୁ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ମହାଲକ୍ଷ୍ମୀନଗର ପଡ଼ାର ଚାରୁପମା ମିଶ୍ରଙ୍କ ପରିବାର ସହ ନିୟତି ଏମିତି ନିଷ୍ଠୁର ଖେଳ ଖେଳିଛି। ଚାରୁପମା ଆଜି ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଗତକାଲି ଚିପିଲିମା ପାୱାର୍ କେନାଲରୁ ତାଙ୍କ ପୁଅ ସୌରଭ ସମ୍ବିତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ହୃଦୟବିଦାରକ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।



■ ହସ୍ପିଟାଲ ଶଯ୍ୟାରେ ରୋଗାକ୍ରାନ୍ତ ମା'ଙ୍କ ମୃତ୍ୟୁ
■ ମା' କଷ୍ଟ ସହି ନପାରି ଶନିବାର ପୁଅ ଆତ୍ମହତ୍ୟା କରିଥିଲେ

ସୂଚନାନୁଯାୟୀ, ଚାରୁପମା କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରଲୋକ ତାଙ୍କୁ ବୁର୍ଲା ଭୀମସାର୍‌ରେ ଭର୍ତ୍ତି କରାଇଥିଲେ। ସେଠାରେ ପୁଅ ସୌରଭ ସମ୍ବିତ ତାଙ୍କ ଦେଖାଶୁଣା କରୁଥିଲେ। କିନ୍ତୁ ଚାରୁପମାଙ୍କ ଅବସ୍ଥା ଦିନକୁ ଦିନ ସଂକଟାପନ୍ନ ହେବା ସହ ତାଙ୍କ କଷ୍ଟ ବଢ଼ିବାରେ ଲାଗିଥିଲା। ପାଖାପାଖି ୧୦ ଦିନ ମା'ଙ୍କ ପାଖେ ରହିଥିବା ସୌରଭ ନିଜ ଆଖି ଆଗରେ ମା'ଙ୍କ ଏ ଅବସ୍ଥା ଆଉ ଦେଖିପାରୁ ନଥିଲେ। ଭିତରୁ ଭିତରୁ ସେ ପୂରା ଭାଙ୍ଗି ପଡ଼ିଥିଲେ। ତେବେ ଗତ ୨୨ ତାରିଖରେ ସେ ହଠାତ୍ ମେଡିକାଲରୁ ଗାୟବ୍ ହୋଇଯାଇଥିଲେ। ପରେ ମା'ଙ୍କ ନିକଟକୁ ସୌରଭ ଏକ ଭାବବିହ୍ୱଳ ମେସେଜ୍ ପଠାଇ ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲି ପୁଲିସ ଖୋଜାଖୋଜି କରି ସୌରଭଙ୍କ ମୃତ ଶରୀର ଚିପଲିମା କେନାଲରୁ ଉଦ୍ଧାର କରିଥିଲା। ଏହାର ଦିନକ ପରେ, ଆଜି ମା' ଚାରୁପମା ହସପିଟାଲ ବେଡ୍‌ରେ ଶେଷ ନିଃଶ୍ୱାସ ନେଇଛନ୍ତି।

■ 'ମନ୍ କି ବାତ୍'ର ୧୨୭ତମ ସଂସ୍କରଣ

# କୋରାପୁଟ୍ କଫିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

କୋରାପୁଟ,୨୬ ।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସିଦ୍ଧ ରେଡିଓ ଶୋ 'ମନ କି ବାତ'ର ୧୨୭ତମ ପ୍ରସାରଣ ହୋଇଛି। ରବିବାର ହୋଇଥିବା ପ୍ରସାରଣରେ ସେ ଛଟ୍ ପୂଜା ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବ ତଥା ପର୍ବ ପାଳନରେ ସାମିଲ ହେବାକୁ ସେ ଦେଶବାସୀଙ୍କୁ ଅପିଲ କରିଥିଲେ। ସେ ଜିଏସ୍‌ଟି ସଂରକ୍ଷଣ ଉତ୍ସବ, ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ, ରନ୍ ଫର ୟୁନିଟି ଭଳି ଇଭେଣ୍ଟ ଆୟୋଜନ ନେଇ ମନ୍ତବ୍ୟ ଦେଇଥିଲେ। ସେହିପରି ସେ ଓଡ଼ିଶାର କୋରାପୁଟ ଜିଲ୍ଲାର ଉତ୍ପାଦନ ହେଉଥିବା କଫିକୁ ପ୍ରଶଂସା କରିଥିଲେ। ନିଆରା ସ୍ୱାଦ ଓ ବାସ୍ନା କାରଣରୁ କୋରାପୁଟ କଫି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ। କର୍ପୋରେଟ ଚାକିରି କରୁଥିବା ପେସାଦାର ଲୋକ ଏବେ ଏହି କଫି ଚାଷ କରିବାକୁ ଆଗଭର ହୋଇଛନ୍ତି ଓ ଏହି କଫି ଚାଷ ଦ୍ୱାରା ବହୁତ ଲାଭ ହେଉଥିବା କଥା ସେ କହିଛନ୍ତି। ଏଥର ବିଭିନ୍ନ ପର୍ବ ପର୍ବାଣୀ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ଜିଏସ୍‌ଟି ସଂରକ୍ଷଣ ଉତ୍ସବକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି ଓ ବଜାରରେ ସ୍ୱଦେଶୀ ଜିନିଷ କ୍ରୟରେ ଜବରଦସ୍ତ ବୃଦ୍ଧି ଘଟିଛି ବୋଲି ସେ କହିଥିଲେ। ନଭେମ୍ବର ୭ରେ 'ବନ୍ଦେ ମାତରମ'ର ୧୫୦ତମ ବର୍ଷ ପୂରଣ ହେବ ଓ ଏହାକୁ ସ୍ମରଣୀୟ କରିବାକୁ ସେ ଅପିଲ କରିଥିଲେ। ସେହିପରି ୬ଟି ପୋଖରୀ ଓ ୪୦ଟି କୂଅ ସଫା କରିଥିବା ବେଙ୍ଗାଲୁରୁର ଇଞ୍ଜିନିୟର କପିଲ ଶର୍ମାଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ।

# ପୁଣି ମୁଣ୍ଡ ନେଲା କୋଏଲ

ରାଉରକେଲା, ୨୬।୧୦ (ସମିସ): ହମିରପୁରସ୍ଥିତ କୋଏଲ ନଦୀରେ ଗାଧୋଇବା ବେଳେ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ, ହମିରପୁର କୁମ୍ଭାର ବସ୍ତିର ସୁନୀଲ ସିଂ(୩୫)। ଆଜି ସକାଳେ ସୁନୀଲ ଗାଧୋଇବା ପାଇଁ କୋଏଲ ନଦୀକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ଗଭୀର ଜଳକୁ ଭାସି ଯାଇ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ପିଲା ଏହା ଦେଖି ସେକ୍ଟର୍-୧୯ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁନୀଲ ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର କୁମ୍ଭାରବସ୍ତିରେ ରହୁଥିଲେ। ତାଙ୍କ ମୃତଶରୀରକୁ ଆଇଜିଏଚ୍ ମର୍ଗରେ ରଖାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

■ ମରାମତି ଆଳରେ ଲୁଟ୍

# ମୁଖ୍ୟ ଅଭିଯୁକ୍ତ ଗିରଫ, ୪ ସ୍କୁଟି ଜବତ



ରାଉରକେଲା, ୨୬।୧୦(ସମିସ): ମରାମତି ଆଳରେ ଇଭି ସ୍କୁଟର୍ ଲୁଟ୍ କରିବା ଅଭିଯୋଗରେ ସେକ୍ଟର୍-୩ ଥାନା ପୁଲିସ ଜଣେ ଧୂର୍ତ୍ତକୁ ଗିରଫ କରିଛି। ସେ ହେଲା, ସେକ୍ଟର୍-୫ କବି ସମ୍ରାଟପାଲି ବସ୍ତିର ମୁଖ୍ୟ ଅଭିଯୁକ୍ତ ଅମନ ଅଧିକାରୀ (୨୩) । ପୁଲିସ ତାକୁ ଆଜି କୋର୍ଟଚାଲାଣ କରିଛି। ତା'ଠାରୁ ୪ଟି ସ୍କୁଟର୍ ଜବତ କରାଯାଇଛି। ତେବେ ଜବତ ୪ଟି ସ୍କୁଟର୍‌କୁ କ୍ରୟ କରିଥିବା ୪ଜଣ କ୍ରେତାଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି।

ସୂଚନା ମୁତାବକ, ଏନ୍‌ଆଇଟିର ଜଣେ ଛାତ୍ର ଋଷିକେଶ ରାଜେଶ ଦାଣ୍ଡେ ଗତ ୨୦୨୩ ଜୁଲାଇ ୭ ତାରିଖରେ ଏକ କମ୍ପାନୀରୁ ସ୍କୁଟର କିଣିଥିଲେ। ସେଠାରେ ମିସ୍ତ୍ରି ଭାବେ କାମ କରୁଥିବା ଅମନ୍ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ସ୍କୁଟର୍ ମରାମତି ପାଇଁ ଚଳିତ ସେପ୍ଟେମ୍ବର ୨୦ରେ ଅମନ ସହ ଯୋଗାଯୋଗ କରି ଅନ୍‌ଲାଇନ୍ ଯୋଗେ ଅଗ୍ରୀମ ୫୦୦ଟଙ୍କା ପୈଠ କରିଥିଲେ। ହେଲେ ଅମନ ବିଭିନ୍ନ କଥା କହି ସ୍କୁଟର ମରାମତି କରି ଆଉ ଦେଉନଥିଲେ। ଏନେଇ ଅଭିଯୋଗକାରୀ ଅକ୍ଟୋବର ୧୨ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଅମନ ମରାମତି ନାଁରେ ପ୍ରଥମେ ଅଗ୍ରୀମ ଟଙ୍କା ଗ୍ରାହକଙ୍କଠାରୁ ନେଇ ପରେ ଆଉ ଧରାଛୁଆଁ ଦେଉନଥିଲା। ଏହାରି ମଧ୍ୟରେ ସ୍କୁଟରଗୁଡ଼ିକୁ ରାଉରକେଲା ସହରରେ ୩୦ରୁ ୪୦ହଜାର ଟଙ୍କାରେ ବିକ୍ରି କରି ଦେଉଥିଲା ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ତା'ଠାରୁ ୪ଟି ସ୍କୁଟର୍ ଜବତ କରାଯିବା ସହ ଜବତ ୪ଟି ସ୍କୁଟରକୁ କ୍ରୟ କରିଥିବା ୪ ଜଣ କ୍ରେତାଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ହୀରାକୁଦ ଜଳସ୍ତର ୬୨୯.୩୧ ଫୁଟ୍

ସମ୍ବଲପୁର, ୨୬।୧୦ (ସମିସ): ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ବଜାୟ ରଖାଯାଉଛି। ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୧,୬୨୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭,୦୩୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲରେ ୩୧,୮୪୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ୍, କେନାଲ ପାଇଁ ୪,୧୯୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୬.୫୨ଫୁଟ୍ ରହିଥିଲା ବୋଲି ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ୪ ଲକ୍ଷର ନକଲି ନୋଟ୍ ଜବତ, ୩ ଗିରଫ

ବିନିକା, ୨୬ ।୧୦(ସମିସ): ବେଧଡ଼କ ଚାଲିଛି ଜାଲ୍ ନୋଟ୍ କାରବାର। ସୁବର୍ଣ୍ଣପୁର ଜିଲ୍ଲାରୁ ଆଜି ୪ ଲକ୍ଷ ୧୫ଶହ ଟଙ୍କାର ନକଲି ନୋଟ୍ ଜବତ ହୋଇଛି। ଏହି ଘଟଣାରେ ବିନିକା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା (୨୩), ବିନିକା ବେଡେରାପଡ଼ାର ଅଶୋକ ନାଏକ (୨୮) ଏବଂ ଲଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ (୨୭)। ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଜବତ ନକଲି ନୋଟ୍ ମଧ୍ୟରେ ୮୦୩ଟି ୫୦୦ ଟଙ୍କିଆ ରହିଛି। ଅଭିଷେକ ଓ ଅନିଲ ଏହି ନକଲି ଟଙ୍କା ଅନ୍ୟ କାହାକୁ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ଚଢ଼ଉ କରି ସେମାନଙ୍କୁ କାବୁ କରିବା ସହ ଜାଲ୍ ନୋଟ୍ ଜବତ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ୩ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ତେବେ ଏହି ଜାଲ୍ ନୋଟ୍ କାରବାରର ଚେର ପଡ଼ୋଶୀ ବରଗଡ଼ ଜିଲ୍ଲାକୁ ମଧ୍ୟ ଲମ୍ବିଥିବା ବେଳେ ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି।



ତେଣୁ, ରାକେଟ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।

# ବାଘଛାଲ ଜବତ, ଦୁଇ ଗିରଫ

ମନମୁଣ୍ଡା, ୨୬ ।୧୦(ସମିସ): କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଜି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମନମୁଣ୍ଡା ଥାନା ଟୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଢ଼ୀଖମାର ଗ୍ରାମର ରଞ୍ଜିତ ଭୋକ୍ତା (୩୭)। ଅଭିଯୁକ୍ତଦ୍ୱୟ ମନମୁଣ୍ଡା-ବରପାଲି ରାସ୍ତା ଭାୟା ସୋନପୁର ଦେଇ ଏହି ବାଘଛାଲକୁ ଚାଲାଣ କରୁଥିବା ବେଳେ ଅର୍ଜୁନପୁର ଜଙ୍ଗଲ ନିକଟରେ ଏସଟିଏଫ୍ ସେମାନଙ୍କୁ ମାଡ଼ି ବସିଥିଲା। ଏକ ବ୍ୟାଗ୍‌ରେ ସେମାନେ ବାଘଛାଲ ନେଉଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି। ସେମାନେ କେଉଁ ଜଙ୍ଗଲରୁ ଏହି ବାଘଟିକୁ ଶିକାର କରିଛନ୍ତି ନା ଅନ୍ୟ କେଉଁ ଶିକାରୀଠାରୁ ଏହାକୁ ଆଣିଛନ୍ତି, ସେନେଇ ଏସ୍‌ଟିଏଫ୍ ସେମାନଙ୍କୁ ପଚରାଉଚରା କରୁଛି।



# ରାତି ୧୨ରେ ବାଇଶିପାହାଚରେ ଅସମ୍ଭାଳ ସ୍ଥିତି

ପୁରୀ, ୨୬।୧୦(ସମିସ): ଶନିବାର ରାତି ପ୍ରାୟ ୧୨ଟା। ଶ୍ରୀମନ୍ଦିର ବାଇଶିପାହାଚରେ ଦେଖିବାକୁ ମିଳିଥିଲା ସଙ୍ଗିନ ସ୍ଥିତି। ଅଣାୟତ୍ତ ହୋଇଥିଲା ଭିଡ଼। ସୁରକ୍ଷାକର୍ମୀମାନେ କେବଳ ଦେଖଣାହାରୀ ସାଜିଥିଲେ। ଭିଡ଼ ଏମିତି ହୋଇଥିଲା ଯେ କିଛି ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଂହଦ୍ୱାରରେ ଭକ୍ତ ମନ୍ଦିରକୁ ପ୍ରବେଶ କରୁଥିବା ବେଳେ ଦର୍ଶନ ସାରି ଶ୍ରଦ୍ଧାଳୁ ମଧ୍ୟ ସିଂହଦ୍ୱାରରେ ବାହାରୁଥିଲେ। ଯେଉଁଥିପାଇଁ ବାଇଶିପାହାଚରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଗହଳିରୁ ବାହାରିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମହାପ୍ରଭୁଙ୍କ କୃପାରୁ ଯଦିଓ ସେମିତି କିଛି ଅଘଟଣ ଘଟିନାହିଁ ତେବେ କାହିଁକି ଏଭଳି ଏକ ସ୍ଥିତି ଉପୁଜିଲା। ଏଠି ପ୍ରଶ୍ନଉଠୁଛି ଯଦି କିଛି ଅଘଟଣ ଘଟିଥାନ୍ତା, ତେବେ ଏଥିପାଇଁ କାହାକୁ ଦାୟୀ କରାଯାଇଥାନ୍ତା?




ଏବେ ଚାଲିଛି କାର୍ତ୍ତିକ ମାସ। ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହୁଛି। ତେବେ ୨୫ ତାରିଖ ଚତୁର୍ଥ ଶନିବାର ଯୋଗୁଁ ଲଗାତର ଦୁଇଦିନିଆ ଛୁଟି ଥିଲା। ତେଣୁ ଶନିବାର ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଦିନତମାମ୍ ମନ୍ଦିରରେ ଭିଡ଼ ଥିବାବେଳେ ରାତିରେ ଗହଳି ଆହୁରି ବଢିଥିଲା। ଅନେକ ଦିନରେ ଭିଡ଼ ଯୋଗୁ ନ ଆସି ରାତି ୧୦ଟା ପରେ ଦର୍ଶନ ପାଇଁ ଆସିବାକୁ ଯୋଜନା କରିଥିଲେ। ଏଥିସହ ପୁରୀବାସୀ ବି ପ୍ରତିଦିନ ଭଳି ରାତିରେ ଦର୍ଶନ କରିବାକୁ ଆସିଥିଲେ। ଏଥିପାଇଁ ମନ୍ଦିରରେ ରାତିରେ ଗହଳି ଅସମ୍ଭାଳକ ହୋଇଥିଲା। ଏହାରି ଭିତରେ ଏକ ଖାମଖିଆଲି ଦୃଶ୍ୟ ଦେଖିବାକୁ ମିଳିଥିଲା। ରାତି ୧୨ଟା ସମୟରେ ବାଇଶିପାହାଚରେ ଖୁଦ ପକାଇବା ପାଇଁ ଜାଗା ନ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭକ୍ତ ସିଂହଦ୍ୱାର ଦେଇ ଦର୍ଶନ ପାଇଁ ଯାଉଥିବା ବେଳେ ମନ୍ଦିରରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ବାହାରକୁ ଆସୁଥିଲେ। ଫଳରେ ବାଇଶିପାହାଚରେ ପ୍ରତିପକ୍ଷ ଭକ୍ତଙ୍କ ଭିଡ଼ ଏମିତି ହୋଇଥିଲା ଯେ, ଅନେକ ଅଣନିଶ୍ୱାସୀ ହୋଇପଡିଥିଲେ। ଗହଳିରୁ ମୁକ୍ତି ପାଇବା ପାଇଁ ଠେଲାପେଲା ବି ହୋଇଥିଲା। ସୌଭାଗ୍ୟବଶତଃ ସେମିତି କିଛି ବଡ ଅଘଟଣ ଘଟି ନାହିଁ। କିନ୍ତୁ ଏଭଳି ଏକ ସ୍ଥିତିକୁ ଏଡାଇ ଦିଆଯାଇପାରିଥାନ୍ତା। ଦର୍ଶନ ସାରିଥିବା ଭକ୍ତଙ୍କୁ ଅନ୍ୟ ତିନିଦ୍ୱାରରେ ବାହାରକୁ ଛଡା ଯାଇଥିଲେ ଏମିତି ଅଣାୟତ୍ତ ସ୍ଥିତି ଉପୁଜି ନ ଥାନ୍ତା। ତେବେ ଏଠାରେ ପ୍ରଶ୍ନଉଠୁଛି ସୁରକ୍ଷା କର୍ମୀମାନେ କରୁଥିଲେ କ'ଣ? ସେମାନେ କାହିଁକି ସିଂହଦ୍ୱାର ଦେଇ ଭକ୍ତଙ୍କୁ ବାହାରକୁ ଛାଡୁଥିଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆଗକୁ ପଞ୍ଚୁକ। ଶ୍ରୀମନ୍ଦିରରେ ଆହୁରି ଭିଡ଼ ଲାଗିବ। ବ୍ୟବସ୍ଥିତ ଢଙ୍ଗରେ ଭିଡ଼ ନିୟନ୍ତ୍ରଣ ନ କଲେ କୌଣସି ସମୟରେ ଅଘଟଣ ଘଟିପାରେ। ଏଥିପାଇଁ ପ୍ରଶାସନ ସଜାଗ ହେବା ଦରକାର ବୋଲି କହିଛନ୍ତି ପୁରୀର ବୁଦ୍ଧିଜୀବୀ ସ୍ୱାଧୀନ କୁମାର ପଣ୍ଡା।

■ ଠେଲାପେଲାରେ ଅଣନିଃଶ୍ୱାସୀ ଭକ୍ତ
■ ଅଘଟଣ ଘଟିଥିଲେ ଦାୟୀ ହୋଇଥା'ନ୍ତା କିଏ?

ସକାଳ THE SAKALA



# ଏକ ହେବେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନର ଦୁଇ ଗୋଷ୍ଠୀ

**ସମ୍ବଲପୁର, ୨୬।୧୦ (ସମିସ)**

ଅଲ ଓଡ଼ିଶା ଲୟର୍ସ ଆସୋସିଏସନ (ଆଓଲା) ଦୁଇଭାଗ ହୋଇଯାଇଛି। ଏହାଦ୍ୱାରା ରାଜ୍ୟର ଆଇନଜୀବୀମାନଙ୍କ ମଧ୍ୟରେ ଏକତାର ଅଭାବ ରହିଛି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏହି ଦୁଇ ଗୋଷ୍ଠୀକୁ ଏକ କରିବାକୁ ସେତୁ (ବ୍ରିଜ୍) ଭାବେ ପ୍ରୟାସ ଆରମ୍ଭ କରାଯାଇଛି। ଆଜି ସମ୍ବଲପୁରରେ ଗୋଟିଏ ଗୋଷ୍ଠୀର ଓକିଲଙ୍କ ପ୍ରତିନିଧି ପହଞ୍ଚିଥିବାବେଳେ ଅନ୍ୟ ଗୋଷ୍ଠୀ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ସେମାନଙ୍କ ବାରିପଦା କାର୍ଯ୍ୟକାରିଣୀରେ ଯୋଗ ଦେଇଥିଲେ। ତେବେ ସେମାନେ ଫୋନ ଯୋଗେ ସମର୍ଥନ ଜଣାଇବା ସହ କାର୍ଯ୍ୟକାରିଣୀରେ ସମ୍ବଲପୁରରେ ଡିସେମ୍ବର ୨୯-୩୦ରେ ହେବାକୁ ଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସରେ ଯୋଗଦେବାକୁ ରିଜୋଲ୍ୟୁସନ୍ ପାରିତ କରି ଜଣାଇବେ ବୋଲି କହିଛନ୍ତି। ଏହାକୁ ନେଇ ସମ୍ବଲପୁର ଓକିଲ ସଂଘ ଆଶାବାଦୀ ରହିଥିବା ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ମତବ୍ୟକ୍ତ କରିଛନ୍ତି।

ସମ୍ବଲପୁର ଓକିଲ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ଯେ, ଆଓଲା ଗୋଟିଏ ଅନୁଷ୍ଠାନ ହେଇ କି ରହୁ। ଓକିଲ ମାନଙ୍କ ଏକତା ବଜାୟ ରଖିବା ପାଇଁ ସମ୍ବଲପୁର ସଂଘ ନେତୃତ୍ୱ ନେଇଛି। ଉଭୟ ଗୋଷ୍ଠୀଙ୍କୁ ଆଜି ସମ୍ବଲପୁରକୁ ଆସିବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ଗୋଟିଏ ଗୋଷ୍ଠୀର ପ୍ରତିନିଧି ଆଜି ନିମନ୍ତ୍ରଣ ରକ୍ଷା କରି ଆସିଥିବାବେଳେ ଅନ୍ୟ ଗୋଷ୍ଠୀ ସମ୍ବଲପୁର ସଂଘ ଚିଠିଦେବା ପୂର୍ବରୁ ବାରିପଦାରେ ତାଙ୍କ କାର୍ଯ୍ୟକାରିଣୀ ବୈଠକ ସ୍ଥିର କରିଥିଲେ। ତେଣୁ ସେମାନେ ଯୋଗ ଦେଇନଥିବାବେଳେ ଫୋନ ଯୋଗେ ଏଭଳି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ସମ୍ବଲପୁର ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ଅନ୍ୟ ଗୋଷ୍ଠୀର ନେତୃତ୍ୱ ସେମାନଙ୍କ କାର୍ଯ୍ୟକାରିଣୀରେ ରିଜୋଲ୍ୟୁସନ୍ ପାରିତ କରି ସମ୍ବଲପୁରରେ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ କରିବାକୁ ଜଣାଇବେ। ଦୁଇପକ୍ଷରୁ ଗୋଟିଏ ପକ୍ଷ ରାଜି ଥିବାବେଳେ ଅନ୍ୟପକ୍ଷ ଫୋନଯୋଗେ ସହମତି ଜଣାଇଛନ୍ତି। ସେମାନେ ମଧ୍ୟ ରାଜି ହୋଇଯିବେ ବୋଲି ବୋଲି ସଭାପତି ଶ୍ରୀ

**ସେତୁ ସାଜିବ ସମ୍ବଲପୁର ଓକିଲ ସଂଘ**



ବହିଦାର ଆଶାପ୍ରକାଶ କରିଛନ୍ତି। ଏହାପରେ ସମ୍ବଲପୁର ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଏହି କନଫରେନ୍ସ ସମ୍ବଲପୁରରେ ହେଲେ କାର୍ଯ୍ୟ ଖସଡ଼ାକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସମ୍ବଲପୁରରେ କନଫରେନ୍ସ ହେଲେ ରାଷ୍ଟ୍ରପତିଙ୍କୁ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଅନୁରୋଧ କରାଯିବ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇପାରନ୍ତି ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରାୟ ୮-୯ ବର୍ଷ ତଳେ କୌଣସି ବିଷୟକୁ ନେଇ ମତପାର୍ଥକ୍ୟ, ମନୋମାଳିନ୍ୟ, ମତଭେଦ ହେବାପରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇଟି ଗୋଷ୍ଠୀ ଡିସେମ୍ବର ୨୯ ଓ ୩୦ ତାରିଖରେ ହେଉଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ପୃଥକ୍ ପୃଥକ୍ ଭାବେ ଆୟୋଜନ କରୁଛନ୍ତି। ସାରା ଓଡ଼ିଶାର ଓକିଲମାନେ ଦୁଇଭାଗରେ ବିଭକ୍ତ ହୋଇଯାଇଛନ୍ତି। ଗୋଟିଏ କନଫରେନ୍ସରେ ଯୋଗଦେଲେ ଅନ୍ୟଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଚଳିତବର୍ଷର ନୂତନ କର୍ମକର୍ତ୍ତାଙ୍କୁ ଭୁବନେଶ୍ୱରଠାରେ ଆଓଲାର ଗୋଟିଏ ଗୋଷ୍ଠୀ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତି ପ୍ରଦୀପ ବହିଦାର ଓକିଲ ମାନଙ୍କ ସ୍ୱାର୍ଥ ସାଧନ ପାଇଁ, ଜନତାଙ୍କ ସ୍ୱାର୍ଥ ସାଧନ ସହିତ ସମାଜର ବଳିଷ୍ଠ ନେତୃତ୍ୱ ନେବାପାଇଁ ଆଓଲାରେ ଗୋଷ୍ଠୀବିବାଦ ନହୋଇ ଆଓଲା ଗୋଟିଏ ହୋଇ ରହିବାପାଇଁ ପ୍ରସ୍ତାବ ଦେଇଥିଲେ।

ଅନ୍ୟପକ୍ଷରେ ଯଦି ଅପରଗୋଷ୍ଠୀ ରିଜୋଲ୍ୟୁସନ କରି ନଦିଅନ୍ତି ତେବେ କ'ଣ କରାଯିବ ବୋଲି ପ୍ରଶ୍ନର ଉତ୍ତରରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି ଯେ, ଆମେ ସାଧାରଣ ପରିଷଦ ବୈଠକରେ ନିଆଯାଇଥିବା ରିଜୋଲ୍ୟୁସନ୍‌ରେ ଅଟଳ ରହିବୁ। ଏଥିରେ ପ୍ରସ୍ତାବ ପାରିତ ହୋଇଛି ଯେ, ଯଦି ଉଭୟ ଗୋଷ୍ଠୀ ଏକ ହେବାକୁ ସହମତି ଦିଅନ୍ତି ତେବେ ସମ୍ବଲପୁରରେ ଲୟର୍ସ କନଫରେନ୍ସ କରିଯିବ। ଅନ୍ୟଥା କରାଯିବ ନାହିଁ। ଏହାପରେ ଆମେ ଏନେଇ ଜିଲ୍ଲା ଓକିଲ ସଂଘ ସାଧାରଣ ପରିଷଦକୁ ଜଣାଇଦେବୁ ଏବଂ ସେମାନେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ସାନଭାଇ ମାଡ଼ରେ ଗୁରୁତର ବଡ଼ ଭାଇର ମୃତ୍ୟୁ

**ସମ୍ବଲପୁର, ୨୬।୧୦(ସମିସ):** ଧନୁପାଲି ଥାନା ଅଞ୍ଚଳରେ ବଡ଼ ଭାଇକୁ ସାନ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା କୁରେଇଟୋଲା ଅଞ୍ଚଳରେ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ସୁନୀଲ ମୁଣ୍ଡା। ସାନ ଭାଇ ଅନିଲ ମୁଣ୍ଡା ଫେରାର ହେଉଥିବା ବେଳେ ପୁଲିସ କାବୁ କରିଥିବା ଜଣା ପଡ଼ିଛି। ସୂଚନା ଅନୁସାରେ ବଡ଼ ଭାଇ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅନିଲ ବଡ଼ ଭାଇକୁ ମାଡ଼ ମାରିଥିଲା। ଫଳରେ ଚିକିତ୍ସାଧିନ



ଅବସ୍ଥାରେ ମୃତ୍ୟୁ ହୋଇଥିବା ସୁନୀଲଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଅଟକ ରଖିଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣା ପଡ଼ିବ ବୋଲି ପୁଲିସ କହିଛି।

# ମା' ଦଶମତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ସମ୍ବଲପୁର, ୨୬।୧୦ (ସମିସ):** ସ୍ଥାନୀୟ ଚେରୁଆପଡ଼ା ନନ୍ଦିନୀ କଲୋନୀରେ ମା' ଦଶମତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର କଳସ ଯାତ୍ରା ହୋଇଥିଲା। ସୋମବାର ଚଣ୍ଡୀପାଠ ସହିତ ହୋମଯଜ୍ଞ ଆରମ୍ଭ ହେବ। କର୍ତ୍ତାଭାବେ ପ୍ରଦୀପ ଭୋଇ ଓ ଧର୍ମ ପତ୍ନୀ ପଦ୍ମାଳୟା ଭୋଇ, ରାଜେଶ ସାହୁ ଓ କଲ୍ୟାଣୀ ସାହୁ, ସନ୍ତୋଷ ବେହେରା ଓ ବାସନ୍ତୀ ବେହେରା ଏବଂ ସନ୍ତୋଷ ନାଏକ ଓ ଧର୍ମପତ୍ନୀ ଶୋଭାରାଣୀ ନାଏକ କାର୍ଯ୍ୟ ସମ୍ପାଦନା ତୁଲାଇବେ।

# ଗାନ୍ଧୀନଗର କାଳୀପୂଜା ଉଦ୍‌ଯାପିତ

**ସମ୍ବଲପୁର, ୨୬।୧୦(ସମିସ):** ହୀରାକୁଦ ଗାନ୍ଧୀନଗର ଠାରେ କାଳୀପୂଜା ସମ୍ପନ୍ନ ହୋଇଛି। ପ୍ରତିବର୍ଷ ପରି ଏହି ବର୍ଷ କାଳୀପୂଜା ଧୂମଧାମରେ ପାଳନ କରାଯାଇଥିଲା। ପାଞ୍ଚ ଦିନ ଚାଲିଥିବା ପୂଜା ଆଜି ଭଷାଣି ସହିତ ସମ୍ପର୍ଣ୍ଣ ହୋଇଯାଇଛି। କର୍ତ୍ତା ଭାବେ କାଳିନ୍ଦୀଚରଣ ସାହୁ, ସସ୍ମିତା ସାହୁ, ପୂଜକ ଭାବେ ନିରଞ୍ଜନ ଷଡ଼ଙ୍ଗୀ, ଅସୀମ ଷଡ଼ଙ୍ଗୀ ଓ ସହଯୋଗୀମାନେ ଉପସ୍ଥିତ ଥିଲେ। ମହିଳା ମାନେ ଭଷାଣି ଉତ୍ସବରେ ଉପସ୍ଥିତ ରହି ନୃତ୍ୟ ପରିବେଷଣ କରିଥିଲେ। ହୀରାକୁଦ ରିଙ୍ଗ ରୋଡ ଦେଇ ଭଷାଣି ଶୋଭାଯାତ୍ରା ହୋଇଥିଲା।ଗାନ୍ଧୀନଗର କାଳୀ ପୂଜାର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



# ସ୍ୱର୍ଣ୍ଣପଦକ ବିଜେତା ପ୍ରିୟଙ୍କାଙ୍କୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ

**ସମ୍ବଲପୁର, ୨୬।୧୦ (ସମିସ) :** ଗତ ୧୯ ତାରିଖରୁ ବାହାରିନ୍‌ଠାରେ ଆୟୋଜିତ ଏସିଆନ୍ ୟୁଥ୍ କବାଡ଼ି ପ୍ରତିଯୋଗିତାରେ ଅଣ୍ଡର-୧୮ ଯୁବ ଭାରତୀୟ ବାଳିକା କବାଡ଼ି ଦଳ ସ୍ୱର୍ଣ୍ଣପଦକ ହାସଲ କରିଛି। ଏହି ଭାରତୀୟ ଦଳର ସଦସ୍ୟା ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ଆଜି ସମ୍ବଲପୁରକୁ ଫେରିଛନ୍ତି। ସମ୍ବଲପୁର ସିଟି ରେଳଷ୍ଟେସନଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଆଜି ସେ ସମ୍ବଲପୁରରେ ପହଞ୍ଚିବାପରେ ବିଭିନ୍ନ କ୍ରୀଡ଼ା ସଂଗଠନ ଓ କ୍ରୀଡ଼ାପ୍ରେମୀ ମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରିୟଙ୍କା ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ-୨ ଦ୍ୱିତୀୟ ବର୍ଷ ଛାତ୍ରୀ। ପ୍ରିୟଙ୍କାଙ୍କ ବାପା ସୁରେନ୍ଦ୍ର ପଧାନ ଓ ମା' ସଞ୍ଜୁ ପଧାନ ଏବଂ ତାଙ୍କ କୋଚ୍ ଶ୍ରୀକାନ୍ତ ବାରିକ ତାଙ୍କୁ ଏହି ସଫଳତା ଦିଗରେ ପ୍ରେରିତ ଓ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଭାରତୀୟ ମହିଳା ଦଳ ଏହି ଅଣ୍ଡର-୧୮ କବାଡ଼ି ପ୍ରତିଯୋଗିତାରେ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛି। ଓଡ଼ିଶାରୁ ପ୍ରିୟଙ୍କା ଭାରତୀୟ ଦଳ ସକାଶେ ଚୟନ ହୋଇ ସମସ୍ତ ମ୍ୟାଚ୍ ଖେଳିଥିଲେ। ଆଜି ସମ୍ବଲପୁର ପହଞ୍ଚିବା ପରେ ପ୍ରିୟଙ୍କା କହିଛନ୍ତି, ସ୍ୱର୍ଣ୍ଣପଦକ ଜିଣିବା ପାଇଁ ଆମ ଦଳକୁ ବହୁତ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ତାଙ୍କ ସଫଳତାର ଶ୍ରେୟ କୋଚ୍ ଶ୍ରୀକାନ୍ତ ବାରିକ ଓ ବାପାମା'ଙ୍କୁ ଦେଇଛନ୍ତି। କୋଚ୍ ଶ୍ରୀକାନ୍ତ ବାରିକ କହିଛନ୍ତି ଯେ, ପ୍ରିୟଙ୍କା ଛୋଟବେଳୁ ବହୁତ ପରିଶ୍ରମ କରୁଥିଲେ ଏଣୁ ତାଙ୍କ ଉପରେ ମୋର ବହୁତ ଭରସା ରହିଥିଲା। ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ ଓ ଅନ୍ୟମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ସମ୍ବଲପୁର ମାଟିରୁ ଏଭଳି ଆହୁରି ପୁଅ ଝିଅ ବାହାରନ୍ତୁ ବୋଲି ଶ୍ରୀ ବାରିକ ଆଶାପ୍ରକାଶ କରିଥିଲେ। ଏସୀୟ ଯୁବା କ୍ରୀଡ଼ାରେ ବିଜୟୀ ହେବାପରେ ଗତ ୨୪ ତାରିଖ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସରେ ଲେଖିଛନ୍ତି ଯେ, ବାହାରିନଠାରେ ଅନୁଷ୍ଠିତ ତୃତୀୟ ଏସୀୟ ଯୁବା କ୍ରୀଡ଼ା ପ୍ରତିଯୋଗିତା -୨୦୨୫ରେ ପୁରୁଷ ଓ ମହିଳା ବର୍ଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବାରୁ ଭାରତୀୟ କବାଡ଼ି ଦଳକୁ ହାର୍ଦ୍ଦିକ ଶୁଭେଚ୍ଛା। ସମ୍ବଲପୁରର ଝିଅ ପ୍ରିୟଙ୍କା ପ୍ରଧାନ ଖେଳ ମାଧ୍ୟମରେ ଆମ ରାଜ୍ୟ ତଥା ଦେଶକୁ ଗର୍ବିତ କରିଥିବାରୁ ତାଙ୍କୁ ଅଭିନନ୍ଦନ। ଆଗାମୀ ଦିନରେ ପ୍ରିୟଙ୍କାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ଥାଇଲାଣ୍ଡ ଫୋକ୍‌ଲୋର୍ ଫେଷ୍ଟିଭାଲ୍‌ରେ ଯୋଗଦେବ ସମ୍ବଲପୁରୀ ନୃତ୍ୟଦଳ

**ସମ୍ବଲପୁର, ୨୬।୧୦ (ସମିସ) :** ଆସନ୍ତା ଅକ୍ଟୋବର ୩୧ ରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ୩୯ତମ ଥାଇଲାଣ୍ଡ ଫୋକଲୋର୍ ଫେଷ୍ଟିଭାଲରେ ସମ୍ବଲପୁର ଟ୍ରାଇବାଲ୍ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟରର ଆଲୋକ କୁମାର ପଣ୍ଡାଙ୍କ ନୃତ୍ୟଦଳ ଯୋଗ ଦେଇ ବିଭିନ୍ନ ସହରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ। ସେଗୁଡ଼ିକ ମଧ୍ୟରେ ଇଣ୍ଟରନେସନାଲ ଲୋଇ କ୍ରାଥୋଙ୍ଗ ଫେଷ୍ଟିଭାଲର ଉଦ୍‌ଘାଟନୀ, ବିଶ୍ୱଶାନ୍ତି ପାଇଁ ଶୋଭାଯାତ୍ରା ଏବଂ ଇଣ୍ଟରନେସନାଲ କାଥିନ ସେରେମୋନି, ବ୍ୟାଙ୍କକ୍ ଆଇସିସିଆର୍ ଅଡିଟୋରିଅମ୍‌ରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଏହି ଫେଷ୍ଟିଭାଲରେ ଆଲୋକ ପଣ୍ଡାଙ୍କ ସମ୍ବଲପୁରୀ ନୃତ୍ୟ ଦଳ ସହ ଆଉ ୧୦ଟି ଦେଶର ନୃତ୍ୟ ଦଳମାନେ ଯୋଗ ଦେବେ ବୋଲି ଜଣାପଡ଼ିଛି।

# ସମ୍ବଲପୁର ରେଳମଣ୍ଡଳରେ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା

**ସମ୍ବଲପୁର, ୨୬।୧୦ (ସମିସ) :** ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋଆର୍‌ଏସ୍‌ଏ) ପକ୍ଷରୁ ସମ୍ବଲପୁରର ରେଳ ଷ୍ଟାଡିୟମରେ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା - ୨୦୨୫ ଆୟୋଜନ କରାଯାଉଛି। ଟୁର୍ଣ୍ଣାମେଣ୍ଟରେ ବିଭାଗର ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧ୍ୟକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଥିଲେ। ତାଙ୍କ ଉଦଘାଟନୀ ଭାଷଣରେ ଶ୍ରୀ ଚୌଧୁରୀ କର୍ମଚାରୀମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଏବଂ ଦଳଗତ ମନୋଭାବ ବୃଦ୍ଧି କରିବାରେ କ୍ରୀଡାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ କର୍ମଚାରୀଙ୍କୁ ଭାଇଚାରା ଏବଂ କ୍ରୀଡା ମନୋଭାବ ସହିତ କ୍ରୀଡା ଏବଂ ଖେଳରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏପରି କାର୍ଯ୍ୟକଳାପ କାର୍ଯ୍ୟକ୍ଷେତ୍ର ଦକ୍ଷତା ଏବଂ ସୌହାର୍ଦ୍ଦ୍ୟରେ ସକାରାତ୍ମକ ଅବଦାନ ରଖେ ବୋଲି କହିଥିଲେ। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ମେକାନିକାଲ୍ ଦଳ ଏବଂ ଇଲେକ୍ଟ୍ରିକାଲ୍ (ଓପି) ଦଳ ମଧ୍ୟରେ ଖେଳାଯାଇଥିଲା, ଯେଉଁଠାରେ ଇଲେକ୍ଟ୍ରିକାଲ୍ (ଓପି) ଦଳ ୨-୦ ସ୍କୋରଲାଇନ୍ ସହିତ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଇଞ୍ଜିନିୟରିଂ ଦଳ ଏବଂ ଆର୍‌ପିଏଫ୍ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା, ଯେଉଁଥିରେ ଇଞ୍ଜିନିୟରିଂ ଦଳ ୧-୦ ବିଜୟ ହାସଲ କରିଥିଲା। କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଂଯୋଜନା କରିଥିଲେ। ମହିଳା କଲ୍ୟାଣ ସଂଗଠନର ସଦସ୍ୟା, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ପଡ଼ିଆରେ ଉପସ୍ଥିତ ଥିଲେ।



# କେନ୍ଦୁପତ୍ର କର୍ମଚାରୀ ସଂଘର ସମାବେଶ ଓ ଧାରଣା ସ୍ଥଗିତ

**ସମ୍ବଲପୁର, ୨୬।୧୦ (ସମିସ) :** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ସଂଘର ଆଗାମୀ ଅକ୍ଟୋବର ୨୯ ତାରିଖର ଭୁବନେଶ୍ୱରରେ ଲୋୟର ପିଏମ୍‌ଜି ନିକଟରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟରେ ହେବାକୁ ଥିବା ସମାବେଶ ଓ ଧାରଣା ତଥା ସାଧାରଣ ସଭା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସରକାର ଉକ୍ତ ଦିନ ସଂଘର କର୍ମକର୍ତ୍ତା ମାନଙ୍କ ସହ ସଂଘର ବିଭିନ୍ନ ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋଚନା ଜରିଆରେ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରୁଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ଘରୋଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଫୋନ ଯୋଗେ ଜଣାଇ ସମାବେଶ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଏହାସହିତ ଏକ କର୍ମକର୍ତ୍ତା ପ୍ରତିନିଧି ମଣ୍ଡଳୀକୁ ଆଲୋଚନା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି। ଏଣୁ ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ସମାବେଶ ଶୋଭାଯାତ୍ରା ଓ ସାଧାରଣ ସଭାର କାର୍ଯ୍ୟକ୍ରମ ସଂଘ ସ୍ଥଗିତ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ବୋଲି ସଭାପତି ଶ୍ରୀ ମହାନ୍ତି ଜଣାଇଛନ୍ତି।

# ରାଜ୍ୟସ୍ତରୀୟ କଳା ଉତ୍ସବରେ ବିକାଶ ଛାତ୍ରଛାତ୍ରୀଙ୍କ ସଫଳତା

**ସମ୍ବଲପୁର, ୨୬।୧୦ (ସମିସ) :** ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲର ଛାତ୍ରଛାତ୍ରୀ ମିନାକ୍ଷୀ ମହାନ୍ତି, ସାଇଶ୍ରିତା ପାଣିଗ୍ରାହୀ, ସୌମ୍ୟରଞ୍ଜନ ସାହୁ ଏବଂ ଓମ୍ ପ୍ରସାଦ ଗତ ୨୨ ତାରିଖରେ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟସ୍ତରୀୟ କଳା ଉତ୍ସବ ୨୦୨୫'ରେ ସଙ୍ଗୀତ ପ୍ରତିଯୋଗୀତାରେ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହାପୂର୍ବରୁ ବ୍ଲକସ୍ତରୀୟ କଳା ଉତ୍ସବ, ଜିଲ୍ଲାସ୍ତରୀୟ କଳା ଉତ୍ସବ ଓ ଜୋନାଲସ୍ତରୀୟ କଳାଉତ୍ସବରେ ଭାଗ ନେଇ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ କଳା ଉତ୍ସବକୁ ମନୋନୀତ ହୋଇଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍



ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା ଛାତ୍ରଛାତ୍ରୀ ତଥା ସଙ୍ଗୀତ ଗୁରୁ ଲବ ଭୂୟାଁ ଓ ବାଦ୍ୟଯନ୍ତ୍ର ଗୁରୁ ନବ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀର ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲ ଅଧ୍ୟକ୍ଷା ଡି. ଶାନ୍ତା, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧ୍ୟକ୍ଷ ଯଶୱନ୍ତ ସାହୁ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ମିସ୍ ଟିନ୍ ଓ ମାଷ୍ଟର ଟିନ୍ ଅଡିସନ



**ସମ୍ବଲପୁର, ୨୬।୧୦ (ସମିସ) :** ଜଗନ୍ନାଥ କଲୋନୀସ୍ଥିତ ହମ୍ପଟି ଡମ୍ପଟି ସ୍କୁଲଠାରେ ଆଜି ମିସ ଟିନ ଓ ମାଷ୍ଟର ଟିନ ଅଡିସନ୍ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ଅଡିସନ୍‌ରେ ୧୩ ରୁ ୧୯ ବର୍ଷ ବୟସ ବର୍ଗର ବିଭିନ୍ନ ସ୍କୁଲର ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ବିଚାରକଭାବେ ନୃତ୍ୟ ନିର୍ଦ୍ଦେଶକ ଅସୀମ ପ୍ରଧାନ, ମିସେସ୍ ଓଡ଼ିଶା ୨୦୨୧-୨୨ ରାଣୀ ଦାସ ଏବଂ ଡିଜାଇନର୍ ହେମନ୍ତ ପ୍ରଧାନ ମୂଲ୍ୟାଙ୍କନ କରିଥିଲେ। ଆୟୋଜନ ସମିତି ପକ୍ଷରୁ ଚେୟାରମ୍ୟାନ ଇଂ. ସୁଶାନ୍ତ ଗୁରୁ, କୋର୍ଡିନେଟର୍ ମହମ୍ମଦ ପରଭେଜ୍ ଅଲି ଖାନ୍ ଓ ତ୍ରିଲୋଚନ ତ୍ରିପାଠୀ, ଶଙ୍କର ବେହେରା, ଡିରେକ୍ଟର ନନ୍ଦ କିଶୋର ସାହୁ, ପ୍ରୋଗ୍ରାମ କୋଅର୍ଡିନେଟର ପାୟଲ ଭୋଇ, ନୁପୁର ଭୋଇ, ବିପ୍ଳବ ତନସେନା, ବଳରାମ ହୋତା, ସରୋଜ ମିଶ୍ର, ଉମେଶ ମାଝି, ଚନ୍ଦ୍ରକାନ୍ତ ଭୋଇ, ମୀମାଂସା ରଥ, ରାଜୀବ ମେହେର, ଜିତୁ ନାୟକ, ସୋମନାଥ ଜାଲ, ନିରେନ ନାୟକ, ନୀତିଶ ଗୁରୁ, ଧରଣୀଧର ନାଥ, ସରୋଜ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସମଲେଶ୍ୱରୀ ମନ୍ଦିରରେ ଭକ୍ତିମୟ ପରିବେଶ



**ସମ୍ବଲପୁର, ୨୬।୧୦ (ସମିସ) :** ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରଙ୍କ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାକୁ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଅଜମେରିଆ, ଗବେଷକ ତଥା କଳାକାର ଡ. ଶ୍ୟାମ ସୁନ୍ଦର ଧର, ରତନ ପୂଜାରୀ, ଶଙ୍କର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ ଓ ସୁଶୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ମା'ଗୋ ମମତାମୟୀ ମା, ମତେ ମହନି ଲାଗିଛେ ରେ ମା'ର ମହନି ଲାଗିଛେ, ରହି ରହି ବଜଉଛେ ଲୋ ସଜନୀ ଷୁହଳ ଭରଣୀ ଭଳି ଅନେକ ଭକ୍ତି ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା। କଣ୍ଠଶିଳ୍ପୀ ଶ୍ରୀନୁ ଦାସ, ସମୀର ଦାସ, ସ୍ମୃତିକା ମିଶ୍ର, ଶୁଭଲକ୍ଷ୍ମୀ ବେହେରା, ପ୍ରଣତି ଚକ୍ରବର୍ତ୍ତୀ, ପଲ୍ଲବୀ ରାୟ, ଧନୁଶ୍ରୀ ସିଂହ, ନୂପୁର ମଲ୍ଲିକ, ସିଲ୍କି ବହିଦାର, ସୁମନ୍ ମେହେର ଓ କ୍ଷୀର ବାଗ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସଙ୍ଗୀତ ଏବଂ ବାଦ୍ୟ ଯନ୍ତ୍ରରେ ଦେବାଶିଷ ପାଢ଼ୀ, ଭାଗିରଥୀ ସିଂଦେଓ, କ୍ଷିତିଶ ଚନ୍ଦ୍ର ବାଗ, ଦିବାକର ମହାନନ୍ଦ, କୃଷ୍ଣ ଚନ୍ଦ୍ର ବାଗ ଓ ସୁରେନ୍ଦ୍ର ଶତପଥୀ ସହଯୋଗ କରିଥିଲେ। ଦେବାଶିଷ ପାଢ଼ୀ ଏହି ଭଜନ ସନ୍ଧ୍ୟାକୁ ସଂଯୋଜନା କରିଥିବାବେଳେ ତ୍ରିଲୋଚନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା ନିୟମିତ ଭାବରେ ଆୟୋଜନ କରାଯାଉଛି। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଏବଂ ଆଗାମୀ ଦିନରେ ଏଦିଗରେ ଟ୍ରଷ୍ଟବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରାଯାଇଛି ବୋଲି ସଭାପତି ଶ୍ରୀ ବାବୁ ସୂଚନା ଦେଇଛନ୍ତି।

# ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବିଜେଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ରେଢ଼ାଖୋଲ, ୨୬।୧୦(ସମିସ)**

ସୋସିଆଲ ମିଡିଆ ତଥା ଫେସବୁକରେ ଜଣେ ନବୀନ ଫେନ୍ ତଥା ବିଜେଡି କର୍ମୀଙ୍କ ବିରୋଧରେ ଏକ ଭିଡିଓ ପୋଷ୍ଟକୁ ନେଇ ବିଜେଡି କର୍ମୀ ଓ ରେଢ଼ାଖୋଲ ଜିଲ୍ଲା ପରିଷଦ ସଭ୍ୟ ଜୋନ୍ ୨ ମଧ୍ୟରେ ଗଣ୍ଡଗୋଳ ହୋଇଥିବାବେଳେ ବିଜେଡ଼ି କର୍ମୀଙ୍କୁ ମାରଣାସ୍ତ୍ର ଧରି ହତ୍ୟା ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ନବୀନ ଫ୍ୟାନ୍ ତଥା ବିଜେଡି କର୍ମୀ କାଳିଆ ପ୍ରଧାନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ଅନୁଗୁଳ ଜିଲ୍ଲା କିଶୋରନଗର ଥାନା ଟାପୁରସିଂହା ଗ୍ରାମର କାଳିଆ ପ୍ରଧାନ କିଛି ଦିନ ପୂର୍ବରୁ ନୂଆପଡ଼ା ଉପନିର୍ବାଚନର ଏକ ଶୋଭାଯାତ୍ରାରେ ପ୍ରଚାର ପ୍ରସାରରେ ଅଂଶଗ୍ରହଣ କରିଥିଲେ। ସେ ସମୟର କିଛି ଭିଡିଓକୁ କାଳିଆ ଡକାୟତ ଚୋର ନାମ ଦେଇ ସମ୍ବଲପୁର ବିଜେପି ଯୁବମୋର୍ଚ୍ଚା ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରାଯାଇଥିଲା। ଭିଡିଓକୁ ରେଢ଼ାଖୋଲ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ ଯୁବମୋର୍ଚ୍ଚା ଫେସବୁକ୍ ଆକାଉଣ୍ଟରେ ସେୟାର କରିଥିବା ଏବଂ ତାଙ୍କ ଘରକୁ ଯାଇ ସ୍ତ୍ରୀ ସୈରେନ୍ଦ୍ରୀ ଭୋଇଙ୍କୁ ଗାଳିଗୁଲଜ କରିଥିଲେ। ସ୍ୱାମୀକୁ କହିବୁ ବିଜେଡି ଡ୍ରେସ୍ ନ ପିନ୍ଧି ବିଜେପି ଡ୍ରେସ୍ ପିନ୍ଧି ପ୍ରଚାର କରିବ ନ ହେଲେ ଜୀବନରେ ମାରି ଦେବି ବୋଲି ଧମକ୍ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ରେଢ଼ାଖୋଲ ଛକରେ କାଳିଆ ଜିଲ୍ଲା ପରିଷଦ ସଭ୍ୟ ଶରତଙ୍କୁ ଦେଖିବା ମାତ୍ରେ କାହିଁକି ମୋ ସ୍ତ୍ରୀକୁ ଏମିତି କହିଲୁ ବୋଲି ପଚାରିଥିଲେ। ଏଥିରେ ଉତ୍ତେଜିତ ହୋଇ ଶରତ ପ୍ରଧାନ ତାଙ୍କୁ ଗାଳିଗୁଲଜ କରିବା ସହ ନିକଟରେ ଥିବା ଏକ ଫଳ ଦୋକାନରୁ ପଇଡ଼ କଟା କଟୁରୀ ଆଣି ମାରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ କରାଯାଇଛି। ଅପର ପକ୍ଷରେ ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ ମଧ୍ୟ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଶରତଙ୍କ ଉଲ୍ଲେଖ କରିଛନ୍ତି ଯେ ରେଢ଼ାଖୋଲ ଥାନା ଡିମିରିମୁଣ୍ଡା ଗ୍ରାମକୁ କାଳିଆ ଯାଇ ତାଙ୍କ ଘରେ ବାପା ଓ ମା'ଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏବଂ କାଳିଆ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଉଭୟ ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ବେଳେ ଶରତ ପ୍ରଧାନ ବିରୁଦ୍ଧରେ ଜାତିଆଣ ମାମଲା ରୁଜୁ କରିଥିବା ବେଳେ ମାରଣାସ୍ତ୍ର ଧରି ହତ୍ୟା ଉଦ୍ୟମ ମାମଲା ନ ଥିବାରୁ ବିଜେଡ଼ି ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

C-1314

**OFFICE OF THE MUNICIPAL COUNCIL, ANANDAPUR**
email:-executiveofficer_andp@rediffmail.com
Phone No:- 06731-24088
**E-PROCUREMENT NOTICE**
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26
**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025** to **5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate** (DSC).
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526

Executive Officer,
Anandapur Municipality

# ପତ୍ରାଗୁଡ଼ାରେ ଘର ଭାଙ୍ଗିଲା ଦନ୍ତା

**ପାଇକମାଳ, ୨୬।୧୦(ସମିସ)**

ପାଇକମାଳ ବ୍ଲକ ନୃସିଂହନାଥ ବନାଞ୍ଚଳ ଗନ୍ଧମାର୍ଦ୍ଦନ ପାଦଦେଶରେ ଶନିବାର ଏକ ଦନ୍ତା ହାତୀ ବୁଲାବୁଲି କରି ଖପ୍ରାଖୋଲ ବ୍ଲକ ବେହେରାପାଣି ଦେଇ ସନ୍ଧ୍ୟାରେ ଡୁଡୁକିଝରିଆ/ଆମ୍ବବାହାଲିରେ ଜଙ୍ଗଲ ମଧ୍ୟରେ ରହିଥିଲା। ବନ ବିଭାଗ ପକ୍ଷରୁ ଖରାମାଲ, ଡୁଡୁକିଝରିଆ, ପତ୍ରାଗୁଡା, ଟେମ୍ରିମାଲ, ପତ୍ରାପାଲି ଗାଁ ଗୁଡିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ନ ବାହାରିବାକୁ ସଚେତନ କରାଯାଇଥିଲା। ଜାମସେଠ ଓ ରେଙ୍ଗାଲି ବନ ବିଭାଗ ପଟରୁ ଜଙ୍ଗଲ ଉଭୟ ପଟରୁ ବନ୍ଧ କରାଯାଇ ହାତୀ ଗତିବିଧି ଉପରେ ନଜର ରଖାଯାଇଥିଲା। ରାତି ୮ ମଧ୍ୟରେ ହାତୀ ଡୁଡୁକିଝରିଆ ଜଙ୍ଗଲ ମଧ୍ୟ ଦେଇ ପତ୍ରାଗୁଡା ଗାଁ ପଟକୁ ଯାଇଥିଲା। ସେଠାରେ ଜଣେ ବ୍ୟକ୍ତିଙ୍କ ଘରକୁ ଆଂଶିକ ଭାବେ ଭାଙ୍ଗି ଦେଇଥିଲା। ଖବର ପାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା। ମଧ୍ୟରାତ୍ରିରେ ମଖନାମୁଣ୍ଡା ମାଲପଡ଼ା ପଟକୁ ଯାଇ କିଛି ଚାଷୀଙ୍କ ଚାଷ ଜମିରେ ଫସଲକୁ ଦଳି ଦେଇଥିବା ଜଣାପଡ଼ିଛି। ହାତୀ ଆସିବା ମାତ୍ରେ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଥିଲା। ରବିବାର ହାତୀଟି ନୂଆପଡ଼ା ଜିଲ୍ଲାକୁ ଚାଲିଯାଇଥିବା ଜଣାପଡ଼ିଛି। ଜାମସେଠ ବିଟ ବନପାଳ ଦିବାକର ପ୍ରଧାନଙ୍କୁ ଏନେଇ ପଚାରିବାରୁ ଜଣେ ବ୍ୟକ୍ତିଙ୍କ ଘର ଆଂଶିକ ଭାବେ ଭାଙ୍ଗିଥିବା କହିଥିଲେ। ଏହାସହ ସରକାରୀ ନିୟମ ଅନୁସାରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



## ନାବାଳିକାକୁ ଅପହରଣ

**ରେଢ଼ାଖୋଲ, ୨୬।୧୦(ସମିସ):** ୧୩ ବର୍ଷର ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଝିଅଟି ୬ ଦିନ ହେଲା ନିଖୋଜ ରହିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି, ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ଅଧୀନ ବୈଷ୍ଣବଝୁଲି ଗ୍ରାମରେ। ଗ୍ରାମର ବାସିନ୍ଦା ସମାରୁ ଭୋଇଙ୍କ ୧୩ ବର୍ଷର ନାବାଳିକା ନମିତା ଭୋଇ ୬ ଦିନ ହେଲା ନିଖୋଜ ରହିଛନ୍ତି। ଏ ସଂକ୍ରାନ୍ତରେ ପରିବାର ଲୋକ ରେଢାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ୨ରେ ସ୍କିଲ ଟ୍ରି ପକ୍ଷରୁ 'ସମ୍ବଲପୁର ଫ୍ୟାଶନ ଉଇକ'

**ସମ୍ବଲପୁର, ୨୬।୧୦(ସମିସ):** ଆସନ୍ତା ୨ ତାରିଖ ସମ୍ବଲପୁର ସ୍ଥିତ ଏକ ହୋଟେଲରେ ସ୍କିଲ ଟ୍ରି ପକ୍ଷରୁ 'ସମ୍ବଲପୁର ଫ୍ୟାଶନ ଉଇକ'୨୦୨୫ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଡିଜାଇନର, ମଡେଲର ଓ ବିଭିନ୍ନ କଳାକାର ସାମିଲ

**ଆଧୁନିକ ସହ ପରମ୍ପରାର ମିଶ୍ରଣ ରହିବ**



ହେବେ। ଆଧୁନିକ ସହ ପାରମ୍ପରିକ ଫ୍ୟାଶନ ପାଇଁ ଗୋଟାଏ ମଞ୍ଚ ଯୋଗାଇଦେବ ବୋଲି ସ୍କିଲ ଟ୍ରିର ପ୍ରତିଷ୍ଠାତା ନିବେଦିତା ଦାଶ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଇକନ ଫ୍ୟାଶନ କ୍ରିଉ ଓ ଷ୍ଟୁଡିଓ ୪୪ ସହଯୋଗ କରୁଛନ୍ତି। କାର୍ଯ୍ୟକ୍ରମରେ ପ୍ରାୟ ୮୦ରୁ ଅଧିକ ମଡେଲ ର୍‌ୟାମ୍ପ ୱାକ କରିବେ। ଏଥିପାଇଁ ସେମାନେ ପଞ୍ଜୀକରଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ କୋରିଓଗ୍ରାଫର ଶାଶ୍ୱତ ଯୋଶୀ, ମିସ ଟିନ ଇଣ୍ଟରନ୍ୟାସନାଲ ଇଣ୍ଡିଆ ୨୦୨୩ର ଆଦ୍ୟାଶା ମଞ୍ଜରୀ ପଟ୍ଟନାୟକ, ଆୟଙ୍କ ପୁରୋହିତ ପ୍ରମୁଖ ଯୋଗ ଦେବେ। ବିଭିନ୍ନ ବର୍ଗରେ ମଡେଲରମାନେ ଅଂଶ ଗ୍ରହଣ କରିବେ। ସେମାନଙ୍କୁ ୫ ଦିନ ଧରି ତାଲିମ ମଧ ଦିଆଯିବ ବୋଲି ପିଆର ଓ ମିଡିଆର ରିତୁପର୍ଣ୍ଣା କର କହିଛନ୍ତି। ସମ୍ବାଦିକ ସମ୍ମିଳନୀରେ ଶୋ ନିର୍ଦ୍ଦେଶକ ଶୁଭମ ଶର୍ମା, କୋରିଓଗ୍ରାଫର ମୌସୁମୀ ମହାକୁଡ, କ୍ରିଉ ସଦସ୍ୟ ତନୟା ଗୁରୁ, ମାନସ ପାଢ଼ୀ, ମୋହନ ଭୋଇ, ପିଣ୍ଟୁ ପ୍ରଧାନ, ନରସିହ୍ମା, କ୍ରୀଷ୍ଣା ସିଂହ, ତମନା, ଆଦ୍ୟାଶା ପ୍ରମୁଖ ଉପସ୍ଥିତ ଥିଲେ।

# ନିରୋଗ ରହିବା ପାଇଁ ଚାଲିବା ଜରୁରୀ

**ବରଗଡ଼, ୨୬।୧୦(ସମିସ):** ପ୍ରତ୍ୟହ ଭୋରରୁ ଚାଲିବା ଦେହ, ମନ, ଶରୀର ପାଇଁ ଅତ୍ୟନ୍ତ ଜରୁରୀ। ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଚକ୍ଷୁରୋଗ, ଯକୃତରୋଗ, ମଧୁମେହ, ହୃଦରୋଗ ଭଳି ଜଟିଳରୋଗରୁ ଉପଶମ ମିଳିଥାଏ ବୋଲି ଡାକ୍ତର ସୁବଳ କିଶୋର କର ଓ ଡାକ୍ତର ଘନଶ୍ୟାମ ନାଥ ପ୍ରକାଶ କରିଛନ୍ତି। ବରଗଡ଼ରେ ଖାଲି ପାଦରେ ଚାଲିବା କଷ୍ଟକର। କାରଣ କଣ୍ଟା, ଭଙ୍ଗାରୁଜା କାଚ, ଗୋଡି ପଥର ଆଦି ପାଦରେ ବାଜି ରକ୍ତାକ୍ତ ହେବା ସମ୍ଭାବନା ଅଧିକ। ଜର୍ଜ ହାଇସ୍କୁଲ ପଡ଼ିଆରେ ମଇଳା ଆବର୍ଜନା କାଚ ବୋତଲ ଆଦି ପଡୁଥିବାରୁ ବରଗଡ଼ ୱାର୍ଡ ନମ୍ବର ୧୧ରେ ଅବସ୍ଥିତ ମହାତ୍ମାଗାନ୍ଧୀ ଶିଶୁ ଉଦ୍ୟାନ ବା ଗାନ୍ଧୀ ପାର୍କ ସବୁଠାରୁ ଉତ୍କୃଷ୍ଟ ସ୍ଥାନ। ତେବେ ଡାକ୍ତର ଦ୍ୱୟ ପ୍ରତ୍ୟହ ନିଜେ ଭୋର ୫ ଟାରୁ ୬ଟା ପର୍ଯ୍ୟନ୍ତ ଚାଲୁଥିବା ପ୍ରକାଶ କରିବା ସହ ଅନ୍ୟ ମାନଙ୍କୁ ଏଠାରେ ଚାଲିବା ପାଇଁ ପରାମର୍ଶ ଦେଇଛନ୍ତି। ପାର୍କରେ ପ୍ରତ୍ୟହ ଡାକ୍ତର, ଇଂଜିନିୟର, ଆଇନଜୀବୀ, ପ୍ରଫେସର, ସାମ୍ବାଦିକ ଓ ସମସ୍ତ ବର୍ଗର ପୁରୁଷ, ମହିଳା, ପୁଅ, ଝିଅ ମାନେ ଯୋଗ ଦେଇଥାନ୍ତି। ତଥାପି ସକାଳୁ ଚାଲୁଥିବା ଲୋକଙ୍କ ସଂଖ୍ୟା ନଗଣ୍ୟ। ଏଣୁ ଆହୁରି ଅଧିକ ବ୍ୟକ୍ତି ଏଠାକୁ ଆସିଲେ ଉଦ୍ୟାନର ଉନ୍ନତି ହେବା ସଙ୍ଗେ ସଙ୍ଗେ ସମସ୍ତେ ସେମାନେ ସମସ୍ତେ ସୁସ୍ଥ ହୋଇ ପାରିବେ ବୋଲି ପାର୍କକୁ ଆସୁଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଉଦ୍ୟାନ ଦାୟିତ୍ୱରେ ଥିବା ବିଭୂତି ସାହୁ ପ୍ରୋତ୍ସାହନ ରାଶି ବଢ଼ାଇବା ପାଇଁ ପୌରାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହି ମନୋରମ ଉଦ୍ୟାନରେ ଛୋଟ ଛୋଟ ଶିଶୁମାନଙ୍କ ଠାରୁ ବୟସ୍କ ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ମନୋରଞ୍ଜନ ସହିତ ଖାଲି ପାଦରେ ଘାସରେ ଚାଲିବା, ଟାଇଲରେ ଚାଲିବା, ଯୋଗ କରିବା ସହିତ ସମସ୍ତ ପ୍ରକାର ବ୍ୟାୟାମ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିଛି। ସମୟ ବାହାର କରି ଗାନ୍ଧୀ ପାର୍କରେ କିଛି ସମୟ ବିତାଇବାକୁ ନିୟମିତ ଭାବେ ଆସୁଥିବା ବରିଷ୍ଠ ନାଗରିକ କୃଷ୍ଣ ଚନ୍ଦ୍ର ଦାଶ, କଳାକାର ତଥା ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ, ଆଇନଜୀବୀ ରମେଶ ପତି, ସାମ୍ବାଦିକ ଜିଭି ରାଓ, ଲିଙ୍ଗରାଜ ପୁରୋହିତ, ପ୍ରଭୁ ପୋଦ୍ଦାର, ଦିଲ୍ଲୀପ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ଅର୍ଚ୍ଚନା ମହାପାତ୍ର, ବାସନ୍ତୀ ଗଡ଼ତିଆ, ଅନୀଲ କାନସଲ, ଦିଲଦାର ହୁସେନ, ପଦ୍ମିନୀ ବରିହା, ଗୁଡିଆ ପୋପତାନୀ ଓ ଆହୁରି ଅନେକ ତଥା ୧୧ ନମ୍ବର କାଉନସିଲର ସୁନନ୍ଦା ପଣ୍ଡା ବରଗଡ଼ର ଜନସାଧାରଣଙ୍କୁ ଏଠାକୁ ଆସି ଦେହ ମନ ସୁସ୍ଥ ରଖିବା ପାଇଁ ଅନୁରୋଧ କରିଛନ୍ତି।

## 'ସେତୁ'ର କାର୍ଯ୍ୟକାରିଣୀ ବୈଠକ



**ସମ୍ବଲପୁର, ୨୬।୧୦ (ସମିସ) :** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେତୁ'ର ନବଗଠିତ କାର୍ଯ୍ୟକାରୀ ସମିତିର ପ୍ରଥମ ବୈଠକ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପ୍ରଥିତଯଶା କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରା ଯାଇଥିଲା। ଏହାପରେ ପୂର୍ବତନ ସଭାପତି ଡା. ରମାବଲ୍ଲଭ ମିଶ୍ର, ସଭାପତି ପ୍ରଫେସର ପାଠୀ ପ୍ରମୁଖ ସ୍ମୃତିଚାରଣ କରି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ହରିନାରାୟଣ ପଣ୍ଡା ପୂର୍ବ କାର୍ଯ୍ୟକାରିଣୀ ବୈଠକର ବିବରଣୀ ପାଠ କରିବାସହ ତାହା ଗୃହୀତ ହୋଇଥିଲା। ବୈଠକରେ ଜାନୁଆରୀ ୨୦୨୬ରେ ହେବାକୁ ଥିବା 'ସମ୍ବଲପୁର ପୁସ୍ତକ ମେଳା' ବିଷୟରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ଏହାସହ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା, ଇଂ କରୁଣାକର ସୂପକାର ସ୍ମାରକୀ ବକ୍ତୃତା, ଜାତୀୟସ୍ତରର ସମ୍ମାନ ଆୟୋଜନ, ଝାଙ୍କରପାଲିଠାରେ ଚାଲିଥିବା 'ସେତୁ ଶିକ୍ଷା ପ୍ରକଳ୍ପ'ର ପରିଚାଳନା ଏବଂ ବିଭିନ୍ନ ପ୍ରକଳ୍ପ ବିଷୟରେ ସଭ୍ୟମାନେ ମତାମତ ପ୍ରକାଶ କରିଥିଲେ। ସମ୍ପାଦକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡୁଆଳରେ ଲୋକସେବା ଦଳର ଚାରାରୋପଣ

**ସମ୍ବଲପୁର, ୨୬।୧୦ (ସମିସ) :** ପରିବେଶ ସୁରକ୍ଷା ଓ ହରିତ୍‌କରଣ ପ୍ରତି ସଚେତନତା ବୃଦ୍ଧି କରିବା ପାଇଁ ଲୋକସେବା ସମ୍ବଲପୁର ଦଳ ଆଜି ଧନୁପାଲିସ୍ଥିତ ଖଣ୍ଡୁଆଳ ପ୍ରାଙ୍ଗଣରେ ବୃକ୍ଷରୋପଣ ଅଭିଯାନ କରିଥିଲେ। ଏହି ଅବସରରେ ଏନ୍‌ଏସ୍‌ସ୍ ପ୍ରୋଗ୍ରାମ କୋର୍ଡିନେଟର୍ ଡଃ ବିଶ୍ୱମୋହନ ଜେନା ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ପରିବେଶ ସୁରକ୍ଷାରେ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ସୁବ୍ରତ ନାଥ, ସମାଜସେବୀ ରାଜେନ୍ଦ୍ର ସତନାମୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ସୁନୀଲ ସାଗର ମଧ୍ୟ ଏହି ଅଭିଯାନରେ ସହଭାଗୀ ହୋଇଥିଲେ। ଏହି ଅଭିଯାନରେ ଲୋକ ସେବା ସମ୍ବଲପୁର ଦଳର ସଦସ୍ୟ ମାସୁଦ ଆଲମ୍, ବିଶ୍ୱଜିତ ମହାନ୍ତି, ସାହିଲ ଦାସ, ଏସ୍.କେ. ଫୈଜାନ୍, ସୋମ ପ୍ରକାଶ ବେହେରା, ଗୋକୁଲ ବାରିକ, ସୁଶାନ୍ତ କୁମାର କେୱଟ, ସୋନୁ ସିଂହ, ଜ୍ୟୋତିରାଜଦିତ୍ୟ ସାହୁ, ରୋଶନ ଗୁପ୍ତା, ବିକାଶ ମିର୍ଦ୍ଧା, ଅପରାଜିତା ବନଛୋର, ନୂରାନୀ ଗୁଲଜାର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ**

# ଜୋନ୍ ଫାଇନାଲରେ ଜିସିପିଇ କୁଳୁଣ୍ଡି ଚାମ୍ପିଅନ

**ଭେଡେନ, ୨୬।୧୦(ସମିସ)**



ଭେଡେନ ସ୍ଥିତ ରଣଜିତା ଖେଳ ପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ଦ୍ୱାରା ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଆଜି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଓ ଜୋନ ଫାଇନାଲ ଖେଳ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜିସିପିଇ କୁଳୁଣ୍ଡି ଓ ଡିଗ୍ରୀ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ କୁଳୁଣ୍ଡି ମହାବିଦ୍ୟାଳୟ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଗୋଡଭୋଗା ଏସଡି କଲେଜ ୨-୦ ଗୋଲରେ ବଉଦ ପଞ୍ଚାୟତ କଲେଜ ବିପକ୍ଷରେ ବିଜୟୀ ହୋଇଥିଲା। ସେହିପରି ଜୋନ ଫାଇନାଲ ମ୍ୟାଚ୍ ଜିସିପିଇ କୁଳୁଣ୍ଡି ଓ ଗୋଡଭୋଗା ଏସଡି କଲେଜ ମଧ୍ୟରେ ହୋଇଥିଲା। ଏଥିରେ ୩-୦ ଗୋଲରେ ଜିସିପିଇକୁଳୁଣ୍ଡି ମହାବିଦ୍ୟାଳୟ ଜୋନ ଚାମ୍ପିଅନ ହୋଇଥିଲା। ଆସନ୍ତା ୨୮ ତାରିଖରେ ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ଖେଳକୁ ପ୍ରଦୀପ ଦାଶ, ଗୋପୀନାଥ ପାଣ୍ଡେ, ନୀଳ ପଣ୍ଡା, ଅଜୟ ପଧାନ, ଶୁବୁ ଛେତ୍ରୀ ପରିଚାଳନା କରିଥିବା ବେଳେ ସନ୍ତୋଷ ନାୟକ, ସୂର୍ଯ୍ୟ ଦେହେରି ଧାରାବିବରଣୀ ପ୍ରଦାନ କରିଥିଲେ। ମହା ବିଦ୍ୟାଳୟର କ୍ରୀଡା ଉପସଭାପତି ରଞ୍ଜନ ଦାଶ ଓ କ୍ରୀଡା ଶିକ୍ଷକ ଯୁଧିଷ୍ଠିର ମହାକୁରଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଲା ସାହୁ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣରେ ଅଧ୍ୟାପକ ଚିନ୍ମୟ ନାୟକ ସହଯୋଗ କରିଥିଲେ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 71- NUAPADA ASSEMBLY CONSTITUENCY | SMT. SNEHANGINI CHHURIA | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ସମ୍ପାଦକୀୟ



ମୋ ବ୍ୟକ୍ତିଗତ ଉନ୍ନତି ଦେଶର କର୍ତ୍ତବ୍ୟ ନୁହେଁ, କିନ୍ତୁ ମୋ ଦେଶର ଉନ୍ନତି ମୋର କର୍ତ୍ତବ୍ୟ।

-ମେଜର ଧ୍ୟାନଚାନ୍ଦ

ସକାଳ THE SAKALA

## ପାପୁଲିର ଫଳ

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଇପ୍‌ସିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚରା ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀଙ୍କୁ ତା' ଜୀବନକାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟକଚେରି ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତା'ର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା' ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉ ନାହାନ୍ତି। କିନ୍ତୁ ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ କେବଳ ବିଚାର ବ୍ୟବସ୍ଥା ନୁହେଁ, ରାୟ ବା ଅଦାଲତ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ମଧ୍ୟ ଏତେ ବିଳମ୍ବିତ ଓ ମନ୍ଥର ଯେ ହାତରେ ଫଳଟିକୁ ଧରି ମଧ୍ୟ ନଖାଇପାରିବା ପରି ପରିସ୍ଥିତି ସୃଷ୍ଟି ହେଉଛି।

ଆଇନ କାନୁନ, ଅଦାଲତୀ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ଧାରଣା ନଥିବା ଆମ ଭିତରୁ ଅନେକେ ହୁଏତ ଜାଣି ନଥିବେ ଯେ ବିଚରପତିଙ୍କ ଚୂଡ଼ାନ୍ତ ରାୟ ବାଦୀ କିମ୍ବା ପ୍ରତିବାଦୀ ବା ପକ୍ଷଭୁକ୍ତ ବ୍ୟକ୍ତିଙ୍କ ପାଇଁ ଚୂଡ଼ାନ୍ତ ଆଶ୍ୱସ୍ତି ନୁହେଁ। ବିଚାରପତିଙ୍କ ରାୟ ଆସିବା ପରେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଉ ଏକ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼େ, ଯାହାକୁ ଆଇନ ଭାଷାରେ 'ଏକ୍‌ଜିକ୍ୟୁସନ୍ ପିଟିସନ୍' ବା 'କାର୍ଯ୍ୟାନ୍ୱୟନ ଆବେଦନ' କୁହାଯାଏ। ଏକ୍‌ଜିକ୍ୟୁସନ୍ ପିଟିସନ୍ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଅଦାଲତୀ ରାୟ ଅର୍ଥହୀନ ଓ ଗୁରୁତ୍ୱବିହୀନ। ବିଡ଼ମ୍ବନାର ବିଷୟ ଯେ ବିଚାରାଧୀନ ମାମଲା ପରି ନ୍ୟାୟିକ ପ୍ରକ୍ରିୟାର ଏହି ଚୂଡ଼ାନ୍ତ ସୋପାନଟି ମଧ୍ୟ ମାମଲା ବୋଝରେ ଭାରାକ୍ରାନ୍ତ। ଅପରପକ୍ଷରେ ଜିତା ପଟରେ ଥାଇ ମଧ୍ୟ ପକ୍ଷବାଦୀମାନେ ହକ୍ ପାଇବାରୁ ଦୀର୍ଘବର୍ଷ ଧରି ବଞ୍ଚିତ ହେଉଛନ୍ତି ଏବଂ କୋର୍ଟକଚେରି ଦୌଡ଼ି ଦୌଡ଼ି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଛନ୍ତି।

ବିଶେଷକରି ଅଧସ୍ତନ ଅଦାଲତମାନଙ୍କରେ ବଢ଼ିଚାଲିଥିବା ଏଭଳି କାର୍ଯ୍ୟାନ୍ୱୟନ ଆବେଦନ ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଗତ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଅଦାଲତ ଆଦେଶ କାର୍ଯ୍ୟକାରୀ କରିବାରେ ଏଭଳି ମନ୍ଥରତାର ସମୀକ୍ଷା କରିବା ଅବସରରେ ଦେଶର ସାମଗ୍ରିକ ଭାବେ ତଳକୋର୍ଟମାନଙ୍କରେ ୮ ଲକ୍ଷ ୮୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟାନ୍ୱୟନ ଆବେଦନ ପଡ଼ିରହିଥିବା ଜାଣି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ରାୟ ପ୍ରକାଶ ପାଇସାରିବା ପରେ ମଧ୍ୟ ତାହା ଯଦି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁନାହିଁ ତେବେ ସେ ରାୟ ଓ ବିଚାର ଏକ ପ୍ରହସନ ବୋଲି ଖଣ୍ଡପୀଠ କ୍ଷୋଭ ପ୍ରକାଶ କରି କହିଛନ୍ତି। 'ନ୍ୟାଶ୍‌ନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଗୋଟିଏ ଦେୱାନି ମାମଲାର ଫଏସଲା ହେବା ପାଇଁ ହାରାହାରି ୪.୯୧ ବର୍ଷ ଲାଗୁଥିବା ବେଳେ ଏକ୍‌ଜିକ୍ୟୁସନ୍ ପିଟିସନ୍‌ର କାର୍ଯ୍ୟକାରୀ ହେବା ପାଇଁ ହାରାହାରି ୩.୯୭ ବର୍ଷ ଲାଗୁଛି। ଏଭଳି ବିଳମ୍ବର କାରଣ ମଧ୍ୟରେ ପେସାଦାର ସହାୟକଙ୍କ ଅଭାବ, କୋର୍ଟ ଆଦେଶ ଉପରେ ଆଉ ଏକ କୋର୍ଟର ରହିତାଦେଶ, ମାମଲା ହାରି ଯାଇଥିବା ପକ୍ଷଙ୍କୁ ପୁନଃଆବେଦନର ସୁଯୋଗ ବ୍ୟବସ୍ଥା, ଆବଶ୍ୟକ ନଥିପତ୍ରର ଅନୁପସ୍ଥିତି ଆଦି ରହିଛି। ବିଶେଷକରି ଜମିବାଡ଼ି, ଅର୍ଥ, ସମ୍ପତ୍ତି ମାମଲାରେ ଏଭଳି ବିଳମ୍ବିତ ପ୍ରକ୍ରିୟାର ଉଦାହରଣ ଅଧିକ।

୨୦୨୧ରେ ପ୍ରଧାନ ବିଚାରପତି ଏସ୍ ଏ ବୋବ୍‌ଡେଙ୍କ ଅଧକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତିନିଜଣିଆ ଖଣ୍ଡପୀଠ ଏକ୍‌ଜିକ୍ୟୁସନ୍ ପିଟିସନ୍‌ଗୁଡ଼ିକର ତୁରନ୍ତ ଫଏସଲ କରିବା ପାଇଁ ୧୪ଟି ବାଧ୍ୟତାମୂଳକ ମାର୍ଗଦର୍ଶିକା ଜାରି କରିବା ସହିତ ମାମଲା ଦାଖଲ ହେବାର ଛଅ ମାସ ମଧ୍ୟରେ ଫଏସଲା କରିବା ପାଇଁ ତଳକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଆଶାନୁରୂପ ସଫଳତା ମିଳିପାରିନାହିଁ। ସର୍ବୋଚ୍ଚ ନ୍ୟାୟାଳୟର ସଦ୍ୟତମ ଦୁଇଜଣିଆ ଖଣ୍ଡପୀଠ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟମାନଙ୍କର ତତ୍ତ୍ୱାବଧାନରେ ସମାଧାନ ପାଇଁ ଆଉ ଛଅମାସ ସମୟ ଦେଇଥିବା ବେଳେ ଆସନ୍ତା ବର୍ଷ ପୁନଃସମୀକ୍ଷା କରିବେ ବୋଲି କହିଛନ୍ତି।

ଆମ ମତରେ ଦେଶର ସବୁସ୍ତରୀୟ ଅଦାଲତରେ ପର୍ଯ୍ୟାପ୍ତ ବିଚାରପତି ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବା ଏକପ୍ରକାର ଦୁରୁହ ବ୍ୟାପାର। ଏହାଛଡ଼ା ନ୍ୟାୟିକ ପ୍ରକ୍ରିୟା ଆହୁରି ସରଳ ଏବଂ ଏହାର ଭାଷା ସାଧାରଣ ଲୋକଟିଏ ବୁଝିପାରୁଥିବା ଭଳି ସାବଲୀଳ ହେବା ଆବଶ୍ୟକ। ଏକ ଅପ୍ରିୟ ସତ୍ୟ ଯେ ଅଦାଲତୀ ପ୍ରକ୍ରିୟାରେ ରାୟ ବା ନିଷ୍ପତ୍ତି କାର୍ଯ୍ୟାନ୍ୱୟନରେ ଅମଲାତନ୍ତ୍ରର ଏକ ବଡ଼ ଭୂମିକା ରହିଛି। ତେଣୁ ମାମଲା ବୋଝ କେତେଶୀଘ୍ର ହ୍ରାସ ପାଇବ ତାହା ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଶୃଙ୍ଖଳା, ସାଧୁତା ଓ ସଚ୍ଚୋଟତା ଉପରେ ନିର୍ଭର କରୁଛି। ଆହୁରି ଏକ ବିଡ଼ମ୍ବନା ଯେ ଏଭଳି ବିଳମ୍ବିତ ଓ ବିଡ଼ମ୍ବିତ ନ୍ୟାୟିକ ପ୍ରକ୍ରିୟାରେ ଗରିବ ଜନତା ହିଁ ସବୁଠାରୁ ଅଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି। ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଯଦି ଦେଶର ଗରିବ ବର୍ଗର ଲୋକଟିଏ ଉଚିତ ସମୟରେ ନ୍ୟାୟ ନ ପାଇପାରିଲା ଏବଂ ନ୍ୟାୟ ପାଇ ମଧ୍ୟ ତାହା ଉପଭୋଗ ନ କରିପାରିଲା ତେବେ ସ୍ୱାଧୀନତା ଓ ଗଣତନ୍ତ୍ର ମୂଲ୍ୟହୀନ ହୋଇପଡ଼ିବ। ଏଭଳି ବ୍ୟବସ୍ଥାରେ ସମ୍ବିଧାନର ମୌଳିକ ମୂଲ୍ୟବୋଧର ସୁରକ୍ଷା ହୋଇପାରିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ମାର୍ମିକ ଅଭିବ୍ୟକ୍ତି ଅନୁଯାୟୀ ହାତ ପାପୁଲିରେ ଥିବା ଫଳଟିକୁ ସଢ଼ିଯିବା ପୂର୍ବରୁ ଉପଯୋଗ କରାଯାଇପାରିଲେ ହିଁ ଫଳର ସ୍ୱାଦ ଓ ମୂଲ୍ୟ ଅର୍ଥପୂର୍ଣ୍ଣ ହୋଇପାରିବ। ଏବେ ସମୟ ଆସିଛି ଗଣତନ୍ତ୍ରର ସବୁସ୍ତମ୍ଭ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଏ ଦିଗରେ ସକାରାତ୍ମକ ଉଦ୍ୟମ ଆରମ୍ଭ କରିବାର।

# ନୋବେଲ୍ ପୁରସ୍କାର: ବିବାଦ ଓ ବିଡ଼ମ୍ବନା

ଡ. ପ୍ରଦୀପ କୁମାର ନାୟକ

ଚଳିତବର୍ଷ ପାଇଁ ସମସ୍ତ କ୍ଷେତ୍ରରେ ନୋବେଲ୍ ପୁରସ୍କାର ଘୋଷଣା ସରିଛି। ଏଥର ସମସ୍ତଙ୍କ ଦୃଷ୍ଟି ଶାନ୍ତି ନୋବେଲ୍ ପୁରସ୍କାର ଉପରେ ରହିଥିଲା। ତେବେ ପ୍ରବଳ ଚାପ ଓ ପ୍ରଭାବ ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିରାଶ ହୋଇଛନ୍ତି, ଯାହା ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି। ଯଦି ଟ୍ରମ୍ପ ଏହି ପୁରସ୍କାର ପାଇଥା'ନ୍ତେ ତେବେ ନୋବେଲ୍ ପୁରସ୍କାରର ବିଡ଼ମ୍ବନା ତାଲିକାରେ ଆଉ ଏକ ଅଧ୍ୟାୟ ଲେଖି ହୋଇଯାଇଥା'ନ୍ତା। ନୋବେଲ୍ ପୁରସ୍କାର ଇତିହାସରେ ଏଭଳି ଅନେକ ଘଟଣା ରହିଛି, ଯାହା ବିବାଦ ସୃଷ୍ଟି କରିଛି; କିନ୍ତୁ ଅନିଚ୍ଛା ସତ୍ତ୍ୱେ ବିଶ୍ୱବାସୀ ମାନି ନେବାକୁ ବାଧ୍ୟ ହୋଇଛନ୍ତି।

ସ୍ୱିଡେନର ରସାୟନବିଜ୍ଞାନୀ ଆଲଫ୍ରେଡ ନୋବେଲ ୧୮୬୭ ସାଲରେ ଡିନାମାଇଟ ଉଦ୍ଭାବନ କରିବା ପରେ ଯେଉଁ ବିପୁଳ ପରିମାଣର ଅର୍ଥ ଓ ସମ୍ପତ୍ତି ଅର୍ଜନ କରିଥିଲେ ସେଥିରୁ ନୋବେଲ ପୁରସ୍କାର ଦେବା ପାଇଁ ଏକ ପାଣ୍ଠି ଗଠନ ହୋଇଥିଲା ୧୮୯୫ ମସିହାରେ ତାଙ୍କର ଲିଖିତ ଇଚ୍ଛାପତ୍ର ଅନୁଯାୟୀ। ୧୮୯୬ ମସିହାରେ ତାଙ୍କର ଦେହାନ୍ତ ପରେ ସେହି ପାଣ୍ଠିର ପରିଚାଳନା ନୋବେଲ ଫାଉଣ୍ଡେସନ କରିଆସୁଛି ଏବଂ ୧୯୦୧ ମସିହାରୁ ନୋବେଲ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ପ୍ରଥମେ ୫ ଟି ବିଷୟରେ -ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ବିଜ୍ଞାନ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଥିଲା। ୧୯୬୮ ମସିହାରେ ଅର୍ଥନୀତିକୁ ଏଥିରେ ସାମିଲ୍ କରାଗଲା। ପ୍ରତିବର୍ଷ ଅକ୍ଟୋବର ମାସରେ ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିମାନଙ୍କ ନାମ ଘୋଷଣା କରାଯାଏ। ୨୦୨୫ ମସିହାରେ ପ୍ରତି ନୋବେଲ ପୁରସ୍କାର ବିଜେତା ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୦ ଲକ୍ଷ ଟଙ୍କା ଲେଖାଏଁ ପାଇବେ।

ପ୍ରତ୍ୟେକ ବିଭାଗରେ ଚୟନକର୍ତ୍ତାଙ୍କ ଏକ ପାଞ୍ଚଜଣିଆ କମିଟି ରହିଛି, ଯେଉଁମାନେ କି କୌଣସି ବିଷୟରେ ନୋବେଲ ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିର ଯୋଗ୍ୟତାକୁ ଗୁଣବତ୍ତାର ମାନଦଣ୍ଡରେ ମୂଲ୍ୟାଙ୍କନ କରି ତାଙ୍କ ନାମଟି ଚୟନ କରିଥା'ନ୍ତି। ଏହି ପୁରସ୍କାର ପୃଥିବୀର ସର୍ବଶ୍ରେଷ୍ଠ ଓ ସବୁଠାରୁ ସମ୍ମାନନୀୟ ପୁରସ୍କାର। ୧୯୦୧ ରୁ ୨୦୨୫ମସିହା ମଧ୍ୟରେ ସମୁଦାୟ ୧୦୨୨ (୯୮୬ ବ୍ୟକ୍ତି ଓ ୨୮ ଅନୁଷ୍ଠାନ) ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଥିବା ବ୍ୟକ୍ତିମାନେ ପୃଥିବୀ ପ୍ରସିଦ୍ଧ ହୋଇଯା'ନ୍ତି ଏବଂ ନିଜ ନିଜ ଦେଶ ପାଇଁ ଗୌରବ ଆଣିଥା'ନ୍ତି। ସେଥିପାଇଁ ପୃଥିବୀର କୋଣ ଅନୁକୋଣରେ ଥିବା ଖ୍ୟାତନାମା ବ୍ୟକ୍ତିମାନେ ଏହି ପୁରସ୍କାର ପାଇବା ପାଇଁ ଆଶାୟୀ ଥା'ନ୍ତି। କିନ୍ତୁ ଅନେକ ସମୟରେ ନୋବେଲ ପୁରସ୍କାର ଚୟନ କମିଟିର ନିଷ୍ପତ୍ତି ବିବାଦୀୟ ହୋଇଥାଏ। ବୁଦ୍ଧିଜୀବୀମାନଙ୍କ ମନରେ ସେହିପରି ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଥାଏ।

୧୯୧୮ ମସିହାରେ ଜର୍ମାନୀର ରସାୟନବିତ ଫ୍ରିଜ ହାବେର ଏମୋନିଆର ସଂଶ୍ଲେଷଣ ପଦ୍ଧତି ଉଦ୍ଭାବନ କରି ସାର ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବାରୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହା ଏକ ବଡ଼ ବିବାଦ ସୃଷ୍ଟି କରିଥିଲା। କାରଣ ଏହି ବୈଜ୍ଞାନିକ ହିଁ ମାନବ ବିଧ୍ୱଂସୀ ରାସାୟନିକ ଅସ୍ତ୍ର ଓ ବୋମା ଉଦ୍ଭାବନ କରିଥିଲେ। ସେଥିପାଇଁ ତାଙ୍କୁ ପୁରସ୍କାର ଦେବା ନିଷ୍ପତ୍ତି ଠିକ ନଥିଲା ବୋଲି ବୁଦ୍ଧିଜୀବୀମାନଙ୍କ ମତ ଥିଲା। ୧୯୪୯ ମସିହାରେ ପର୍ତ୍ତୁଗାଲର ଆଣ୍ଟନିଓ ଇଗାସ ମୋନିଜ ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମସ୍ତିଷ୍କ ଆଂଶିକ ଛେଦନ(ଲୋବୋଟୋମି) ଉଦ୍ଭାବନ କରି ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହି ପଦ୍ଧତି ଅତ୍ୟନ୍ତ ବିପଜ୍ଜନକ ଥିଲା। ତେଣୁ ସେ ଏହି ପୁରସ୍କାର ପାଇଁ ମନୋନୀତ ହେବା କଥା ନଥିଲା ବୋଲି ମତ ପ୍ରକାଶ ପାଇଥିଲା।

ପ୍ରସିଦ୍ଧ କୂଟନୀତିଜ୍ଞ ତଥା ଆମେରିକାର ତତ୍କାଳୀନ ଜାତୀୟ ନିରାପତ୍ତା ପରାମର୍ଶଦାତା(୧୯୬୯ ଠାରୁ ୧୯୭୫) ହେନେରି କିସିଞ୍ଜର ଓ ଭିଏତନାମର କୂଟନୀତିଜ୍ଞ ଲେ ଦୂକ ଥୋ ଙ୍କୁ ୧୯୭୩ ମସିହାରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆ ଯାଇଥିଲା, ଯାହା କି ସାରା ବିଶ୍ୱରେ ଅସନ୍ତୋଷ ଓ ବିବାଦ ସୃଷ୍ଟି କରିଥିଲା। ସମାଲୋଚକଙ୍କ ମତରେ ହେନେରି କିସିଞ୍ଜର ଜଣେ ଯୁଦ୍ଧଖୋର ବ୍ୟକ୍ତି ଥିଲେ, ଯାହାଙ୍କର ଯୁଦ୍ଧମୁହାଁ ନୀତି ଯୋଗୁଁ ଆମେରିକା ଓ ଭିଏତନାମ ଯୁଦ୍ଧ ଦୀର୍ଘବର୍ଷ ଧରି ଚାଲିଥିଲା। ଏହାଛଡ଼ା ୧୯୬୫ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ କାମ୍ବୋଡ଼ିଆରେ ଯେଉଁ ଭୟଙ୍କର ବୋମା ବର୍ଷଣ ହୋଇଥିଲା ତାହା ମଧ୍ୟ କିସିଞ୍ଜରଙ୍କ ପରାମର୍ଶରେ ହୋଇଥିଲା ବୋଲି ବୁଦ୍ଧିଜୀବୀମାନେ ବିଶ୍ୱାସ କରନ୍ତି। ଏପରିକି ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନଙ୍କୁ କିସିଞ୍ଜର ଉପଦେଶ ଦେଇଥିଲେ ପାକିସ୍ତାନ ସପକ୍ଷରେ ଯିବା ପାଇଁ ଏବଂ ବଙ୍ଗୋପସାଗରରେ ଭାରତକୁ ଭୟଭୀତ କରିବା ପାଇଁ ଇଉ.ଏସ .ଏସ ଏଣ୍ଟରପ୍ରାଇଜ ନାମକ ଏକ ପରମାଣୁ କ୍ଷମତାସମ୍ପନ୍ନ ଯୁଦ୍ଧଜାହାଜ ପଠେଇ ଥିଲେ। ତେଣୁ ଏହିପରି ବ୍ୟକ୍ତିଙ୍କୁ ଚୟନକର୍ତ୍ତା ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବା ଠିକ ନଥିଲା। ଅପରପକ୍ଷରେ ଭିଏତନାମର କୂଟନୀତିଜ୍ଞ ଲେ ଦୂକ ଥୋ ନିଜେ ନୋବେଲ ଶାନ୍ତି ପୁରସ୍କାରକୁ ଭିଏତନାମରେ ଯୁଦ୍ଧ ବନ୍ଦ ହୋଇନଥିବା କାରଣ ଦର୍ଶାଇ ପ୍ରତ୍ୟାଖାନ କରି ଦେଇଥିଲେ।

ସବୁଠାରୁ ବିଚିତ୍ର ନିଷ୍ପତ୍ତି ଥିଲା ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧକ୍ଷ ଓ ଜାତୀୟବାଦୀ ନେତା ୟାସେର ଆରାଫାତଙ୍କୁ ୧୯୯୪ ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପ୍ରଦାନ କରିବା। ହିଂସା, ଆତଙ୍କବାଦ ଓ ରକ୍ତପାତରେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ଏହି ମହାନ ସମ୍ମାନରେ ଭୂଷିତ ହେବା ପାଇଁ କିପରି ଯୋଗ୍ୟ ହେଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ଆମେରିକାର ୪୪ ତମ ରାଷ୍ଟ୍ରପତି ବାରାକ ଓବାମା ୨୦୦୯ ମସିହାରେ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବାର କିଛିମାସ ପରେ ସେହିବର୍ଷ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ, ଯାହାକି ବିଶ୍ୱବାସୀଙ୍କୁ ଚକିତ କରିଥିଲା। ପ୍ରଖ୍ୟାତ ଆମେରିକୀୟ ଗାୟକ ଓ ଗୀତିକାର ବବ ଡିଲାନଙ୍କୁ ୨୦୧୬ ମସିହାରେ ସାହିତ୍ୟ କ୍ଷେତ୍ରରେ ଅବାଦନ ପାଇଁ ନୋବେଲ ପୁରସ୍କାର ଦେବା ନିଷ୍ପତ୍ତି ବିଶ୍ୱ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରି ନଥିଲେ।

ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ ଯେଉଁ ମାନଦଣ୍ଡ ରଖାଯାଇଛି ତାହାର ସମ୍ଭବତଃ ଉଲ୍ଲଙ୍ଘନ କରାଯାଇ କିଛିବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯିବା ନିଷ୍ପତ୍ତି ସଦାସର୍ବଦା ବିବାଦୀୟ ହୋଇଛି। ବିଡ଼ମ୍ବନାର କଥା ହେଲା କେତେକ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରିବା ବା ଉପେକ୍ଷା କରିବା। ଭାରତର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ନୋବେଲ ପୁରସ୍କାର ଚୟନ କମିଟି ନିକଟକୁ ମନୋନୀତ କରିବା ପାଇଁ ୧୯୩୭, ୧୯୩୮, ୧୯୩୯, ୧୯୪୭ ଓ ୧୯୪୮ ମସିହାରେ ସୁପାରିସ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କୁ ଅଣଦେଖା କରାଯାଇଥିଲା। ସେହିପରି ରୁଷ ଲେଖକ ଲିଓ ଟଲଷ୍ଟୟ, ଆଇରିଶ ଲେଖକ ଯେମସ ଜୋଏସ, ଫ୍ରେଞ୍ଚ ଔପନ୍ୟାସିକ ମାରସେଲ ପ୍ରାଉଷ୍ଟ, ଆମେରିକାନ ଲେଖକ ମାର୍କ ଟ୍ୱାଇନ, ଆର୍ଜେଣ୍ଟିନା ଲେଖକ ଜର୍ଜ ଲୁଇ ବୋର୍ଜେସ, ନରୱେର ନାଟ୍ୟକାର ହେନେରି ଇବସେନ, ପୋଲାଣ୍ଡ- ବ୍ରିଟିଶ ଲେଖକ ଯୋସେଫ କନରାଡ଼, ରୁଷ ଲେଖକ ଭ୍ଲାଦିମିର ନବକଭ, ବ୍ରିଟିଶ ଲେଖିକା ଭରଜିନିଆ ଉଲଫ ଓ ଗ୍ରହାମ ଗ୍ରୀନ, ଭାରତୀୟ ବଂଶୋଦ୍ଭବ ଔପନ୍ୟାସିକ ସଲମାନ ରସଦି ପରି ଖ୍ୟାତନାମା ଲେଖକଗଣ, ଯେଉଁମାନେ ସେମାନଙ୍କ ଲେଖା ଦ୍ୱାରା ପାଠକ/ପାଠିକାମାନଙ୍କୁ ସମ୍ମୋହିତ କରି ଆସିଛନ୍ତି, ସେଭଳି ଯୋଗ୍ୟ ବ୍ୟକ୍ତିମାନେ ନୋବେଲ୍ କମିଟି ଦ୍ୱାରା ଉପେକ୍ଷିତ ହୋଇଛନ୍ତି।

(ଅବସରପ୍ରାପ୍ତ ଅଧକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅପମିଶ୍ରିତ କଫ୍‌ସିରପ୍ ଓ ଶିଶୁମୃତ୍ୟୁ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଏକ ଜନକଲ୍ୟାଣକାରୀ ଶାସନ ବ୍ୟବସ୍ଥାର ଅନ୍ୟତମ ପ୍ରଧାନ କର୍ତ୍ତବ୍ୟ ହେଲା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା। ଅନ୍ୟପକ୍ଷରେ, ଏହି କାର୍ଯ୍ୟକ୍ରମ ସହିତ ଜଡ଼ିତ ଡାକ୍ତର, ଔଷଧ ନିୟନ୍ତ୍ରକ ପ୍ରମୁଖ ବିଭିନ୍ନ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ମଧ୍ୟ ଏହା ହେଉଛି ପ୍ରଥମ ନୈତିକ ଦାୟିତ୍ୱ, କିନ୍ତୁ ସେମାନେ ବେଳେ ବେଳେ ଅପମିଶ୍ରଣକାରୀ ଲାଭଖୋର ଅସାଧୁ ଔଷଧ କମ୍ପାନୀମାନଙ୍କର ଅମାନୁଷିକ ଷଡ଼ଯନ୍ତ୍ରର ଅଂଶୀଦାର ପାଲଟି ଯିବାର ଦେଖାଯାଏ। ଏହାର ଭୟାନକ ପରିଣାମ କିପରି ନିରୀହ ଜନସାଧାରଣ ଭୋଗିଥା'ନ୍ତି ତାହାର ଭୁରିଭୁରି ଦୃଷ୍ଟାନ୍ତ ମଧ୍ୟରୁ ଅନ୍ୟତମ ରୂପେ ଏବେ ଉଭା ହୋଇଛି ତାମିଲନାଡୁର କାଞ୍ଚିପୁରମ୍ ସ୍ଥିତ ଶ୍ରୋଷାନ ଫାର୍ମାସ୍ୟୁଟିକାଲ ଦ୍ୱାରା ପ୍ରସ୍ତୁତ 'କୋଲ୍‌ଡରିଫ୍' ନାମକ କଫସିରପ୍(କାଶ ନିବାରକ ଔଷଧ) ସେବନ ଫଳରେ ବିଗତ କିଛିଦିନ ମଧ୍ୟରେ ମୃତ୍ୟୁବରଣ କରିଥିବା ମଧ୍ୟପ୍ରଦେଶର ପ୍ରାୟ ୩୦ ଜଣ, ରାଜସ୍ଥାନର ୮/୧୦ ଜଣ ଏବଂ ଅନ୍ୟକେତେକ ରାଜ୍ୟର କିଛି ଶିଶୁ।

ଇତିମଧ୍ୟରେ କରାଯାଇଥିବା ଅଧ୍ୟୟନରୁ ଏହାର ନମୁନାମାନଙ୍କରେ ଏକ ବିଷାକ୍ତ ପଦାର୍ଥ 'ଡାଇ-ଇଥିଲିନି ଗ୍ଲାଇକଲ' ବା ଡିଇଜି ପ୍ରାୟ ୪୮.୬ ଶତାଂଶ ପର୍ଯ୍ୟନ୍ତ ଥିବାର ଜଣାପଡ଼ିଛି। ତହିଁରେ ଅପମିଶ୍ରିତ କରାଯାଇଥିବା ଏହି ପଦାର୍ଥଟି କେବଳ ବିଭିନ୍ନ ଶିଳ୍ପରେ ହିମବିରୋଧୀ (ତରଳ ପଦାର୍ଥକୁ ଜମାଟ ବାନ୍ଧିବାକୁ ନଦେବା), ବ୍ରେକ୍‌କୁ ଚିକ୍କଣ ରଖିବା ତରଳ, ଦ୍ରାବକ ଆଦି ରୂପେ ଏବଂ ରଂଗ, ରେଜିନ ଆଦିର ପ୍ରସ୍ତୁତିରେ ବ୍ୟବହାର କରିବା ଲାଗି ଉଦ୍ଦିଷ୍ଟ। ଏହାର ବିଷାକ୍ତ ପ୍ରଭାବ ମୁଖ୍ୟତଃ ବୃକ୍‌କକୁ ଅକାମୀ କରିଦିଏ। ବିଶେଷକରି, ଶିଶୁମାନଙ୍କଠାରେ ଏହା ଅଧିକ ହୋଇଥାଏ। ସେଥିପାଇଁ ଏହି ଦୁଇରାଜ୍ୟ ସମେତ ଏହା ଉତ୍ପାଦନ ହେଉଥିବା ତାମିଲନାଡୁ ଏବଂ ଅନ୍ୟ କେତେକ ଅଞ୍ଚଳରେ ଏହାକୁ ନିଷେଧ କରାଗଲାଣି।

ସାଧାରଣତଃ ତରଳ ଔଷଧକୁ ବହଳିଆ କରିବା ପାଇଁ ତହିଁରେ ମିଶାଯାଏ ଗ୍ଲିସେରିନ୍ ବା ପଲିପ୍ରୋପିଲିନ ଗ୍ଲାଇକଲ୍। ଏହା ଏକ ରଙ୍ଗହୀନ, ଗନ୍ଧହୀନ, ମଧୁର ସ୍ୱାଦଯୁକ୍ତ ପଦାର୍ଥ। ପୁନଶ୍ଚ ଏହାର ଆକାର ଘନ ବା ସିରାପି। ବିଷାକ୍ତ ଡିଇଜିର ଏ ସମସ୍ତଗୁଣ ଅଛି। ଅନ୍ୟପକ୍ଷରେ ଏହା ଖୁବ୍ ଶସ୍ତା। ସେଥିପାଇଁ ଅସାଧୁ ଔଷଧ କମ୍ପାନୀମାନେ ଉତ୍ପାଦରେ ତାହାକୁ ଅପମିଶ୍ରଣ କରିଥା'ନ୍ତି। ବିଭିନ୍ନ ପ୍ରକାର କଫ୍‌ସିରପ୍‌ରେ ଥିବା ଉପାଦାନଗୁଡ଼ିକ ଥଣ୍ଡା କାଶ, ଶୁଖିଲାକାଶ ଏବଂ ଆଲର୍ଜିଜନିତ କାଶ ଲାଗି କିଛିମାତ୍ରାରେ ଭିନ୍ନ ଭିନ୍ନ ହୋଇଥାଏ। ଉଦାହରଣସ୍ୱରୂପ, ଥଣ୍ଡାକାଶରେ କଫକୁ ତରଳ କରି ଶ୍ୱାସକ୍ରିୟାକୁ ସହଜ କରିବାକୁ କେତେକ ଏକ୍ସପେକ୍ଟୋରାଣ୍ଟ ଏବଂ କାଶ ନିବାରକ ତତ୍ତ୍ୱମାନ ବ୍ୟବହାର କରାଯାଉଥିବା ବେଳେ ଶୁଖିଲା କାଶରେ ଭିନ୍ନପ୍ରକାର କାଶ ନିବାରକ ବ୍ୟବହୃତ ହୁଏ। ସେହିପରି ଆଲର୍ଜି ଯୋଗୁଁ ହେଉଥିବା କାଶ ପାଇଁ ଆଣ୍ଟିହିଷ୍ଟାମିନସର ଆବଶ୍ୟକ ପଡ଼େ। ଅନ୍ୟପକ୍ଷରେ ଏଥିରେ ଥିବା ଅନ୍ୟାନ୍ୟ ଉପାଦାନ ମଧ୍ୟରେ ଥାଏ ଗ୍ଲିସେରିନ ଭଳି ଦ୍ରାବକ ସୁକ୍ରୋଜ(ଚିନି), ସର୍ବିଟଲ ଆଦି ମିଷ୍ଟକାରୀ, ସୁରାସାର ଭଳି ଦୀର୍ଘକାଳ ସଞ୍ଚୟ ସହାୟକ ଏବଂ ବିବିଧ ସ୍ୱାଦ ଓ ରଙ୍ଗ ସୃଷ୍ଟିକାରୀ ପଦାର୍ଥ।

ନିର୍ଦ୍ଦିଷ୍ଟଭାବେ ବର୍ତ୍ତମାନର ଖଳନାୟକ କୋଲଡରିଫ୍‌ର ମୁଖ୍ୟ ସକ୍ରିୟ ଉପାଦାନଗୁଡ଼ିକ ହେଲା (୧) ଏସିଟାମିନୋଫେନ୍ ନାମକ ଜ୍ୱର ଓ ଯନ୍ତ୍ରଣା ଦୂରକାରୀ ଏକ ପାରାସିଟାମୋଲ (୨) ନାଶରନ୍ଧ୍ରକୁ ରୁଦ୍ଧାବସ୍ଥାରୁ ମୁକ୍ତ କରୁଥିବା ଫିନାଇଲ ଫ୍ରିନ୍ ହାଇଡ୍ରୋକ୍ଲୋରାଇଡ ଏବଂ (୩) ଆଲର୍ଜି ଦୂର କରୁଥିବା ଆଣ୍ଟିହିଷ୍ଟାମିନ୍। ପୁନଶ୍ଚ ଏଥିରେ ବ୍ୟବହୃତ ଦ୍ରବଣଟି ହେଲା ଗ୍ଲିସେରିନ୍। ତେବେ ଏହାର ଦାମ ବେଶି ହେଉଥିବାରୁ ଅସାଧୁ କମ୍ପାନୀ ଏଥିରେ ତା' ବଦଳରେ ମିଶାଉଛନ୍ତି ଡାଇ-ଇଥିଲିନି ଗ୍ଲାଇକଲ୍(ଡିଇଜି)।

ଏପରି ଡିଇଜିଯୁକ୍ତ କଫସିରପ୍‌ର ବ୍ୟବହାର ଏବଂ ତା'ର ଘାତକ ପ୍ରଭାବର ଇତିହାସ ନୂଆ ନୁହେଁ। ଆମେରିକାରେ ତାହା ପ୍ରଥମେ ଚିହ୍ନଟ ହୋଇଥିଲା ୧୯୩୭ ମସିହାରେ। ଏଣୁ ସେଠାରେ କର୍ତ୍ତୃପକ୍ଷ 'ଫେଡେରାଲ ଫୁଡ, ଡ୍ରଗ୍ ଆଣ୍ଡ କସ୍ମେଟିକସ୍ ଆକ୍ଟ' ପ୍ରୟୋଗ କରି ଏଥିରେ ପ୍ରତିବନ୍ଧକ ଲଗାଇବା ସହିତ ଔଷଧ କମ୍ପାନୀମାନଙ୍କୁ ସେମାନଙ୍କ ଉତ୍ପାଦରେ ଏହା ମିଶାଯାଇ ନଥିବାର ପ୍ରମାଣ ଉପସ୍ଥାପନ କରିବାକୁ ବାଧ୍ୟତାମୂଳକ କରିଥିଲେ। ଫଳରେ ସେଠରେ ଏ ସମସ୍ୟା ଆଉ ଦେଖାଯାଉ ନାହିଁ। କିନ୍ତୁ ଆମ ଦେଶରେ ଏହା ବାରମ୍ବାର ଘଟୁଥିଲେ ହେଁ ଏହାର ପ୍ରତିକାର ଲାଗି କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ନଥିଲା। ଉଦାହରଣ ସ୍ୱରୂପ, ୧୯୮୬ ମସିହାରେ ମୁମ୍ବାଇରେ ୧୪ ଜଣ ଶିଶୁଙ୍କର ଡିଇଜି ଯୁକ୍ତ କଫସିରଫ ସେବନ ହେତୁ ମୃତ୍ୟୁ ଘଟିଥିବାର ଜଣାପଡ଼ିଥିଲା ବେଳେ ୧୯୯୮ ମସିହାରେ ଏହା ଯୋଗୁଁ ପୀଡ଼ିତ ହୋଇଥିଲେ ଦିଲ୍ଲୀର ପ୍ରାୟ ୧୫୦ ଶିଶୁ ଏବଂ ସେମାନଙ୍କ ମଧ୍ୟରୁ କିଛି ମୃତ୍ୟୁବରଣ କରିଥିଲେ। ଏହି କଫସିରପ ଗୁରୁଗାଓଁ ଠାରେ ଥିବା ଏକ କାରଖାନାରେ ପ୍ରସ୍ତୁତ ହୋଇଥିବାର କୁହାଯାଏ। ତେବେ ଆମର କର୍ତ୍ତୃପକ୍ଷ ବିରାଚରିତ ଭାବେ ଏଥିରେ ଆବଶ୍ୟକ ଗୁରୁତ୍ୱ ଆରୋପ କରିନଥିଲେ। ଫଳରେ ୨୦୨୦ ମସିହାରେ ଜାମ୍ମୁ-କାଶ୍ମୀରରେ ୬ଟି ଶିଶୁ ମୃତ୍ୟୁର ଏହା କାରଣ ହେଲା।

ସେହିଭଳି ୨୦୨୨ ମସିହା ଅଗଷ୍ଟ ମାସରେ ଉଜ୍‌ବେକ୍‌ରେ ୬୫ ଜଣ ଶିଶୁମୃତ୍ୟୁ ସହିତ ସେଠାକୁ ଭାରତରୁ ଆମଦାନୀ ହୋଇଥିବା କଫ୍‌ସିରପ୍‌ର ସଂପର୍କ ଥିବାର ଜଣାପଡ଼ିଥିଲା। ଏହାର ୪ ମାସ ପରେ ସମାନ ଘଟଣା ଘଟିଲା ଗାମ୍ବିଆରେ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଏଥିପାଇଁ ଦାୟୀ କରିଥିଲା ଭାରତରୁ ପ୍ରେରିତ ଡିଇଜି ମିଶ୍ରିତ କଫ୍‌ସିରପକୁ। ଏଣୁ ବିଶ୍ୱ ଦରବାରରେ ଆମ ଦେଶରେ ପ୍ରସ୍ତୁତ ଔଷଧଗୁଡ଼ିକର ମାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅତଏବ ଅନେକ ଦେଶ ଭାରତରୁ କଫସିରପ ଏବଂ ଅନ୍ୟ କେତେକ ଔଷଧ ଆମଦାନୀ ଉପରେ କଟକଣା ଲଗାଇଥିଲେ। କିନ୍ତୁ ଆମ ଡାକ୍ତରମାନେ ମୁକ୍ତ ଭାବେ ତାହା ବ୍ୟବହାର କରିବାକୁ ଦେଲେ। ଇତିମଧ୍ୟରେ ଡିଇଜି ସହିତ ଶିଶୁ ମୃତ୍ୟୁମାନ ଦେଖିବାକୁ ମିଳିଲା ଚୀନ, ବାଂଲାଦେଶ, ହାଇଥି, ଆର୍ଜେଣ୍ଟିନା, ନାଇଜେରିଆ ଆଦି ଦେଶରେ। ତେବେ ସେସବୁ ସ୍ଥାନରେ ସରକାର ଏହାର ପ୍ରତିକାର ଲାଗି ଯାଥସମୟରେ ଦୃଢ଼ ପଦକ୍ଷେପ ନେବାରୁ ତାହାର ପୁନରାବୃତ୍ତି ଘଟିଲାନାହିଁ। ଦୁର୍ଭାଗ୍ୟର ବିଷୟ ଯେ ସେଭଳି ଅଘଟଣ କ୍ରମାଗତଭାବେ ଘଟିଚାଲିଛି ଆମ ଦେଶରେ।

ଭାରତୀୟ କର୍ତ୍ତୃପକ୍ଷଙ୍କର ଏଥିପ୍ରତି ହୁଗୁଳା ମନୋଭାବର ଏକ ସଦ୍ୟତମ ଦୃଷ୍ଟାନ୍ତ ହେଲା ଯେ ବର୍ତ୍ତମାନ ଘଟିଥିବା ଘଟଣାଗୁଡ଼ିକ ପରେ ମଧ୍ୟ ସନ୍ଦେହଘେରରେ ଥିବା ୧୯ଟି ନମୁନା କଫସିରଫ ମଧ୍ୟରୁ ମାତ୍ର ୯ଟିକୁ ପରୀକ୍ଷା କଲା ପରେ ଏବଂ ସବୁଠାରୁ ବିପଦଜନକ ମନେ ହେଉଥିବା ଦୁଇଟିକୁ ଆଦୌ ପରୀକ୍ଷା ନ କରି ସବୁଗୁଡ଼ିକୁ ଅଭିଯୋଗମୁକ୍ତ ଘୋଷଣା କରିବା। କେବଳ ସମସ୍ୟା ଅଧିକ ଜଟିଳ ହେଲା ପରେ, ବିଶେଷକରି ତାମିଲନାଡୁରେ ଏହାକୁ ନେଇ ତନାଘନା ହେବାରୁ, କେନ୍ଦ୍ରସରକାରଙ୍କ ସମେତ ଅନେକ ରାଜ୍ୟ ସରକାର ଏ କଫସିରଫର ଉତ୍ପାଦନ, ବିତରଣ ଏବଂ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କିଛି ଡାକ୍ତର ଏବଂ ସହକାରୀ ଔଷଧ ନିୟନ୍ତ୍ରକଙ୍କୁ ଏଥିପାଇଁ ପୁଲିସ ହେପାଜତକୁ ନେଇଛି। କୋଲଡରିଫ୍ ବ୍ୟତୀତ ଅନ୍ୟକିଛି କଫ୍‌ସିରପ୍‌ର ମଧ୍ୟ ପରୀକ୍ଷା କରାଯାଉଛି।

ଆମ ରାଜ୍ୟରେ ମଧ୍ୟ ଏ ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ତେବେ ଏହା ସାମଗ୍ରିକ ଭାବେ ସମସ୍ୟାଟିର ସମାଧାନ ନୁହେଁ। କାରଣ ଆଗରୁ ଅନେକଥର ଘଟିଲା ଭଳି କିଛିଦିନ ପରେ ଏ ଘଟଣାଟି ହୁଏତ ଥଣ୍ଡା ପଡ଼ିଯିବ। ତା'ପରେ ସବୁଚାଲିବ ଚିରାଚରିତ ଢଙ୍ଗରେ। ଏକ ଆକଳନ (୨୦୧୬-୨୦୧୮) ଅନୁସାରେ ଭାରତରେ ଅନେକ ଔଷଧରେ (ପ୍ରାୟ ୩%) କିଛି ନା କିଛି ଅପମିଶ୍ରଣ ବା ତ୍ରୁଟି ରହିଛି। ତେବେ ସଂବେଦନହୀନ ପ୍ରଶାସନ, ଡାକ୍ତର ଓ ଲାଭଖୋର କମ୍ପାନୀମାନଙ୍କର ଅସାଧୁ ମେଣ୍ଟ ହେତୁ ଏହାକୁ ସୁଧାରିବା ସମ୍ଭବ ହୋଇ ପାରୁନାହିଁ। ଅତଏବ ଦେଶର ହଜାର ହଜାର ନିରୀହ ଲୋକ ଉନ୍ମୁକ୍ତ ରହୁଛନ୍ତି ବିବିଧ ରୋଗଜନିତ ଅକ୍ଷମତା ଏବଂ ଅକାଳମୃତ୍ୟୁକୁ।

ଭୁବନେଶ୍ୱର, ମୋ : ୯୯୩୭୩୦୧୪୬୦

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଗୁଳୁଚିଲତା

ସୌଭାଗ୍ୟସୁନ୍ଦର

ଗୁଳୁଚିଲତା, ଗୁଳୁଚି କିମ୍ବା ଗିଲୋଇ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଏକ ମୂଳଜାତ ଉଦ୍ଭିଦ। ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ମିଆଁମାର, ଚୀନ୍, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ଇଣ୍ଡୋନେସିଆ, ମାଲେସିଆ, ବୋର୍ଣ୍ଣିଓ, ଭିଏତନାମ ଏବଂ ଉତ୍ତର ଓ ଦକ୍ଷିଣ ଆଫ୍ରିକା ଇତ୍ୟାଦି ଦେଶମାନଙ୍କରେ ଏହା ସାଧାରଣତଃ ଦେଖାଯାଏ। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୬୦୦ ମିଟର ଉଚ୍ଚତା ଯାଏଁ ଉଷ୍ମମଣ୍ଡଳୀୟ ଏବଂ ଉପଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ଏକ ଉପକାରୀ ଆୟୁର୍ବେଦ ଓଉଷଧି ଲତା।

ଗୁଳୁଚିର କାଣ୍ଡ ଓ ଶାଖାଗୁଡ଼ିକର ଗଣ୍ଠିରୁ ଅନେକ ତାର ଭଳି ଚେର ଓହଳି ରହେ। କାଣ୍ଡ ଗଠନ ତନ୍ତୁମୟ, ରସାଳ। ଏହାର ଛାଲ ଧଳାରୁ ଧୂସର ରଙ୍ଗର। ପତ୍ରଗୁଡ଼ିକ ଆକାରରେ ବଡ଼, ହୃଦୟ ଆକୃତିର, ଗୋଲାକାର, ସରଳ, ବିକଳ୍ପ ଏବଂ ୧୫ ସେମି ଲମ୍ବା। ପତ୍ର ଅକ୍ଷରେ ପୁଷ୍ପଦଗମ ଧାରଣ କରିଥିବା ଫୁଲଗୁଡ଼ିକ ଏକ ଲିଙ୍ଗ ବିଶିଷ୍ଟ, ପୃଥକ ଗଛରେ ସନ୍ନିବିଷ୍ଟ ଥାଏ। ଫଳଗୁଡ଼ିକ ଗୋଟିଏରୁ ତିନୋଟି ଡ୍ରୁପ, ଲାଲ କିମ୍ବା କମଳା ରଙ୍ଗର କ୍ଲଷ୍ଟରରେ ଏକତ୍ରିତ ଥାଏ। ଏହାର ଫୁଲ ଗ୍ରୀଷ୍ମ ଋତୁରେ ଫୁଟେ ଏବଂ ଶୀତଋତୁରେ ଫଳ ଉତ୍ପାଦନ ହୁଏ।

ଗୁଳୁଚି ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଲତା, ଅନେକ ଆୟୁର୍ବେଦିକ ଔଷଧର ଉପାଦେୟ ଉପାଦାନ। ଆୟୁର୍ବେଦରେ ଏହାକୁ ରସାୟନ କୁହାଯାଏ। ଏହା ଶରୀରର ସାଧାରଣ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରେ, ଦୀର୍ଘଜୀବନ ନିଶ୍ଚିତ କରେ ଏବଂ ଚାପମୁକ୍ତ କରେ। ଏହା ପ୍ରଦାହ-ପ୍ରତିରୋଧୀ, ଇମ୍ୟୁନୋ-ମୋଡୁଲେଟୋରୀ, ଆଣ୍ଟି-ପାଇରେଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଡାଇବେଟିକ୍, ଆଣ୍ଟି-ଆଲରଜିକ୍ ଏବଂ ଆର୍ଥରାଇଟିକ୍-ପ୍ରତିରୋଧୀ। ଗୁଳୁଚି ଜ୍ୱର, ଦୀର୍ଘକାଳୀନ ଜ୍ୱର, ସଂକ୍ରମଣ, କର୍କଟ, ଶ୍ୱାସ, ଗଣ୍ଠି ବାତ, ରିମାଟୁଟେଡ୍ ଆର୍ଥ୍ରାଇଟିସ୍, ପୁନରାବୃତ୍ତି ସଂକ୍ରମଣ, ପୁନରାବୃତ୍ତି ସାଧାରଣ ଥଣ୍ଡା, ଦୀର୍ଘକାଳୀନ ଥକ୍କାପଣ, ଉଚ୍ଚ କୋଲେଷ୍ଟ୍ରଲ୍ ସ୍ତର, ଏଥେରୋସ୍କେଲରୋସିସ୍, ଗାଉଟ୍, ହୃଦୟ ଦୁର୍ବଳତା, ଏସିଡିଟି, କ୍ରନିକ୍ ଗ୍ୟାଷ୍ଟ୍ରିକ୍, କୋଷ୍ଠକାଠିନ୍ୟ, ଗ୍ରହଣୀ ଘା', ହାର୍ଟବର୍ଣ୍ଣ, ପେପ୍ଟିକ୍ ଘା', ମୁଖ ଘା', ଘା', ହେପାଟାଇଟିସ୍, ପିତ୍ତକୋଷର ପ୍ରଦାହ, ଭୋକ ହ୍ରାସ, ବଦହଜମୀ, ଗ୍ୟାସ୍ କିମ୍ବା ପେଟ ଫୁଲିବା, ଯକୃତ ରୋଗ, ଅଗ୍ନାଶୟ କ୍ଷତି, ବୃକକ୍ ଓ ମୂତ୍ରାଶୟ ରୋଗ, ପରିସ୍ରାରେ ଜଳାପୋଡ଼ା, ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ, ଅଜ୍ଞାତ ଉତ୍ପତ୍ତି ଜ୍ୱର, ଗଳା ସଂକ୍ରମଣ, ଛିଙ୍କ, କାଶ, ଶରୀର ଯନ୍ତ୍ରଣା ଇତ୍ୟାଦି ରୋଗର ଉପଶମ ପାଇଁ ଚିକିତ୍ସା କରାଯାଏ।

ଏହା ଏକ ମୃଦୁ ଆନାଲ୍ଜେସିକ୍, ଆଣ୍ଟାସିଡ୍, ଫେବ୍ରିଫିଜ୍, ଗାଉଟ୍-ନିରୋଧୀ, ମ୍ୟୁଟାଜେନିକ୍, ପ୍ରୁରିଟିକ୍ସ, ହେମାଟୋଜେନିକ୍ (ଲୋହିତ ରକ୍ତ କଣିକା ଗଠନରେ ସାହାଯ୍ୟ କରେ), ଡିଟକ୍ସିଫାୟର, ଡିମଲସେଣ୍ଟ, କାର୍ମିନେଟିଭ୍, ପାଚନ ପ୍ରେରକ, ହାଇପୋ-ଗ୍ଲାଇସେମିକ୍, ଡାଇୟୁରେଟିକ୍ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଆୟୁର୍ବେଦିକ ଔଷଧ। ଏହାର ପାକସ୍ଥଳୀ ସୁରକ୍ଷା ପ୍ରଭାବ ମଧ୍ୟ ଅଛି। କାଣ୍ଡ ତିକ୍ତ, ଏକ ମୁଖ୍ୟ ଔଷଧୀୟ ଅଂଶ। ଗୁଳୁଚି ପାଉଡର, ରସ କିମ୍ବା କ୍ୟାପସୁଲ୍ ଆକାରରେ ନିଆଯାଇପାରେ। ଗୁଳୁଚିରେ ଷ୍ଟେରଏଡ୍, ବିଭିନ୍ନ ଫାଇଟୋକେମିକାଲ୍ସ, ଯେପରିକି ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍ସ, ଗ୍ଲାଇକୋସାଇଡ୍ସ, ଟାଇନୋସ୍ପୋରାଇଡ୍ସ ଅନ୍ତର୍ଭୁକ୍ତ। ମୁଖ୍ୟ ଆଲକାଲଏଡ୍ ଏବଂ ଦ୍ୱିତୀୟ ମେଟାବୋଲାଇଟ୍ସ ହେଉଛି ଟାଇନୋସ୍ପୋରିନ୍, ଟାଇନୋସ୍ପୋରାଇଡ୍, ଟାଇନୋସ୍ପୋରାସାଇଡ୍, କର୍ଡିଫୋଲାଇଡ୍, କର୍ଡିଫୋଲ, ହେପ୍ଟାକୋସାନୋଲ୍ ଓ ଟାଇନୋସ୍ପୋରାଇଡିନ୍। ଭାରତରେ ୨୦୨୦-୨୨ କୋଭିଡ-୧୯ ପ୍ରକୋପ ସମୟରେ ଆୟୁଷ ମନ୍ତ୍ରଣାଳୟ ରୋଗ ପ୍ରତିରକ୍ଷା ସମର୍ଥନ ପାଇଁ ଗୁଳୁଚିକୁ ଘରୋଇ ଉପଚାର ଭାବରେ ବ୍ୟବହାର କରିବାକୁ ସୁପାରିସ କରିଥିଲା। କିନ୍ତୁ ପରେ ଏହା ହେପାଟାଇଟିସ୍ ସହିତ ଜଡ଼ିତ ଥିବା ଦେଖାଯାଇଥିଲା।

ମେ-ଜୁଲାଇ ମାସରେ ପୁରୁଣା କାଣ୍ଡରୁ ପ୍ରାପ୍ତ ତାଜା କଟା କାଣ୍ଡ ଦ୍ୱାରା ଏହି ଗଛ ଚାଷ କରାଯାଏ। ବଂଶବିସ୍ତାର ପାଇଁ ବିହନ ମଧ୍ୟ ବ୍ୟବହାର କରାଯାଏ। ଗୁଳୁଚି ଡାଳ ମାଳିବା ପାଇଁ ସାଧାରଣତଃ ନିକଟସ୍ଥ ନିମ୍ବ ଏବଂ ଆମ୍ବ ଗଛର ସହାୟତା ଆବଶ୍ୟକ ହୁଏ। ଏହା ପ୍ରାୟ ଯେକୌଣସି ପ୍ରକାରର ମାଟିରେ ଭଲ ବଢ଼ିପାରେ, ତଥାପି ଭଲ ଜଳ ନିଷ୍କାସନ ସହିତ ଜୈବିକ ପଦାର୍ଥରେ ଭରପୂର ହାଲୁକା ବାଲିଆ ଦୋରସା ମାଟି ଏହି ଫସଲ ପାଇଁ ଉପଯୁକ୍ତ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାଡ଼ିଆସୁଛି ମୋନ୍ଥା...

କିମି ହୋଇପାରେ। ଯଦି ମାଲକାନଗିରି ହୋଇ ବାତ୍ୟା ଯାଏ, ତେବେ ଅବିଭକ୍ତ କୋରାପୁଟ, ଗଞ୍ଜାମ, ଗଜପତି, ଓ ନୂଆପଡ଼ା ସହିତ କଳାହାଣ୍ଡିରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ହୋଇପାରେ। ମାତ୍ର ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦ କିମି ପର୍ଯ୍ୟନ୍ତ ହୋଇପାରେ। ଏହି ବାତ୍ୟା ଯୋଗୁଁ ରାଜ୍ୟର ଦକ୍ଷିଣ ଉପକୂଳରେ ପ୍ରବଳ ବର୍ଷା ହେବ। ୨୭ ତାରିଖ ଅପରାହ୍ଣରୁ ଗଜପତି, ରାୟଗଡ଼ା, ଗଞ୍ଜାମ, ଖୋର୍ଦ୍ଧାରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ସହ ନୟାଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୯ ସନ୍ଧ୍ୟା ଓ ୩୦ରେ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ମଧ୍ୟମ ବର୍ଷା ହୋଇପାରେ। ଗଜପତି, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ୧୫୦ ମିମି, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଉପକୂଳ ଅଞ୍ଚଳରେ ୧୦୦-୧୨୦ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୭ରେ ଦକ୍ଷିଣ ଓଡ଼ିଶା ବିଶେଷ କରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ବର୍ଷା ଅଧିକ ରହିପାରେ। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ରେଡ଼ ଆଲର୍ଟ ଜାରି କରାଯାଇଛି। କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ମୋନ୍ଥାର ବାହ୍ୟ ବଳରେ ରହିଥିବା କିଛି କିଛି ମେଘ ଖଣ୍ଡ ଏବେ ଦକ୍ଷିଣ ଓଡ଼ିଶାରେ ପହଞ୍ଚିଛି ଓ କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ଆରମ୍ଭ ହୋଇଛି। ୨୭ରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୮ ଓ ୨୯ ତାରିଖରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତରେ ରହିଥିବା ପୂର୍ବଘାଟ ପର୍ବତମାଳା ଯୋଗୁଁ ଓଡ଼ିଶାରେ ବାତ୍ୟାର ପ୍ରଭାବ କମ୍ ରହିବ। ମାତ୍ର ଏହାର ପାଶ୍ୱର୍ ପ୍ରଭାବରେ ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ସହ ଭୂସ୍ଖଳନ ଆଶଙ୍କା ରହିଛି ବୋଲି କୁହାଯାଉଛି। ପୂର୍ବରୁ ୨୦୧୮ ରେ 'ତିତ୍‌ଲି' ମଧ୍ୟ ସମାନ ଢାଞ୍ଚାରେ ଆନ୍ଧ୍ରରେ ସ୍ଥଳଭାଗ ଅତିକ୍ରମ କରି ଓଡ଼ିଶା ମୁହାଁ ହୋଇଥିଲା ଓ ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁଁ ଗଜପତିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ଏହାପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

## ୮ ଜିଲ୍ଲାକୁ ଗଲେ...

ଶ୍ରୀ ପୂଜାରୀ ଏସ୍‌ଆର୍‌ସି ଡିକେ ସିଂହଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହାପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଗଜପତି ଜିଲ୍ଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୮ଟି ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ୮ଟି ଜିଲ୍ଲାରେ ମୁତୟନ କରାଯାଇଛି। ଜିଲ୍ଲାପାଳମାନଙ୍କୁ ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନମାନଙ୍କରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା ହୋଇଛି। ଡାକ୍ତରଖାନା, ଜରୁରୀ ସେବା, ପାନୀୟ ଜଳ ଯୋଗାଇଦେବା ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି। ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବାମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଭଳି ଉଚ୍ଚସ୍ଥାନରେ ଥିବା ଲୋକମାନଙ୍କୁ ସମତଳ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ରତଟକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଆନ୍ଧ୍ରକୁ ଗଲେ...

ଅନ୍ୟାନ ସାମଗ୍ରୀ ପ୍ରସ୍ତୁତି କରି ରଖିବାକୁ କୁହାଯାଇଛି। ବର୍ଷା ହେବାକୁ ଥିବା ଜିଲ୍ଲାରେ ୨ଶହ ଟିମ୍‌କୁ ସଜାଗ ରଖାଯାଇଛି। ବାତ୍ୟାର ଗତିପଥ ଏବଂ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଜିଲ୍ଲାରେ ଅଧିକ ଟିମ୍ ମୁତୟନ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ୫ ଶିଶୁ ଏଚ୍‌ଆଇଭି...

ମାତ୍ରେ ହିଁ ଯାଞ୍ଚ୍ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ଦିନେଶ କୁମାରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍‌କୁ ଚାଇବସା ହସ୍ପିଟାଲକୁ ପଠାଇ ଦିଆଯାଇଛି। ଶନିବାର ଏହି ଟିମ ଯାଞ୍ଚ କରିବା ପରେ ଆଉ ୪ ଜଣ ଥାଲାସେମିଆ ପୀଡିତ ଶିଶୁ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଫଳରେ ଏହି ମାମଲା ଆହୁରି ଗମ୍ଭୀର ହୋଇଥିଲା। ସବୁ ୫ ଶିଶୁଙ୍କୁ ନିୟମିତ ଭାବେ ଏହି ହସ୍ପିଟାଲ୍‌ରେ ରକ୍ତ ଦିଆଯାଉଥିଲା। ଯାଞ୍ଚ ଅବସରରେ ବ୍ଲଡ ବ୍ୟାଙ୍କରେ କିଛି ଅନିୟମିତତା ଦେଖିବାକୁ ମିଳିଥିଲା ଓ ଏହାକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପାଇଁ ଏହି ବ୍ଲଡବ୍ୟାଙ୍କକୁ ଜରୁରୀକାଳିନ ସ୍ଥିତିରେ ରଖାଯାଇଛି। ଅତି ଗମ୍ଭୀର ମାମଲା ନ ହେଲେ ସେବା ପ୍ରଦାନ କରାଯିବ ନାହିଁ ବୋଲି କୁହାଯାଇଛି। ମେଡିକାଲ ଟିମ୍ ବ୍ଲଡ ବ୍ୟାଙ୍କର ପେଡିଆଟ୍ରିକ୍ ଇଣ୍ଟେନସିଭ କେୟାର ୟୁନିଟ୍ (ପିଆଇସିୟୁ)ର ନୀରିକ୍ଷଣ କରିଛନ୍ତି ଓ ପ୍ରଭାବିତ ପିଲାଙ୍କ ପରିବାର ସହ କଥା ହୋଇଛନ୍ତି। ବ୍ଲଡ ବ୍ୟାଙ୍କରେ ଏକାଧିକ ଅନିୟମିତତା ହୋଇଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି। ବ୍ଲଡ ସାମ୍ପୁଲ ଟେଷ୍ଟିଂ, ରେକର୍ଡ ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରୋଟୋକଲ୍‌ରେ ଗମ୍ଭୀର ଭାବେ ଅବହେଳା ହୋଇଥିବା ଯାଞ୍ଚରୁ ଜଣାପଡିଛି। ଏ ନେଇ ସବିଶେଷ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି। ତେବେ ସଂକ୍ରମଣ କିପରି ବ୍ୟାପୀଲା ସେ ନେଇ ଯାଞ୍ଚ ଚାଲୁ ରହିଛି ବୋଲି ଜିଲ୍ଲା ସିଭିଲ ସର୍ଜନ ଡା ସୁଶାନ୍ତ କୁମାର ମାଝି କହିଛନ୍ତି। ତେବେ କେବଳ ରକ୍ତ ନେବା କାରଣରୁ ପିଲାମାନେ ଏଚ୍‌ଆଇଭି ପଜିଟିଭ ହୋଇଛନ୍ତି ବୋଲି ନିଷ୍କର୍ସରେ ପହଞ୍ଚିବା ଠିକ୍ ହେବନାହିଁ ଓ ଅନ୍ୟ କାରଣ ପାଇଁ ମଧ୍ୟ ଏପରି ହୋଇଥାଇପାରେ ବୋଲି ସେ କହିଛନ୍ତି। ପ୍ରଥମେ ସଂକ୍ରମିତ ହୋଇଥିବା ପିଲାର ପରିବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କଠାରେ ଆଭିଯୋଗ କରି ନ୍ୟାୟ ମାଗିଛନ୍ତି। ଏବେ ଏହି ମାମଲା ଝାଡଖଣ୍ଡ ହାଇକୋର୍ଟରେ ପହଞ୍ଚିଛି।

## ସ୍କୁଲ ଯିବା ବେଳେ...

କୋର୍ଟଚାଲାଣ କରିଛି। ଜମନକିରା ପୁଲିସ ଏନେଇ ନଂ ୧୯୪ /୨୫ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ବିରୋଧରେ ବିଏନଏସ୍ ଦଫା ୬୪(୨)(ଆଇ), ୬୫(୧) ବିଏନ୍‌ଏସ୍, ଆର୍‌ଡବ୍ଲୁ ସେକ୍ସନ୍ ୬ ଅଫ୍ ପୋକ୍ସୋ ଆକ୍ଟ ୨୦୧୨ ଅନୁଯାୟୀ ମାମଲା ରୁଜୁ କରାଯାଇଛି।


**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

I, **Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| **1** | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| **2** | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **3** | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **4** | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**



**AFFIDAVIT**

By virtue of an affidavit sworn before the Executive Magistrate, Jajpur on dtd.22.10.2025, I, Sri Abhiram Khandai, resident of Village-Kalaspur, Po- Hasinpur, Ps-Jajpur Sadar, Dist- Jajpur, do hereby declare that my correct name is Abhiram Khandai but in some records mentioned as Abhiram Panda i.e., myself. Henceforth, I shall be known as **Abhiram Khandai** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bolagarh, dated 21.04.2025 I, Priti Ranjan Swain, Address: At/Po: Manikagoda, Ps: Bolagarh, Dist: Khordha, Odisha, Pin: 752066, declare that I have changed my name from Priti Ranjan Swain (old name) to Pritiranjan Swain (new name). Henceforth, I shall be known as Pritiranjan Swain for all purposes.

**Pritiranjan Swain**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EI-NORTH SEC-KUR-508, ତା.21.10.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଉପଯୋଗିତା ସ୍ଥାନାନ୍ତରଣ (Utility Shifting) ସହିତ ଏନ୍‌ଏଚ୍(NH)-200 (ନୂଆ ଏନ୍‌ଏଚ୍ (NH)-53)ରେ କି.ମି. 370/25-27 ଏବଂ ଲେଭେଲ କ୍ରସିଙ୍ଗ୍ (LC)-182, JB-7, CP-09 ଠାରେ ରୋଡ୍ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ ସଂକେତ ଏବଂ ଦୂରସଂଚାର କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(₹): 1,73,33,201.83, EMD (₹): 2,36,700.00।

ବିଡ୍ ଆରମ୍ଭ ହେବା ତାରିଖ : ତା.29.10.2025ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-723/Q/25-26

**WALK-IN-INTERVIEW**

**For B.Sc.-Nursing, GNM, ANM, Diploma (Mechanical, Electrical, Civil, C.S.E, Mining), PGDM (HR, Marketing, Finance), BBA, BCA, B.Sc-Biotech**

**Teaching Staff:** Nursing tutor (B.SC /M.SC), MCA, M.Sc. (Math, Chemistry, Physics, Statistics), & M.A-English, B.Tech./M.tech (Relevant Trades), Ph.D. (Completed/Pursuing), Principal, Associate Professor, Assistant Professor, Teaching Assistant, NCC (MALE & FEMALE). Lab Assistant

**Non-Teaching:** Admission/Marketing Officer, Placement Officer, Office Assistant, Front Desk/Tele caller (Female),Hostel Superintendent/Warden(Female/Male), Driver (Bus/Car), Security Guard, Librarian, Hardware Operator (Desktop/CCTV Camera), Accounts Assistant, Cook for Canteen, Peon.

Walk-in Interview on 28TH OCT 2025 at 10.30 A.M. to 4.30 P.M. in the Campus with copies of All Educational Documents. The applicants may attach CV & required testimonials within 3 days from the date of first advertisement:**akwect.new@gmail.com**

**Contact No: 8249045044/9861031372.**

**ASHAA KIRANN GROUP OF INSTITUTIONS,**
**Plot No-622, At/Po- Palasapur, Chhatabar, Dist- Khordha-752054**

OFFICE OF THE PRINCIPAL
**GETESWAR SANSKRIT COLLEGE, MATIGADA, OUPADA, BALASORE**

**ଅତିଥି ଅଧ୍ୟାପକ ଆବଶ୍ୟକ**

ଏତଦ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପତ୍ର ସଂଖ୍ୟା- ୫୭୧୯୮, ତା-୨୩/୧୦/୨୦୨୫ ରିଖ ନିର୍ଦ୍ଦେଶ ଅନୁସାରେ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ, ମାଟିଗଡା, ଔପଦା, ବାଲେଶ୍ୱର ରେ ଖାଲି ଥିବା ନିମ୍ନ ବିଷୟ ମାନଙ୍କ ରେ ଅତିଥି ଅଧ୍ୟାପକ ନିଯୁକ୍ତି କରାଯିବ।
(୧) ଇତିହାସ-୧ ଇଂରାଜୀ-୧
(୨) ଯୋଗ୍ୟତା: ଅବସରପ୍ରାପ୍ତ ଅଧ୍ୟାପକ (୪୮୮,୬୬୨) ଏବଂ ସଂସ୍କୃତ ବର୍ଗର)
(୩) ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ
(୪) ଆବେଦନ ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋଟାଲ ମାଧ୍ୟମରେ ବିଜ୍ଞାପନ ର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।

Sd/- Principal Cum Secratary
Contact - 9937348089

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**CONVENING OF 107TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 107th Annual General Meeting (AGM) of the members of The Orissa Minerals Development Company Limited will be held on Tuesday, 18th November, 2025 at 11.00 A.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 107th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA")/Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 107th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 25.10.2025

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: www.birdgroup.co.in

**CONVENING OF 98TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 98th Annual General Meeting (AGM) of the members of Eastern Investments Limited will be held on Tuesday, 18th November, 2025 at 12.30 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 98th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA")/ Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 98th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

**THE BISRA STONE LIME COMPANY LIMITED**
CIN: L14100OR1910GOI033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**CONVENING OF 114TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 114th Annual General Meeting (AGM) of the members of The Bisra Stone Lime Company Limited will be held on Tuesday, 18th November, 2025 at 12.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 114th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA")/Depository Participant(s). Further, the said documents will also be made available on the Company's website i.e. www.birdgroup.co.in and website of the Stock Exchanges i.e. www.nseindia.com and www.bseindia.com.

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 114th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at omdc.sec.dept@gmail.com with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

# ବାନ୍ଧୁଟିକ୍ରାବାସୀଙ୍କୁ ଜିଲ୍ଲା ପ୍ରଶାସନର ସାବତ ପୁଅ ବ୍ୟବହାର

ବରଗଡ଼,୨୬।୧୦(ସମିସ):





- ବାନ୍ଧୁଟିକ୍ରା ରାସ୍ତା ପାଲଟିଛି ଶାଖା କେନାଲ
- ଧନୁଯାତ୍ରା ପୂର୍ବରୁ ସମାଧାନ ନ ହେଲେ ଆନ୍ଦୋଳନ
- ୪ ଦଫା ଦାବି ନେଇ ଆଲୋଚନାଚକ୍ର

ବରଗଡ଼ ବୀର ସୁରେନ୍ଦ୍ର ସାଏ ଛକ ବାନ୍ଧୁଟିକ୍ରାରୁ ଆମ୍ବେଦକର ଛକ ଘୁଲିପାଲିକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବର୍ଷସାରା ନର୍ଦ୍ଦମା ପାଣି ବହୁଛି । ଏହିରାସ୍ତା ବରଗଡ଼ ସହର ଏବଂ ବାଇପାସ୍ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା । ପ୍ରତ୍ୟେକ ଦିନ ଶହ ଶହ ଛାତ୍ରଛାତ୍ରୀ ଏହିରାସ୍ତା ଦେଇ ସ୍କୁଲ କଲେଜ ଯାଇଥାନ୍ତି । ୧୮ ଓ ୯ ନଂ ୱାର୍ଡରେ ବସବାସ କରୁଥିବା ହଜାର ହଜାର ଲୋକ ନିତିଦିନ ଏହି ନର୍ଦ୍ଦମା ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅତ୍ୟଧିକ ପାଣି ଯୋଗୁଁ ବୟସ୍କ ଲୋକେ ଯିବା ଆସିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଇ ହାତ ଗୋଡ ଭାଙ୍ଗି ସାରିଲାଣି । ବାରମ୍ବାର ମ୍ୟୁନିସିପାଲଟି ଏବଂ ଜିଲ୍ଲା ପ୍ରଶାସନ ତଥା ବିଧାୟକଙ୍କୁ ଅଭିଯୋଗ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରାସ୍ତା ଏବଂ ଡ୍ରେନର କୌଣସି ବ୍ୟବସ୍ଥା ହୋଇନାହିଁ । ରାସ୍ତା ନିର୍ମାଣ, ଡ୍ରେନ ନିର୍ମାଣ, ଆଲୋକୀକରଣର ବ୍ୟବସ୍ଥା ଓ ନିଶା ନିବାରଣ ସମସ୍ୟାର ସମାଧାନ ପାଇଁ ଆଜି ପୁଣି ଥରେ ବାନ୍ଧୁଟିକ୍ରାର କାଉନସିଲର ବଡ କୁମ୍ଭାରଙ୍କ ସମେତ ସାଧାରଣ ଜନତା ସଭା କରିଛନ୍ତି । ସଭାରେ ଦିଲ୍ଲିପ ସାହୁ, ଚଞ୍ଚଳ ମିଶ୍ର, ଶ୍ରୀକାନ୍ତ ଶତପଥୀ, ଦୁଃଖିଶ୍ୟାମ ମେହେର, ରାଜେନ୍ଦ୍ର ମେହେର, ନୃପସେନ୍ ସରାଫ, କୃଷ୍ଣଚନ୍ଦ୍ର ଦାସ୍, ସୁବାସ ଦାସ୍, ବୁଲୁ ଦାସ୍ ପ୍ରେମାନନ୍ଦ, ରାଜାରାମ, ସଂଗ୍ରାମ, କୃଷ୍ଣଚନ୍ଦ୍ର ଗୁରୁ, ଚିତ୍ତ ସାହୁ, ଚିତ୍ତ ପଣ୍ଡା, ହରେକୃଷ୍ଣ ସାହୁ, ଧୀରେନ୍ଦ୍ର ସାହୁ ସମେତ ପଡାବାସୀ ଉପସ୍ଥିତ ଥିଲେ । ପୁଣି ଥରେ ମ୍ୟୁନିସିପାଲଟି ଓ ଜିଲ୍ଲାପାଳ ଅଫିସ, ବିଧାୟକଙ୍କୁ ଯାଇ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ସମସ୍ୟାକୁ ନେଇ ଲୋକଙ୍କ ମନରେ ଆକ୍ରୋଶ ଭାବନା ସୃଷ୍ଟି ହୋଇଛି । ଯଦି ଏହାର ସମାଧାନ ଧନୁଯାତ୍ରା ପୂର୍ବରୁ ନ ହୁଏ ତେବେ ଆଗାମୀ ଦିନରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାର ନିଷ୍ପତ୍ତି ନେଇଛନ୍ତି ।

## ଲାଉମୁଣ୍ଡାରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ବରଗଡ଼/ବିଜେପୁର,୨୬।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଲାଉମୁଣ୍ଡା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ରବିବାର ରିଦ୍ଧି ଟ୍ରଷ୍ଟ ଓ ତ୍ରିଲୋଚନ ନେତ୍ରାଳୟର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ୍ ସଭାପତି ଜୟଲାଲ ମେହେର ଓ ପୂର୍ବତନ ଜିଲ୍ଲା ପରିଷଦ ଓ ସରପଞ୍ଚ କିଶୋର ମେହେର ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ଡାକ୍ତର ଟିମ୍ ୯୫ ଜଣ ରୋଗୀଙ୍କୁ ପରୀକ୍ଷା କରି ମାଗଣାରେ ଚଷମା ବଣ୍ଟନ କରିଥିଲେ । ୫୩ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁରକୁ ପଠାଇଥିଲେ । ଡାକ୍ତରୀ ଟିମ୍‌ରେ ଡ.ସୁକୁମନି, ସୁମତି ସୁନା, ପ୍ରୀତ ସାହୁ, ସମୀର ସାହୁ, ସୁମନ୍ତ ଭୋଇ ଓ ସୁମିତ ସାହୁ ଉପସ୍ଥିତ ଥିଲେ । ଏଥିରେ ରିଦ୍ଧି ଟ୍ରଷ୍ଟ ସଭାପତି ସୀତାରାମ ଭୋଇ, ସମ୍ପାଦକ ସବିତା ଥପା, ଗଙ୍ଗାଧର ମେହେର, ଅନ୍ୱେଷା ଶତପଥୀ, ସଚିନ ଥପା, ଛବିଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ବରପଦର ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ଥୁଆପାଲି,୨୬।୧୦(ସମିସ): ବରଗଡ଼ ଜିଲ୍ଲା ଭେଡେନ ଲୁହାଖଣ୍ଡି ପଞ୍ଚାୟତର ବରପଦର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୯୪ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ହୋଇଯାଇଛି । ହିରା ମହାକୁର, ସୁରେନ୍ଦ୍ର ପଣ୍ଡା, ଗୌତମ ମହାକୁର ଓ ଭୀମ ଦୁବସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ହେମନ୍ତ କର୍ମୀ, ଅନିରୁଦ୍ଧ ମହାକୁର, ଶୁକଦେବ ରଣା, ନିଳାମ୍ବର ବାଗ, ଚହଲ ପଧାନ, ଓଜସ୍ୱିନୀ କରନ, ରିନା ଦନ୍ତା, ସଂଯୁକ୍ତା ମେଲ୍ଲି, ଗିରିଧାରୀ ପଧାନ, ମମତା କର୍ମୀ, ପୁଷ୍ପିତା ମିଶ୍ର, ରଶ୍ମି ରଥ, ବୃନ୍ଦାବନ ପାଣ୍ଡେ ଓ ସୌଦାମିନୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆଗାମୀ ଦିନରେ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଶେଷରେ ଆୟୋଜକ କମିଟି ପକ୍ଷରୁ ଭୀମ ଦୁବସାଗର ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଷାସୁର ବଧ ସହ ଜାମଡୋଲ ଶ୍ୟାମାକାଳୀ ପୂଜା ଉଦ୍‌ଯାପିତ

ଭେଡେନ,୨୬।୧୦(ସମିସ): ଭେଡେନ ବ୍ଲକ୍ ଅଧୀନ ଭେଡେନ ପଞ୍ଚାୟତ ସ୍ଥିତ ଜାମଡୋଲ ଗାଁରେ ୪୯ତମ ଶ୍ୟାମାକାଳୀ ପୂଜା ମହୋତ୍ସବ ଅନୁଷ୍ଠିତ ହେଉଛି । ୫ଦିନ ଧରି ଚାଲିଥିବା ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମର ଶେଷ ଦିନ ମହିଷାସୁର ବଧ ସହ ଉଦ୍‌ଯାପିତ ହୋଇଯାଇଛି । ରତ୍ନଗିରି ପାହାଡରେ ମାଁ ଦୁର୍ଗାଙ୍କ ହସ୍ତରେ ଚଣ୍ଡମୁଣ୍ଡ, ଶୁମ୍ଭ ନିଶୁମ୍ଭ ବଧ ହେବା ଖବର ପାଇ ମହିଷାସୁର ମର୍ମାହତ ହୋଇ ନିଜ ଶାଳକ ରକ୍ତବୀଜକୁ ଯୁଦ୍ଧକ୍ଷେତ୍ରକୁ ପ୍ରେରଣ କରିଥିଲା । ମାଁଙ୍କ ହସ୍ତରେ ରକ୍ତବୀଜ ନିହତ ହେବା ଖବର ପାଇ କ୍ରୋଧ ଜର୍ଜରୀତ ମହିଷାସୁର ମାଁ ଦୁର୍ଗାଙ୍କ ସହିତ ଯୁଦ୍ଧ ପାଇଁ ଯୁଦ୍ଧକ୍ଷେତ୍ରକୁ ଯାଇଛି । ହେଲେ ମାଁଙ୍କ ହସ୍ତରେ ମହିଷାସୁର ମୃତ୍ୟୁବରଣ କରିଛି ।



ଅଧର୍ମ ଉପରେ ଧର୍ମର ଜୟ ହେବାସହ ସଂସାରରେ ସତ୍ୟ ଓ ଧର୍ମର ପ୍ରତିଷ୍ଠା ହୋଇଛି । ମହିଷାସୁର ଦରବାରର ମଞ୍ଚ ପରିଚାଳନା ରୁଦ୍ରଦେବ ସାହୁ, ଯାଯୁସ ଦଳେଇ କରିଥିଲେ । ରାଜଦରବାରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କମିଟିର ସଭାପତି ଉମାକାନ୍ତ ଭୋଇ, ଠାକୁର ଦଳେଇ, ପିଣ୍ଟୁ ପାତ୍ର, ଅମିତ ପଣ୍ଡା, ବିରେନ୍ଦ୍ର ଭୋଇ, ରବୀନ୍ଦ୍ର ସାହୁ, ଘାସିରାମ କର୍ମୀ, ଶମ୍ଭୁ ପଧାନ, ଜୟଲାଲ ପାତ୍ର, ଥବିର ପାତ୍ର, ରଶ୍ମିକାନ୍ତ ପାତ୍ର, ଦିବା ପାତ୍ର, ବୁଧୁ ମହାକୁର, ଚକ୍ର ଦଳେଇ, ଗୋପାଳ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ପୂଜା ମଣ୍ଡପରେ ମୁଖ୍ୟ ପଣ୍ଡିତ ସମୀର ରଞ୍ଜନ ଶତପଥୀ ଓ ତାଙ୍କ ସହଯୋଗୀ ସୁକାନ୍ତ ପଣ୍ଡା, ରତ୍ନାକର ଶତପଥୀ, ଦୁଷ୍ମନ୍ତ ଦେହେରି, ବିଷ୍ଣୁ ଦାଶଙ୍କ ଦ୍ୱାରା ହୋମ, ଯଜ୍ଞ ସହ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା । ଶେଷରେ ପୂର୍ଣ୍ଣାହୁତି ସହ ପୂଜା କାର୍ଯ୍ୟ ସମାପିତ ହୋଇଥିଲା ।

## କାଳୀପୂଜା ସାଜିଥିଲା କାଳରାତ୍ରି
## ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ, ୫ ଗିରଫ

ବରଗଡ଼,୨୬।୧୦(ସମିସ): ବରଗଡ଼ ଜିଲ୍ଲା ସଦର ଥାନା ଅଧୀନ କେନ୍ଦପାଲି ଗାଁରେ



କାଳୀପୂଜା ସମୟରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ରବିବାର ସଦର ଥାନାରେ ସାମ୍ବାଦିକ ସମ୍ମିଳନୀରେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଗତ ୨୨ ତାରିଖ ସନ୍ଧ୍ୟାରେ ଅଜିତ ବାଘ ତାଙ୍କ ସାଙ୍ଗ ମାନଙ୍କ ସହ କାଳୀପୂଜା ଦେଖିବାକୁ ଆସିଥିଲେ । ତେବେ ଅଭିଯୁକ୍ତ ସୁଦାମ ସରାଫ ଓ ଦେବାନନ୍ଦ ଭୁଏ ଅଜିତଙ୍କୁ ମାର୍କେଟକୁ ଡାକିଥିଲେ । ଏହା ପରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ଗଣ୍ଡଗୋଳ ବେଳେ ମୃତ ଅଜିତ ବାଗଙ୍କୁ ଲାଠି, ଭୁଜାଲି ଓ ଅନ୍ୟ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିଲା । ଆହୁରି ଅଜିତ ଜୀବିତ ତଥା ଗୁରୁତର ଥିବା ବେଳେ ଅଭିଯୁକ୍ତ ମାନେ ଏନ୍‌ଏଚ ୫୩ ଜାତୀୟ ରାଜପଥ ଠାରେ ତାଙ୍କୁ ଫୋପାଡ଼ି ଦେଇ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ । ମାତ୍ର ଅଜିତଙ୍କ ଜଣେ ସାଙ୍ଗଙ୍କ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ । ଡାକ୍ତର ସେଠାରେ ଅଜିତଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦୁରେଖା ପଶ୍ଚିମାକବାଟ ସୂଚନା ଦେଇଛନ୍ତି ।

## ■ ଝାଡୁଦାର ଚାକିରି ଠକେଇ
## ୫ ଜଣଙ୍କ ନାମରେ ଅଭିଯୋଗ, ପୁଣି ଜଣେ ଗିରଫ

ଭେଡେନ,୨୬।୧୦(ସମିସ): ଭେଡେନ ଥାନାଞ୍ଚଳ ଅଧୀନରେ ଅନେକ ପୁରୁଷ ଓ ମହିଳା ଝାଡୁଦାର ଚାକିରିରେ ଠକେଇ ହୋଇଥିବା ଘଟଣାରେ ଭେଡେନ ପୁଲିସ ଗତକାଲି ୩ ଜଣଙ୍କୁ ଗିରଫ କରି ସାରିଛି । ତେବେ



ଏହି ମାମଲା ପୁଲିସ ପୁଣି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ବ୍ୟକ୍ତି ଜଣକ ଯୁଗୀପାଲି ଗାଁର ହରିବୋଲ ଭଏନା ବୋଲି ପୁଲିସ ପ୍ରକାଶ କରିଛି । ଠକେଇ ଘଟଣାରେ ଭେଡେନ ଥାନାରେ ଅଭିଯୋଗକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ଭିଡ଼ ଲାଗି ରହୁଛି । ଆଜି ଶାଳନା, ପଥଲ୍ଲା, ରେମଣ୍ଡା, ଝରାପାଲି, ଥୁଆପାଲି, ବଇପୁର ସମେତ ଅନେକ ଗାଁର ମହିଳା ମାନେ ଥାନାକୁ ଆସି ଅଭିଯୋଗ କରିଛନ୍ତି ।

## ଆକାଂକ୍ଷୀ ବ୍ଲକ୍ ଭାବେ ପାଇକମାଳର ଅବ୍ୟବସ୍ଥା

ବରଗଡ଼,୨୬।୧୦(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଂକ୍ଷୀ ବ୍ଲକ୍ ଭାବେ ପାଇକମାଳ ଘୋଷିତ ହୋଇଛି । ଆକାଂକ୍ଷୀ ବ୍ଲକ୍ ହୋଇଥିଲେ ମଧ୍ୟ ଏଠାରେ ମୌଳିକ ସୁବିଧା ନ ରହିବା ସ୍ପଷ୍ଟ ଭାବେ ଦେଖାଦେଉଛି । ପାଇକମାଳ ବ୍ଲକ୍ ଅଫିସ ସାମ୍ନାରେ ଥିବା ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ ସ୍ଥଳରୁ



ଦୃଶ୍ୟ ଦେଖିଲେ ଏହି ବିଷୟରେ ସ୍ପଷ୍ଟ ଜଣାପଡ଼େ । ସେଠାରେ ଯାତ୍ରୀମାନେ ଅତି କଷ୍ଟରେ ତଳେ ବସି ବସକୁ ଅପେକ୍ଷା କରିଥାନ୍ତି । ଯାତ୍ରୀମାନଙ୍କ ପାଇଁ ଆଶ୍ରୟସ୍ଥଳୀ ନଥିବାରୁ ବର୍ଷା, ଖରା ତଥା ଧୂଳିରେ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି । ଏହା ସହିତ ମୁଖ୍ୟ ଛକରେ ଶୌଚାଳୟ ନଥିବାରୁ ମହିଳା ଓ ପୁରୁଷଙ୍କୁ ନାନାଦି ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି । ନୃସିଂହନାଥ ଭଳି ପର୍ଯ୍ୟଟନସ୍ଥଳୀ ଥିବା ସତ୍ତ୍ୱେ ଏପରି ମୌଳିକ ସୁବିଧା ମଧ୍ୟ ନାହିଁ । ଏନେଇ ସାମାଜିକ କର୍ମୀ ତଥା ଟ୍ୱିଟର ଗାଲର୍ ଦୀପା ବାରିକ ସାମାଜିକ ଗଣମାଧ୍ୟମରେ ଏହି ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଶୀଘ୍ର ଯାତ୍ରୀ ଆଶ୍ରୟସ୍ଥଳୀ ଓ ଶୌଚାଳୟ ନିର୍ମାଣ କରିବା ପାଇଁ ଅନୁରୋଧ କରିଛନ୍ତି ।

## ତେଜୁଛି ଜଗଦଳପୁର ବ୍ଲକ୍ ଗଠନ ଦାବି



ଝାରବନ୍ଧ,୨୬।୧୦(ସମିସ): ଝାରବନ୍ଧ ବ୍ଲକ୍‌ର ଜଗଦଳପୁର କ୍ରିୟାନୁଷ୍ଠାନ କମିଟିର ତୃତୀୟ ବୈଠକ ସ୍ଥାନୀୟ ଅଘରିଆ ଧର୍ମଶାଳା ଠାରେ ଆମୋଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଜଗଦଳପୁର ବ୍ଲକ୍ ଗଠନ ଏବଂ ଜଗଦଳପୁର ଡାକ୍ତରଖାନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇବାକୁ ସମସ୍ତ ଯୋଗ୍ୟତା ଥିବା ବିଷୟରେ ଅବଗତ କରିଥିଲେ । ଚାଷୀ ନେତା ଜୟକୃଷ୍ଣ ଭୋଇ ଜଗଦଳପୁର ଅଞ୍ଚଳର ଭୌଗଳିକ ବିଷୟରେ ଆଲୋକପାତ କରିଥିବା ବେଳେ ଯୁବ ନେତା ପୁରୁଷୋତ୍ତମ ପଟେଲ ଆନ୍ଦୋଳନକୁ ତୀବ୍ରତର କରିବା ସହିତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ । ଶେଷରେ ସମାଜସେବୀ କୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମର ଦୀପ ଯୁବକ ସଂଘ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବିଜେପୁର,୨୬।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଏମ୍ ଗଣ୍ଡପାଲି ସ୍ଥିତ ଗୁରୁବାରୀ ମିର୍ଦ୍ଧା ମିନି ଷ୍ଟାଡିୟମ ଠାରେ ଅମରଦୀପ ଯୁବକ ସଂଘ ପକ୍ଷରୁ ତୃତୀୟ ରାଜ୍ୟ ସ୍ତରୀୟ ଦ୍ୱିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି । ଆଜି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଜେପୁର ବ୍ଲକ୍ ଅଧ୍ୟକ୍ଷ ଜୟକୃଷ୍ଣ ତନସନା, ଅମୃତଧାରା ନର୍ସିଂ ହୋମର ଚେୟାରମ୍ୟାନ ଯଶୋବନ୍ତ ମେହେର, ଯୋଗିନ୍ଦ୍ର ପଧାନ, ଆନ୍ତର୍ଜାତିକ ପର୍ବତାରୋହୀ ଲିପିକା ସେଠ ପ୍ରମୁଖ ଯୋଗ ଉପସ୍ଥିତ ଥିଲେ । ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ସୁନ୍ଦରଗଡ, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ରାଉରକେଲା, ବିଜେପୁର, ବରଗଡ଼ର ଦଳ ଗୁଡିକ ଯୋଗ ଅଂଶଗ୍ରହଣ କରିଥିଲେ ।

## ୨ ଗଞ୍ଜେଇ ବେପାରୀ ଗିରଫ

ବରଗଡ଼,୨୬।୧୦(ସମିସ): ବରଗଡ଼ ଅବକାରୀ ଅଧିକ୍ଷକ ସୁବନ ନାଏକଙ୍କ ନିର୍ଦ୍ଦେଶ କ୍ରମେ ବରପାଲି ରେଳ ଷ୍ଟେସନରେ ବରପାଲି ରେଲୱେ ପୁଲିସ ଓ ବରଗଡ଼ ଅବକାରୀ ବିଭାଗ ମିଳିତ ଚଢ଼ଉ କରି ଗଞ୍ଜେଇ ଚାଲାଣ କରୁଥିବା ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଗୁଏଲଭାଡିର ତୁଷରଞ୍ଜନ ବାରିକ (୨୮) ଓ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଲେହେଡିର ଗଣେଶ ପଣ୍ଡା (୨୭) । ସେମାନଙ୍କ ଠାରୁ ୩୬ କେଜି ଗଞ୍ଜେଇ ଜବତ କରାଯାଇଛି । ସେମାନେ ରେଳ ଯୋଗେ ରାଇପୁର ଛତିଶଗଡ ରାଜ୍ୟକୁ ଗଞ୍ଜେଇ ଚାଲାଣ କରିବାର ଯୋଜନା କରୁଥିଲେ । ଏହି ଚଢ଼ଉରେ ବରପାଲି ରେଲୱେ ପୁଲିସ ଓ ବରଗଡ଼ ଅବକାରୀ ଉପ ଅଧିକ୍ଷକ ଦିବ୍ୟ ରଞ୍ଜନ ରାଉତ, ନିରୀକ୍ଷକ ବିକାଶ ଟୋପ, ଗୋକୁଳ ଧର ତଥା ଅବକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବାର୍‌ହା ଫାଶରେ ପଡ଼ି ଯୁବକ ମୃତ, ଜଣେ ଗୁରୁତର

ଅମ୍ବାଭୋନା,୨୬।୧୦(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ କର୍ଲା ଗାଁରେ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରୁ ୫୦୦ ମିଟର ଦୂରରେ ଶନିବାର ବିଳମ୍ବିତ ରାତିରେ ବାର୍‌ହା ଫାଶ (ବିଦ୍ୟୁତ୍ ଫାଶ) ରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକଙ୍କ ନାମ ବଲ୍ଲଭ ସିଦାର (୪୮) ଏବଂ ଗୁରୁତର ଆହତ ଯୁବକ ରାଜ ବିର୍ଜା (୪୮) ବୋଲି ଜଣାପଡ଼ିଛି । ଦୁହେଁ କର୍ଲା ଗାଁର ବୋଲି ସୂଚନା ରହିଛି । ଆହତ ରାଜଙ୍କୁ ପ୍ରଥମେ ବରଗଡ଼ ଖେଦାପାଲି ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଯେ, ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ପାଇଁ ଅବୈଧ ଭାବେ ବିଦ୍ୟୁତ ତାର ଫାଶ ରଖା ଯାଇଥିଲା । ଯୁବକ ଦ୍ୱୟ ସେହି ବାଟ ଦେଇ ଯିବାବେଳେ ତାର ସଂସ୍ପର୍ଶରେ ଆସି ଦୁର୍ଘଟଣାର ଶିକାର ହୋଇଥିଲେ । ବିଦ୍ୟୁତ ବିଭାଗର ଯନ୍ତ୍ରୀ ଅମ୍ବାଭୋନା ଥାନାରେ ଅବୈଧ ବିଦ୍ୟୁତ ଚୋରି ଓ ବାର୍‌ହା ଫାଶ ରଖା ଯାଇଥିବା ବିଷୟରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ଅମ୍ବାଭୋନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କିନ୍ତୁ ବନ ବିଭାଗର କୌଣସି ଅଧିକାରୀ ଏଯାଏଁ ପହଞ୍ଚି ନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରଶାସନକୁ ଏପରି ଅବୈଧ ବାର୍‌ହା ଫାଶ ବନ୍ଦ କରିବା ଓ ଦୃଢ଼ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଅମ୍ବାଭୋନା ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ୭ ମାସ ବିତିଲା ପଛେ ମିଳିଲାନି ଭିନ୍ନକ୍ଷମ ପ୍ରମାଣପତ୍ର

ପାଇକମାଲ,୨୬।୧୦(ସମିସ):

- ବର୍ଦ୍ଧିତ ୩୫୦୦ ଭତ୍ତା ପାଇବାରେ ମଞ୍ଜୁ ବଞ୍ଚିତ
- ବାଧକ ସାଜିଛି ପ୍ରମାଣପତ୍ରର ଅଭାବ

ଅନଲାଇନ୍ ପଞ୍ଜୀକରଣ ଆବେଦନ ୭ ମାସ ବିତିଛି । ତଥାପି ଏଯାଏଁ ମଞ୍ଜୁ ବାଗ(୨୦)ଙ୍କୁ ଅକ୍ଷମତା ପ୍ରମାଣପତ୍ର ମିଳିଲା ନାହିଁ । ଫଳରେ ସରକାରୀ ଯୋଜନା ତଥା ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଇବାରୁ ମଧ୍ୟ ସେ ବଞ୍ଚିତ ହୋଇଛନ୍ତି । ଏନେଇ ବାରମ୍ବାର ବ୍ଲକ୍ ଅଫିସକୁ ଯାଇଛନ୍ତି । ହେଲେ ବିଭାଗୀୟ ଅଧିକାରୀମାନେ ନୂତନ ଅକ୍ଷମତା ପ୍ରମାଣପତ୍ର ହେଲା ପରେ କିଛି ହେଇପାରିବ କହି ତାଙ୍କୁ ଫେରାଇ ଦେଉଛନ୍ତି ବୋଲି ମଞ୍ଜୁ ଅଭିଯୋଗ କରିଛନ୍ତି । ଫଳରେ ବର୍ଦ୍ଧିତ ଭତ୍ତା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି ।

ଧନଞ୍ଜୟ ବାଗଙ୍କ ପରିବାର ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ପଞ୍ଚାୟତ ମଖନମୁଣ୍ଡା ଗାଁର ହରିଜନ ପଡାରେ ରହନ୍ତି । ଧନଞ୍ଜୟ ଜଣେ ଗରିବ ଶ୍ରେଣୀର ହେଲେ ବି ଚାଷବାସ ତଥା କୁଲି ମଜୁରୀ କରି ପରିବାର ଚଳାନ୍ତି । ପରିବାର କହିଲେ ଧନଞ୍ଜୟ, ତାଙ୍କ ପତ୍ନୀ ତଥା ଦୁଇ ଝିଅ । ସାନ ଝିଅ ମଞ୍ଜୁ ବାଗ ମାନସିକ ଅନଗ୍ରସର । ସେ ଭଲ ଭାବେ କହି ପାରନ୍ତି ନାହିଁ କି ଚାଲି ମଧ ପାରନ୍ତି ନାହିଁ । ବାପା ମା' ମଞ୍ଜୁ ପାଇଁ ଆଶା ବାଡି ସାଜିଛନ୍ତି । ମଞ୍ଜୁ ପଞ୍ଚାୟତ ତରଫରୁ ୧୨୦୦ ଶହ ଭତ୍ତା ପାଉଛନ୍ତି । ତାଙ୍କ ପରିବାର ୨୦ କେଜି ଚାଉଳ ମଧ୍ୟ ପାଉଛନ୍ତି । ମଞ୍ଜୁ ୯୦ ପ୍ରତିଶତ ଭିନ୍ନକ୍ଷମ ଥାଇ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ନୂତନ ଅକ୍ଷମତା ପ୍ରମାଣପତ୍ର ପାଇଁ ଏପ୍ରିଲ ମାସରେ ଆବେଦନ କରି ଡାକ୍ତରଙ୍କ ଦ୍ୱାରା ଭେରିଫିକେନ ମଧ ହୋଇସାରିଛି । ହେଲେ ଏଭିତରେ ୭ ମାସ ବିତିଗଲା ପଛେ ପ୍ରମାଣପତ୍ର ସେ ନପାଇବାରୁ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହେଉଛନ୍ତି ବୋଲି ପରିବାର କହିଛନ୍ତି । ଏନେଇ ବିଭାଗୀୟ ଅଧିକାରୀ ମଞ୍ଜୁ ବାଗକୁ ଶୀଘ୍ର ପ୍ରମାଣପତ୍ର ଦେଇ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବାକୁ ବ୍ଲକ୍ ପ୍ରଶାସନକୁ ଧନଞ୍ଜୟଙ୍କ ପରିବାର ଅନୁରୋଧ କରିଛନ୍ତି ।



## ଜଳବାୟୁ ପରିବର୍ତ୍ତନ: କାର୍ତ୍ତିକ ମାସରେ ଶୀତର ଦେଖାନାହିଁ

ପଦ୍ମପୁର,୨୬।୧୦(ସମିସ): ବିଶ୍ୱରେ ଜଳବାୟୁ ଅନିୟମିତତା ସହିତ ପରିବେଶ ସନ୍ତୁଳନ ବିଗିଡିବାରେ ଲାଗିଛି । ଗୋଟିଏ ପଟେ ବିଶ୍ୱର ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଉଥିବା ବେଳେ ଏହାର ପ୍ରଭାବରେ ଠିକ ସମୟରେ ବର୍ଷା କିମ୍ବା ଶୀତ ନ ପଡିବା ପ୍ରକୃତି ଉପରେ କୁପ୍ରଭାବ ପକାଉଛି । ଏ ବର୍ଷ କାର୍ତ୍ତିକ ମାସରେ ମଧ୍ୟ ଶୀତ ବଦଳରେ ପ୍ରବଳ ଗରମ ଅନୁଭୂତ ହେଉଛି । ଏବେ ମଧ୍ୟ ଲୋକମାନେ ଏସି ପଙ୍ଖା ବ୍ୟବହାର ନ କଲେ ରହିପାରୁ ନାହାଁନ୍ତି । ଦୀପାବଳି ପରେ ପରିବା ଚାଷ ହେଉ କି ଧାନ ଚାଷ ହେଉ କାକରର ଆବଶ୍ୟକତା ପଡିଥାଏ । ମାତ୍ର ଅସ୍ୱାଭାବିକ ଭାବେ ଗରମ ହେଉଥିବା ଯୋଗୁଁ ପନିପରିବା ଓ ଧାନରେ ରୋଗପୋକ ଲାଗୁଛନ୍ତି । ପାଣିପାଗରେ ଏହି ଅନିୟମିତତା ଯୋଗୁଁ କୀଟନାଶକ ବ୍ୟବହାର ମଧ୍ୟ ଅହେତୁକ ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି । ଲୋକଙ୍କ ଶରୀରରେ ଏହାର ମଧ୍ୟ କୁପ୍ରଭାବ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି । ଏହି ପାଗର ଅନିୟମିତତା ଯୋଗୁଁ ବଜାରକୁ ପନିପରିବା ମଧ୍ୟ ଆଶାନୁରୂପ ଆସୁ ନାହିଁ । ଫଳରେ ସେଗୁଡ଼ିକର ମୂଲ୍ୟ ବୃଦ୍ଧି ଜନସାଧାରଣଙ୍କର ଚିନ୍ତାର କାରଣ ପାଲଟିଛି ।

# ଛକରେ ଆଲୋକୀକରଣ ଦାବି

**ଝାରସୁଗୁଡ଼ା, ୨୬।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ ସମୃଦ୍ଧ ହୋଇଥିଲେ ହେଁ ବିକାଶ ଏଠି ବାଟବଣା। ଏଠାରେ ରହିଥିବା ତାପଜ ବିଦ୍ୟୁତ ପ୍ରକଳ୍ପ ସମେତ କୋଇଲା ଖଣିରୁ ଉତ୍ପାଦିତ କୋଇଲାରୁ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଛି। କିନ୍ତୁ ଏଠିକାର ଅନେକ ମୁଖ୍ୟରାସ୍ତା ଅନ୍ଧାରରେ ରହିଛି। ବିଗତ କିଛି ବର୍ଷରେ ଜାତୀୟ ରାଜପଥ ୪୯ରେ ଦୁର୍ଘଟଣା ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ରାସ୍ତାରେ ପ୍ରତ୍ୟୟ କୋଇଲା ଖଣି, ବିଭିନ୍ନ ଶିଳ୍ପ ସଂସ୍ଥାର ବୃହତ ଟ୍ରକ ଗୁଡିକରେ ଶହ ଶହ ଟ୍ରକ୍ କୋଇଲା ପରିବହନ କରୁଛନ୍ତି। ସନ୍ଧ୍ୟା ସମୟରେ ଅନେକ ଦୁର୍ଘଟଣା ଜନିତ ମୃତ୍ୟୁ ଖବର ମଧ୍ୟ ସାମ୍ନାକୁ ଆସୁଛି। ଝାରସୁଗୁଡ଼ା ପ୍ରସନ୍ନ ପଣ୍ଡା ଛକ ଠାରୁ ଆରମ୍ଭ କରି ଗାନ୍ଧୀ ଛକ ମଧ୍ୟରେ ବୃହତ ଏବଂ ମଧ୍ୟମ ଶିଳ୍ପ ସଂସ୍ଥା ମାନ ରହିଛି। ସ୍ଥାନୀୟ ଲୋକ କମ୍ପାନୀ ମାନଙ୍କୁ ପ୍ରତିଦିନ ନିଜର କାମ ପାଇଁ ଯାଇଥାନ୍ତି। ହେଲେ ବଡ ଯାନବାହାନ ଯିବା ଆସିବା ହେତୁ ସନ୍ଧ୍ୟା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇ ଅନେକ ପ୍ରାଣ ହରାଉଛନ୍ତି କିମ୍ବା ଗୁରୁତର ଆହତ ହେଉଛନ୍ତି। ପ୍ରସନ୍ନ ପଣ୍ଡା ଛକ ଠାରୁ ଗାନ୍ଧୀ ଛକ ଯାଏଁ ଷ୍ଟ୍ରିଟ ଲାଇଟ ନ ଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହିରାସ୍ତାର ପାର୍ଶ୍ୱରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନ ରହିଛି। ଜିଲ୍ଲା ହକି ସଙ୍ଘର ପଡ଼ିଆ ମଧ୍ୟ ରହିଛି। ତେଣୁ ଶହ ଶହ ଛାତ୍ରଛାତ୍ରୀ ପ୍ରତ୍ୟହ ଏହିରାସ୍ତାରେ ଯିବାଆସିବା କରିଥାନ୍ତି। ପୁଣି କୋଇଲା କମ୍ପାନୀରେ କାର୍ଯ୍ୟ କରିବା ପାଇଁ ରାତିରେ ଶ୍ରମିକ ମାନେ ସାଇକଲରେ ଯିବା ଆସିବା କରନ୍ତି। ତେଣୁ ସବୁବେଳେ ଅଘଟଣ ଘଟିବାର ଭୟ ରହିଛି। ଅନ୍ୟପକ୍ଷେ ରାସ୍ତା ଉପରେ ବୁଲା ଗୋରୁ ଗାଈ ଅନେକ ସମୟରେ ଶୋଇ ରହୁଛନ୍ତି। ତା ଉପରେ ଆଲୋକ ବ୍ୟବସ୍ଥା ନଥିବା ଯୋଗୁଁ ଅଘଟଣର ଘଟିବାର ଆଶଙ୍କା ଅଧିକ ରହିଛି। ଝାରସୁଗୁଡ଼ା ଜିଲ୍ଲା ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ହୋଇଥିବା ବେଳେ ଏହାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଯେଉଁ ସବୁ କାର୍ଯ୍ୟ ହେବା କଥା ତାହା ଠିକ ଭାବେ ଉପଯୋଗ ହେଉ ନଥିବା ଅଭିଯୋଗ ହେଉଛି। ଏହିପରି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଷ୍ଟ୍ରିଟ ଲାଇଟ ନଥିବା ବିଡ଼ମ୍ବନାର ବିଷୟ। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ ପଦକ୍ଷେପ ନେବା ପାଇଁ ଜନସାଧାରଣରେ ଦାବି ହେଉଛି।

# ଝାଡ଼େଶ୍ୱର ମନ୍ଦିରରେ ଭଙ୍ଗାରୁଜା ଘଟଣାର ସମସ୍ତ ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା, ୨୬।୧୦(ସମିସ)**

ଝାରସୁଗୁଡ଼ା ସ୍ଥିତ ଝାଡେଶ୍ୱର ମନ୍ଦିର ପରିସରରେ ଦୋକାନ ଭଙ୍ଗରୁଜା ସହ ମଦ୍ୟପାନ କରି ନୃତ୍ୟ ଏବଂ ଅସାମାଜିକ କାର୍ଯ୍ୟକଳାପ କରିଥିବା ଅଭିଯୁକ୍ତ ମାନଙ୍କୁ ଝାରସୁଗୁଡ଼ା ଟାଉନ ପୁଲିସ ଗିରଫ କରିଛି। ଘଟଣାରେ ୨ ଜଣ ନାବାଳକଙ୍କ ସହ ୭ ଜଣ ଯୁବକଙ୍କୁ ପୁଲିସ୍ ଗିରଫ କରିଛି। ଗତ ବୁଧବାର ରାତି ପ୍ରାୟ ୨ଟା ସମୟରେ ୮ରୁ ୯ ଜଣ ଅମାନିଆ ଝାଡେଶ୍ୱର ମନ୍ଦିର ପରିସରରେ ପଶି ଉଠା ଦୋକାନୀଙ୍କ ବାଉଁଶ ଓ ଦୋକାନ ଭାଙ୍ଗିବା ସହ କେତେକ ବ୍ୟାନର ଉପାଡି ଦେଇଥିଲେ। ମନ୍ଦିର ପରିସରରେ ଏକାଧିକ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବା ଜାଣି ଏକ ସିସିଟିଭି କ୍ୟାମେରା ମଧ୍ୟ ଖୋଲି ଅଭିଯୁକ୍ତ ମାନେ ଫେରାର ହୋଇଥିଲେ। ସକାଳେ ସିସିଟିଭି କ୍ୟାମେରା ଗୁଡିକର ଫୁଟେଜ ଦେଖିବା ପରେ ମନ୍ଦିର କମିଟି ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଘଟଣାଟି ସମ୍ବେଦନଶୀଳ ଥିବାରୁ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମସ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିବା ଝାରସୁଗୁଡ଼ା ଏସପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଝାରସୁଗୁଡ଼ାର ସନ୍ତୋଷ ରଣା (୨୦), ରାଜେଶ ବକ୍ସି(୧୮), ହରପ୍ରେମ ସିଂ ସିଧୁ (୧୯), ସନ୍ତୋଷ ଶର୍ମା (୧୯) ଙ୍କ ସହ ୨ ଜଣ ନାବାଳକ ରହିଛନ୍ତି। ଏନେଇ ଝାରସୁଗୁଡ଼ା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



# ମଦ ବନ୍ଦ ପାଇଁ ଏକାଠି ହେଲେ ମହିଳା

**ରିଆମାଳ, ୨୬।୧୦(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ଅଧୀନ ଆଉଁଳି ଗାଁରେ ମଦ ବନ୍ଦ ପାଇଁ ଗାଁର ୩୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ମିଶି ଏକ ହୋଇ ନିଶା ନିବାରଣ ଅଭିଯାନ ରାଲି କରିଛନ୍ତି। ଗାଁର କାଳୀ ମନ୍ଦିର ଠାରୁ ବାହାରି ସାହି ସାହି ବୁଲିବା ଓ ଲୋକଙ୍କୁ ସଚେତନତା କରି ମଦମୁକ୍ତ ଆଉଁଳି ଗାଁ କରିବାର ସଂକଳ୍ପ ନେଇଛନ୍ତି। ସନ୍ଧ୍ୟା ହେଲେ ଗାଁର ଯୁବପିଢ଼ି ନିଶା ସେବନ କରି ବୁଲୁଛନ୍ତି। ଘରେ ଅସଭ୍ୟ ଭାଷାରେ ଗାଳିଗୁଲଜ, ମାଡମାରିବା ଭଳି ଅନେକ ଚିତ୍ର ସାମ୍ନାକୁ ଆସୁଛି। ମଦ ପାଇଁ ଦିନକୁ ଦିନ ଅତ୍ୟାଚାର ଓ ହିଂସା ବଢୁଥିବାରୁ ମହିଳା ମାନେ ଗ୍ରାମବାସୀଙ୍କ ସହଯୋଗରେ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ଦେବଗଡ଼ ଜିଲ୍ଲା ପ୍ରଶାସନକୁ ମେଲ ଜରିଆରେ ଦାବିପତ୍ର ଦେଇଛନ୍ତି। ଏହାସହ କୁଣ୍ଡେଇଗୋଳା ଥାନା ପୁଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଧ୍ୟାନ ଦେବାସହ କେବଳ ଆଉଁଳି ଗାଁରେ ନୁହେଁ ଆଖପାଖ ୧୦ଟି ଗାଁରେ ମଦ, ଗଞ୍ଜେଇ ବିକ୍ରି ଉପରେ ରୋକ ଲଗାଇବା ନିତାନ୍ତ ଆବଶ୍ୟକ ବୋଲି ମହିଳା ମାନେ କହିଛନ୍ତି।




# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ 'ଟାଲେଣ୍ଟ ହଣ୍ଟ-୨୦୨୫'

**ବରଗଡ଼, ୨୬।୧୦(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ 'ଟାଲେଣ୍ଟ ହଣ୍ଟ ୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାଓଡିଆ, ଡାଇରେକ୍ଟରଅଜିତପଟ୍ଟନାୟକ, ପ୍ରିନ୍ସିପାଲ୍‌କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାଓଡିଆ, ଭାଇସ୍ ପ୍ରିନ୍ସିପାଲ୍ ପ୍ରଦ୍ଯୁମ୍ନ ଦାଶ, କୋଓର୍ଡିନେଟର ମମତା ସିହ୍ନା, ପରିଚାଳନା ସମିତି, ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରତିଯୋଗୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବରଗଡ଼ ଓ ତାହାର ଆଖାପାଖ ଅଞ୍ଚଳରେ ଥିବା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ଓ କୌଶଳକୁ ଖୋଜିବା ଓ ପ୍ରୋତ୍ସାହିତ କରିବା ଏହି ଟାଲେଣ୍ଟ ହଣ୍ଟ ପ୍ରତିଯୋଗୀତାର ଉଦ୍ଦେଶ୍ୟ ବୋଲି ଚେୟାରମ୍ୟାନ ଶ୍ରୀ ସାଓଡିଆ କହିଥିଲେ। ଏହି କାର୍ଯ୍ୟକ୍ରମ ପ୍ରିନ୍ସିପାଲ୍ କରନ ସାହୁଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ଏହାକୁ ୩ଟି ଭାଗରେ ବିଭକ୍ତ କରାଯାଇଥିଲା ପ୍ରଥମ ଭାଗ ଅଙ୍କନ ପ୍ରତିଯୋଗିତା, ଦ୍ୱିତୀୟ ଭାଗ ନୃତ୍ୟ ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଏବଂ ତୃତୀୟ ଭାଗରେ ପ୍ରବନ୍ଧ, ବକ୍ତୃତା ଓ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ହୋଇଥିଲା। ଅଙ୍କନ ପ୍ରତିଯୋଗିତା ୨୮ ସେପ୍ଟେମ୍ବରରେ ସମାପ୍ତ ହୋଇଥିଲା। ଦ୍ୱିତୀୟ ଭାଗରେ ନୃତ୍ୟ ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଆଜି ଆୟୋଜିତ ହୋଇଛି। ଏଥିରେ ସମଗ୍ର ବରଗଡ଼ ଓ ତାହାର ଆଖପାଖରୁ ନୃତ୍ୟ ପାଇଁ ପ୍ରାୟ ୭୦ ଜଣ ଓ ଫ୍ୟାନ୍ସି ଡ୍ରେସ୍ ପାଇଁ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମୀର ପ୍ରଧାନ, ପ୍ରଶାନ୍ତ ପଟ୍ଟନାୟକ, ଅହିଲ୍ୟା ତାଣ୍ଡି ଓ ସ୍ନେହା ଶର୍ମା ନୃତ୍ୟ ପ୍ରତିଯୋଗିତାର ନିର୍ଣ୍ଣାୟକ ଥିଲେ। ଫ୍ୟାନ୍ସି ଡ୍ରେସ୍ ପାଇଁ ସୁଶିଲ ପ୍ରଧାନ, ମଧୁମିତା ସରାଫ ଓ ଶୁଭସ୍ମିତା ମହାନ୍ତି ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ନିହାରିକା ଶତପଥୀ ଓ ଓମକାରମୟୀ ସାହୁଙ୍କ ନିର୍ଦ୍ଦେଶନାରେ ପାଖୀ ଲାଲୱାନୀ ଓ ଆଧ୍ୟାତ୍ମିକା ମେହେର ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାର ସଫଳ ସଞ୍ଚାଳନା କରିଥିଲେ। ଅନ୍ୱେଷା ବିଶ୍ୱାଳ ଓ କାଜଲ ସାହୁଙ୍କ ନିର୍ଦ୍ଦେଶନାରେ ରାଜବୀର ସାହୁ ଓ ଉଷାରାଣୀ ଦୋରା ନୃତ୍ୟ ପ୍ରତିଯୋଗିତାର ସଞ୍ଚାଳନା କରିଥିଲେ। ପ୍ରତିଯୋଗିତାର ବିଜେତାମାନଙ୍କୁ ଆସନ୍ତା ୧୪ ନଭେମ୍ବର, ଶିଶୁ ଦିବସ ଅବସରରେ ପୁରସ୍କୃତ କରାଯିବ।




# ବିଶିଷ୍ଟ ସଂସ୍କୃତିବିଦ୍ ଓ ବିଦୂଷୀ କନ୍ୟା ଇଲା ପଣ୍ଡାଙ୍କ ଜୟନ୍ତୀ ସମ୍ବର୍ଦ୍ଧନା ସଭା

**ବରଗଡ଼, ୨୬।୧୦(ସମିସ):** ପାକ୍ଷିକ ପତ୍ରିକା କୋଶଲ ଟାଇମ୍ ବରଗଡ଼ ଏବଂ ଇଲା ପଣ୍ଡା ମହିଳା ସମିତି, କପାଶିରା, ବରଗଡ଼ ମିଳିତ ଆନୁକୂଲ୍ୟରେ ଶିରିଡି ସାଇ ମନ୍ଦିର ହଲ୍‌ରେ ପୂର୍ବତନ ରାଜ୍ୟସଭା ସାଂସଦ ଇଲା ପଣ୍ଡାଙ୍କ ୯୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ମାନିତ ଅତିଥି ଭାବେ ତପସ୍ୱିନୀ ଗୁରୁ, ନାରୀ କବି ମାନସୀ ପଣ୍ଡା, ସାଇ ପ୍ରସାଦ ତ୍ରିପାଠୀ, ସଙ୍ଗୀତଜ୍ଞ ବିଭୂତି ପଟ୍ଟନାୟକ, ରୀତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୀବ ମହାପାତ୍ର କୋଶଲ ଟାଇମ୍ ସମ୍ପାଦକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଝାରସୁଗୁଡା କୃଷ୍ଣଚନ୍ଦ୍ର ଓ ଗୁରୁଚରଣ ଭଗବତୀ ନାଟ୍ୟାନୁଷ୍ଠାନର ହୃଷୀକେଶ ସାହୁ ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ।ଇଲା ପଣ୍ଡା ମହିଳା ସମିତିର ଉଦ୍ୟୋକ୍ତା ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ଇଲା ପଣ୍ଡାଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନାରୀ କବି ମାନସୀ ପଣ୍ଡା ଇଲା ପଣ୍ଡାଙ୍କ ଶିକ୍ଷା, ସଂସ୍କୃତି ଏବଂ ତାଙ୍କ ପିତା ପ୍ରଫେସର ଘନଶ୍ୟାମ ଦାଶଙ୍କ ବିଷୟରେ ଆଲୋକପାତ କରିଥିଲେ। ଭୁକ୍ତା +୩ ମହାତ୍ମା ଗାନ୍ଧୀ କଲେଜର ଛାତ୍ରୀ ଅନୁପମା ଭୁଏ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସିକା ଓ ଚଳଚିତ୍ର ଅଭିନେତ୍ରୀ ତପସ୍ୱିନୀ ଗୁରୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ସମ୍ବଲପୁରୀ ଗୀତ ଗାନ କରିଥିଲେ। ପରେ ନିଜ ଅଧ୍ୟବସାୟ ବଳରେ ବାଧାବିଘ୍ନକୁ ଅତିକ୍ରମ କରି ନିଜ ପ୍ରତିଷ୍ଠା ସୃଷ୍ଟି କରିପାରିଥିବା ସମାଜକୁ ପ୍ରେରଣାଦାୟୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛତିଶଗଡ଼ କାନ୍ଦୁରପାଲିର ବାପ ମାଆ ଛେଉଣ୍ଡ ଝିଅ ଅନୀତା ନାଏକ ମୂଳ ଲାଗି ଦଶମ, +୨, +୩, ବିଏ, ବିଇଡି ଉଚ୍ଚଶିକ୍ଷା ଲାଭ କରିଛନ୍ତି। ନିଜ ପରିଶ୍ରମରେ ପାଠ ପଢ଼ି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍କଲାର୍ଶିପ୍ ପାଇ ଦାରିଦ୍ର୍ୟକୁ ନିଜ ରାସ୍ତାର ବାଧକ ହେବାକୁ ନଦେଇ ନିଜକୁ ସକ୍ଷମ କରିପାରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ସଞ୍ଚାର କଳାକାର ବସନ୍ତ ଗଣ୍ଡ, ବାସୁଦେବ ପଶାଏତ, ମହିଳା କଳାକାର ହେମନ୍ତ ବାଗ୍, ପାର୍ବତୀ ଦାସ୍, ବଲାଙ୍ଗିରର ସାହିତ୍ୟାଚାର୍ଯ୍ୟ ବର୍ଷିୟାନ୍ ସଞ୍ଚାର କଳାକାର କ୍ଷମାନିଧି ସାହୁ ପ୍ରମୁଖ, ସମଗ୍ର ଓଡ଼ିଶାରେ ବାଉଁଶ କଳା କାରିଗରି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳା ସରୋଜିନୀ ପାଣ୍ଡେ, ଦୃଷ୍ଟିହୀନ ଦିବ୍ୟାଙ୍ଗ ଛତିଶଗଡ଼ ମୁହୁଦିର ଭାଗବତ ପ୍ରବଚିକା ଜନନୀ ସାହୁ ଏବଂ ଛତିଶଗଡ଼ ସିହା ପୁରୌର ପ୍ରସିଦ୍ଧ ସଂକୀର୍ତ୍ତନ ଗାୟିକା ଇନ୍ଦୁ ଗୁପ୍ତା, ପଦ୍ମପୁରର ଯୁବ ଓଡ଼ିଶୀ କଣ୍ଠ ଶିଳ୍ପୀ ଆରିୟା ଆଦ୍ୟାଶକ୍ତି ତ୍ରିପାଠୀଙ୍କୁ ଉତ୍ତରୀୟ ଏବଂ ଇଲା ପଣ୍ଡାଙ୍କ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ନୂତନ କୃଷକ ସଂଗଠନ ଗଠିତ

**ବରଗଡ଼, ୨୬।୧୦(ସମିସ):** ଅତାବିରା ବ୍ଲକ ଅଧୀନ ଚକୁଳି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ନୂତନ କୃଷକ ସଂଗଠନ ମାଁ ସମଲେଶ୍ୱରୀ କୃଷକ ସଂଗଠନ ଗଠିତ ହୋଇଯାଇଛି। ସର୍ବସମ୍ମତ କ୍ରମେ ସଭାପତି ମନୋରଞ୍ଜନ କୁମ୍ଭାର, ସମ୍ପାଦକ ଦୀପକ ପ୍ରଧାନ, ଉପସଭାପତି ରୋହିତ ଭୁଏ, ସହସମ୍ପାଦକ ରାକେଶ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ପ୍ରଧାନ ମନୋନୀତ ହୋଇଥିଲେ। ସେହିପରି କମିଟି ସଭ୍ୟ ଭାବେ ଶ୍ୟାମସୁନ୍ଦର ପ୍ରଧାନ, ଟିଙ୍କୁ ମହାପାତ୍ର, ଭଗବାନ ପ୍ରଧାନ, ପ୍ରଶାନ୍ତ ମିଶ୍ର, ଶ୍ରୀକାନ୍ତ ସିଂ ଦେଓ ପ୍ରମୁଖ ରହିଛନ୍ତି।

# ନୃସିଂହନାଥରେ ଗିରି ଗୋବର୍ଦ୍ଧନ ପୂଜା

**ପାଇକମାଲ, ୨୬।୧୦(ସମିସ):** ପାଇକମାଲ ବ୍ଲକ ଯାଦବ ସମାଜ ପକ୍ଷରୁ ନୃସିଂହନାଥ ସମଲେଶ୍ୱରୀ ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ଗିରି ଗୋବର୍ଦ୍ଧନ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ କୁଞ୍ଜ ବନଛୋର ଓ ମାମୀ ବନଛୋର ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଜୟ ଆଚାର୍ଯ୍ୟ ଓ ସମଲେଶ୍ୱରୀ ମନ୍ଦିର ପୂଜକ ଗୋବର୍ଦ୍ଧନ ମାହାର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗୌଡବାଡି, ସଞ୍ଚାର ବାହାକ ଓ ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା। ଏଥିରେ ବ୍ଲକ ସଭାପତି ବନମାଳୀ ଚନ୍ଦନ, ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ, ଯୁବ ସଭାପତି ମାନସ ନାଗ, ବ୍ଲକ ସମ୍ପାଦକ ବାଲକୃଷ୍ଣ ବନଛୋର, ମନ୍ଦିର କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାଗ, ଜୋନ ସଭାପତି ଭାସ୍କର ଭୋଇ, ନଳିନୀ ଥପା, ମନୋହର ପୁଞ୍ଜି, ବିଚାର ମଞ୍ଚ ସଭାପତି ଭକଲ ହଂସ, ଚୂଡାମଣି ବନଛୋର, ଖଗେଶ୍ୱର ହଂସ, ଅର୍ଜୁନ ଅଦାବର ସମେତ ସମାଜର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଋଷି ନିର୍ବାଣ ଦିବସ ଓ ବୈଦିକ ଯଜ୍ଞ

**ବରଗଡ଼, ୨୬।୧୦(ସମିସ):** ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସମାଜ ସଂସ୍କାରକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ବରଗଡ଼ ଠାରେ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଟାଉନ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ରବିଶଙ୍କରାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସମାଜ ସଂସ୍କାର କ୍ଷେତ୍ରରେ ରହିଥିବା ଉଲ୍ଲେଖନୀୟ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍ ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞରେ ସୁଦୀପ ରଥ, ଜ୍ୟୋତି ବେହେରା, ସୀମା ଭୋଇ, ଜ୍ୟୋତ୍ସ୍ନା ତ୍ରିପାଠୀ, ସୁନୀତା ମିଶ୍ର, ଗୀତା ଜାଲ, କପିଲ ବାଗ ଡ.ଡୋଳାମଣି ଶତପଥୀ, ସୁରେଖା ମୁଣ୍ଡ୍ରି ସାଙ୍ଗ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସୀମା ସାହୁ ଭଜନ ପରିବେଷଣ କରିଥିଲେ। ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ଦ୍ୱାରା ରକ୍ତଦାନ ଶିବିର

**ବରଗଡ଼, ୨୬।୧୦(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ କତାବଗା ଗାଁରେ ସମାଜସେବୀ ଯତୀନ ନାୟକଙ୍କ ବାପା ସ୍ୱର୍ଗତ ସନାତନ ନାୟକଙ୍କର ଗଙ୍ଗା ଶ୍ରାଦ୍ଧ ଉପଲକ୍ଷେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ 'ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚ୍' ଏବଂ କତାବଗା ଗ୍ରାମବାସୀ ଆୟୋଜନ କରିଥିଲେ। ସର୍ବମୋଟ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ରକ୍ତଭଣ୍ଡାରକୁ ଏହି ରକ୍ତଦାନ କରାଯାଇଥିଲା। ଶିବିରକୁ ସ୍ୱର୍ଗତ ସନାତନ ନାୟକଙ୍କର ଭାଇ କିଶୋର ନାୟକ, ନରେନ୍ଦ୍ର ନାୟକ ଏବଂ ବିରେନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ପଶ୍ଚିମ ଓଡ଼ିଶା ଯୁବା ସଭାପତି ଅଜିତ୍ ପତି, ସମ୍ପାଦକ ସୁମନ୍ତ ଶତପଥୀ, ସ୍ୱରୂପ ମିଶ୍ର, ଶ୍ରୀକାନ୍ତ ପଧାନ, ଆଲୋକ ପଧାନ, ଅନୁରାଗ ସେଠ୍, ଶ୍ରୀକାନ୍ତ ସାହୁ, ରମଣୀ ମେହେର ସହିତ ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚର ଅନେକ ସଦସ୍ୟ ଶିବିରକୁ ପରିଚାଳନା କରିଥିଲେ। ଶେଷରେ ମଞ୍ଚର ମାର୍ଗଦର୍ଶକ ସରୋଜ ମହାପାତ୍ର ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**୭୧ ୟୁନିଟ୍ ରକ୍ତ ସଂଗ୍ରହ**




# ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ 'ଉଲ୍ଲାସ' ପରୀକ୍ଷାକେନ୍ଦ୍ର ପରିଦର୍ଶନ

**ପଦ୍ମପୁର, ୨୬।୧୦(ସମିସ):** ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ରବିବାର ନବ ଭାରତ ସାକ୍ଷର କାର୍ଯ୍ୟକ୍ରମ 'ଉଲ୍ଲାସ' ଶିକ୍ଷାର୍ଥୀଙ୍କ ମୌଳିକ ଭାଷା ସାକ୍ଷରତା ମୂଲ୍ୟାଙ୍କନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଉଲ୍ଲାସ କାର୍ଯ୍ୟକ୍ରମରେ ଜିଲ୍ଲାର ୧୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ସାକ୍ଷର କରିବା ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଆଜି ଖୁଜେନ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ, କନସିଂହା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ବିଶି ଉପସ୍ଥିତ ଥିଲେ। ସେହିପରି ସେ ଜମଲା, ଡୋଲବନ୍ଧ, ସର୍ଗିବାହାଲ, ଦୁବୁଲାବାହାଲ ବିଦ୍ୟାଳୟ ମାନଙ୍କ ପରିଦର୍ଶନ କରିଥିଲେ। ଜମଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରେମସାଗର ପ୍ରଧାନ ଉପସ୍ଥିତ ଥିଲେ।

## 'ଉଲ୍ଲାସ' କାର୍ଯ୍ୟକ୍ରମରେ ୨୫୦୦ ଜଣ ଦେଲେ ପରୀକ୍ଷା

**ଝାରବନ୍ଧ:** ସେହିପରି ନବ ଭାରତ ସାକ୍ଷରତା 'ଉଲ୍ଲାସ' କାର୍ଯ୍ୟକ୍ରମ ଅଧୀନରେ ଝାରବନ୍ଧ ବ୍ଲକ ଶିକ୍ଷା ବିଭାଗରେ ୯୭ ଜଣ ଶିକ୍ଷକ ସର୍ଭେ କରି ମୋଟ ୪୦୫୯ ଜଣଙ୍କୁ ଚିହ୍ନଟ କରିଛନ୍ତି। ଏମାନଙ୍କ ମଧ୍ୟରୁ ଆଜି ପ୍ରାୟ ୨୫୦୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଝାରବନ୍ଧ ବ୍ଲକର ୭୮ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା ଏହି ଅବସରରେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ୧୨ ଜଣ ସିଆରସିସି ଏବଂ ଏବିଇଓଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିଲେ। ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ନୂତନ ଶିକ୍ଷାର୍ଥୀଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପଢ଼ାଯିବ ଏବଂ ବର୍ତ୍ତମାନ ସମସ୍ତଙ୍କୁ ଶିକ୍ଷଣୀୟ ବହି ପ୍ରଦାନ କରାଯାଇଥିବା ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ସୂଚନା ଦେଇଛନ୍ତି।



# ଫୁଟବଲ ପ୍ରତିଯୋଗିତାରେ ରେଙ୍ଗାଲ ବାହାଲ କ୍ଲବ୍ ଚାମ୍ପିଅନ୍

**ଦେବଗଡ଼, ୨୬।୧୦(ସମିସ)**

ବାରକୋଟ ବ୍ଲକ କୁଣ୍ଡାପିଠା ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରେଙ୍ଗାଲ ବାହାଲ ଫୁଟବଲ କ୍ଲବ୍ ସାହୁ ବ୍ରଦର୍ଶକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିରେ ରେଫରୀ ଭାବେ ସୁଜିତ, ତନ୍ମୟ, ସାଗର ଓ ଦୁଃଶାସନ ରହିଥିଲେ। କ୍ଲବ୍‌ର ସଭାପତି ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ଭୋଳେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜୀବ ଲୋଚନ ଦେହୁରୀ, ରାମଚନ୍ଦ୍ର ମୁଦୁଲି, ଦିଗାମ୍ବର ଦେହୁରୀ, ସୂର୍ଯ୍ୟକାନ୍ତି ଦେହୁରୀ ଓ ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ସମ୍ପାଦକ ଶିବପ୍ରସାଦ ସ୍ୱାଇଁ, ସଦସ୍ୟ ଦେବାଶିଷ ସ୍ୱାଇଁ, ଓମପ୍ରକାଶ ସ୍ୱାଇଁ, ଆଶ୍ୱତ୍ଥମା ନାୟକ, ସିକନ ସାମଲ, ସମୀର ବେହେରା, ସୁନୀଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ପରୀକ୍ଷା ଦେଲେ ୭୦୭୨ 'ଉଲ୍ଲାସ' ଶିକ୍ଷାର୍ଥୀ

**ରିଆମାଳ, ୨୬।୧୦(ସମିସ):** ରିଆମାଳ ବ୍ଲକର ୧୭୫ଟି କେନ୍ଦ୍ରରେ ରବିବାର ଉଲ୍ଲାସ ପରୀକ୍ଷା ଉତ୍ସାହ ଉଦ୍ଦୀପନା ସହ ସମାପିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋଙ୍କ ପର୍ଯ୍ୟବେକ୍ଷଣରେ ଏବିଇଓ ବନିତା ବେହେରା, ମହେଶ୍ୱର ବେହେରା ଓ ବ୍ଲକର ସମସ୍ତ ସିଆରସିସି ମାନେ ଦାୟିତ୍ୱ ପାଳନ କରିଥିଲେ। ପରୀକ୍ଷାରେ ମୋଟ ୭୦୭୨ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେ ମଧ୍ୟରେ ୪୯୫୮ ଜଣ ମହିଳା ଓ ୨୧୧୪ ଜଣ ପୁରୁଷ ଥିଲେ। ପ୍ରତ୍ୟେକ କେନ୍ଦ୍ରରେ ଶିକ୍ଷାର୍ଥୀମାନେ ଗଭୀର ଆଗ୍ରହ ଓ ଉତ୍ସାହର ସହିତ ପରୀକ୍ଷା ଦେଇଥିଲେ।



ସକାଳ THE SAKALA



# ସମରସିଂହ ପଞ୍ଚାୟତରେ ସ୍ନେହାଙ୍ଗିନୀଙ୍କ ପ୍ରଚାର



**ପ୍ରତିସଭାରେ ବିପୁଳ ଜନ ସମାଗମ**

**ନୂଆପଡ଼ା, ୨୬ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ପୂର୍ବାହ୍ନରେ କୋମନା ବ୍ଲକ ଅଧୀନ ସମରସିଂହ ପଞ୍ଚାୟତର ଜନସାଧାରଣ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସ୍ୱାଗତକରି ବିଜେଡି ପ୍ରତିଥିବା ଅନୁରକ୍ତି ପ୍ରକାଶ କରିଛନ୍ତି। ପାରମ୍ପରିକ ନୃତ୍ୟର ତାଳେତାଳେ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ, ମହିଳା, ଗୁରୁଜନ, କୃଷକ, ଦଳୀୟ କର୍ମକର୍ତ୍ତା ଶ୍ରୀମତୀ ଛୁରିଆଙ୍କୁ ପାଛୋଟି ନେଇଥିଲେ। ରବିବାର ଆୟୋଜିତ ବିଜେଡିର ପ୍ରଚାର ଶୋଭାଯାତ୍ରାରେ ବିପୁଳ ଜନସମାଗମ ସମସ୍ତଙ୍କର ଉତ୍ସାହ ବୃଦ୍ଧି କରିଥିଲା। ସବୁ ରହଣି ସମୟରେ ଲୋକଙ୍କ ଭିଡ଼, ନବୀନ ପଟ୍ଟନାୟକଙ୍କ ପ୍ରତି ବର୍ଦ୍ଧିତ ସମର୍ଥନ ଓ ବିଜେଡିର ଲୋକପ୍ରିୟତା ପ୍ରତିପାଦିତ କରୁଥିଲା। ଏହି ଅବସରରେ ଶ୍ରୀମତୀ ଛୁରିଆ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ନବୀନ ସରକାର ଅମଳରେ ଯାହା ସବୁ ବିକାଶମୂଳକ କାମ ହୋଇଛି ତାକୁ ଆମେ ସମସ୍ତେ ଆଗକୁ ନେବା। ନୂଆପଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ 'ମୁଁ ସଂଗ୍ରାମ ଜାରି ରଖିବି'। ନବୀନ ପଟ୍ଟନାୟକ ସର୍ବଦା ଆଦର୍ଶଗତ ରାଜନୀତିକୁ ପ୍ରାଧାନ୍ୟ ଦେଇଛନ୍ତି। ତାଙ୍କରି ନିର୍ଦ୍ଦେଶରେ ନୂଆପଡ଼ାର ଜନସାଧାରଣଙ୍କ ଉନ୍ନତି ପାଇଁ ଲଢ଼େଇ କରିବାରେ ମୁଁ ଅବହେଳା କରିବି ନାହିଁ। ପୂର୍ବଭଳି ଶଙ୍ଖ ଚିହ୍ନକୁ ପୁନଃଆଶୀର୍ବାଦ ଦିଅନ୍ତୁ। ଗ୍ରାମ୍ୟ ଭିତ୍ତିଭୂମିର ବିକାଶ ଠାରୁ ଆରମ୍ଭ କରି ମହିଳା ସଶକ୍ତିକରଣ, ଜୀବନ ଜୀବିକା, ଶିକ୍ଷା, କୃଷି ସବୁ କ୍ଷେତ୍ରରେ ଆମ ନୂଆପଡ଼ା ଆହୁରି ଆଗକୁ ଯିବ। ମୁଁ ନିଜେ ପ୍ରତ୍ୟେକ ପରିବାର ପାଖକୁ ଯିବି, ଲୋକଙ୍କ ସମସ୍ୟା ଶୁଣିବି ବୋଲି ଛୁରିଆ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମିଶନ ଶକ୍ତି ଏବଂ ଅନେକ ସ୍ୱାବଲମ୍ବୀ ଯୋଜନାରେ ଭାଗ ନେବା ପାଇଁ ଉପସ୍ଥିତ ମହିଳା ଓ ଯୁବ ସମାଜକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମରସିଂହ ପଞ୍ଚାୟତର ବାସିନ୍ଦା ଦୁଇ ଦଶନ୍ଧି ଧରି ବିଜେଡି ସରକାରଙ୍କ ଲୋକପ୍ରିୟ କାର୍ଯ୍ୟପାଇଁ ନବୀନ ପଟ୍ଟନାୟକଙ୍କ ପ୍ରତି ଅଭାରବ୍ୟକ୍ତ କରିବା ସହ ଛୁରିଆଙ୍କ ପାର୍ଥିତ୍ୱକୁ ସ୍ୱୀକୃତି ଦେଇଥିଲେ। ବିଜେଡିର ଏହି ପ୍ରଚାର ଶୋଭାଯାତ୍ରାରେ ନୂଆପଡ଼ା ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ସାମିଲ ହୋଇଥିଲେ।

## ନୂଆପଡ଼ା ବ୍ଲକ ଜୋନ-୯ରେ ବିଜେଡିର କର୍ମୀ ସମ୍ମିଳନୀ

# ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀ ଥିଲେ ଓ ରହିବେ : ବିଜେଡି





**ନୂଆପଡ଼ା, ୨୬ ।୧୦(ସମିସ):** ରବିବାର ବିଜେଡି ପକ୍ଷରୁ ନୂଆପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ନୂଆପଡ଼ା ବ୍ଲକ ଜୋନ୍-୯ରେ ଜୋନ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସହିପଲା, ଦର୍ଲିମୁଣ୍ଡ, ଖଇରାନି, କୋଟେଚୁଆଁ, କେରମେଲି, ଟାନୱାଟ, ମୋଟା ନୂଆପଡ଼ା, ଖୁଟବନ ଭେରା, ଧରମବନ୍ଧା, ଚୁଲାଭଟା, ଭରୁଆମୁଣ୍ଡ ପଞ୍ଚାୟତର ଶତାଧିକ କର୍ମକର୍ତ୍ତା ସାମିଲ ହୋଇ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିଜୟ ସୁନିଶ୍ଚିତ କରିବା ଲାଗି ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ରମେଶ ଚନ୍ଦ୍ର ବେହେରା, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ଖରିଆରରୋଡ୍ ଅଧ୍ୟକ୍ଷ ଆଦମ ଖାନ ପ୍ରମୁଖ ଭୋଟରମାନଙ୍କ ପାଖକୁ ଯାଇ ନୂଆପଡ଼ାର ବିକାଶ ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ବିଜୟ କରିବା ପାଇଁ ନିବେଦନ କରିଥିଲେ। ଏହି ବୈଠକରେ ଶତାଧିକ କର୍ମୀ, ମହିଳା, ଯୁବଛାତ୍ରମାନେ ଯୋଗ ଦେଇଥିଲେ। ସଭାରେ ୧୧ ପଞ୍ଚାୟତର ଶତାଧିକ କର୍ମୀ, ସମର୍ଥକ ଉପସ୍ଥିତ ହୋଇ ଦଳ ପ୍ରତି ନିଜର ନିଷ୍ଠା ଓ ସମର୍ପଣ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଗ୍ରାମସ୍ତରରେ ଦଳକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସମସ୍ତ କର୍ମୀ ଅଭିଯାନ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ।

# ନୂଆପଡ଼ା ଏନ୍‌ଏସିରେ ସାରଦାଙ୍କ ଭୋଟ ପ୍ରଚାର

**ନୂଆପଡ଼ା, ୨୬ ।୧୦(ସମିସ):** ନୂଆପଡ଼ା ଉପନିର୍ବାଚନ ସକାଶେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ତରଫରୁ ପ୍ରଚାର ସରଗରମ ହୋଇଥିବାବେଳେ ପୂର୍ବତନ ବିଜେଡିର ମନ୍ତ୍ରୀ ସାରଦା ନାୟକ ଖୋଦ୍ ନୂଆପଡ଼ା ଏନ୍‌ଏସି ଅଞ୍ଚଳରେ ପ୍ରଚାର ମଙ୍ଗ ଧରିଛନ୍ତି। ସହର ଅଧୀନ ୧୩ ଏବଂ ୧୪ ନମ୍ବର ୱାର୍ଡ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ପ୍ରଚାର ସଭା କରି ବିଜେଡିର ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଦିପାଳୀ ଦାସ, ଚିନ୍ମୟ ସାହୁ, ଇପସିତା ସାହୁ, ନୀଳକୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କାଉନ୍‌ସିଲରଙ୍କ ମଧ୍ୟରେ ଜୟନ୍ତୀ ରଣା, ଗିରିଧାରୀ ରଣା, ପ୍ରସାନ୍ତ ସେଠୀ, ଏସ୍‌କେ ଷଡ଼ଙ୍ଗୀ, ଇନ୍ଦଲ ରଣା ପ୍ରମୁଖ ଯୋଗ ଦେଇଥିଲେ।





## 'ଅନ୍ୱେଷା'ରେ ନାମଲେଖା ବନ୍ଦ

# ବିଜେପି ସରକାରଙ୍କ ଆଦିବାସୀ-ଦଳିତ ବିରୋଧୀ ମନୋଭାବ: ସାଂସଦ

**ନୂଆପଡ଼ା, ୨୬ ।୧୦(ସମିସ):** ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବିଜେପି ସରକାର ଦ୍ୱାରା ଜାନୁଆରୀ ୨୦୨୫ରୁ ଅନ୍ୱେଷା ଯୋଜନାରେ ଏସ୍‌ଟି ଏସ୍‌ସି ପିଲାମାନଙ୍କ ପ୍ରାଇଭେଟ ଇଂଲିଶ ମିଡିୟମ ସ୍କୁଲରେ ଭର୍ତ୍ତି ବନ୍ଦ କରିବା ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିଛନ୍ତି। ସେ ଏହାକୁ ଆଦିବାସୀ-ଦଳିତ ବିରୋଧୀ ଓ ଶିକ୍ଷା ବିରୋଧୀ ନୀତି ବୋଲି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୋଣରୁ ଆରମ୍ଭ ହୋଇଥିବା ଅନ୍ୱେଷା ଯୋଜନା ଯେଉଁଥିରେ ଏସ୍‌ଟି ଏସ୍‌ସି ଶିଶୁମାନେ ଇଂରାଜୀ ମାଧ୍ୟମ ଶିକ୍ଷା ପାଇବାର ଅବସର ପାଇଛନ୍ତି। ଏହି ଯୋଜନା ନୂଆପଡ଼ା ସମେତ ୧୭ ଜିଲ୍ଲାରେ ଚାଲିଛି। ଏପର୍ଯ୍ୟନ୍ତ ୨୨ହଜାର ୩୪୦ ଏସ୍‌ଟି ଏସ୍‌ସି ଛାତ୍ରଛାତ୍ରୀ ଲାଭ ପାଇଛନ୍ତି। ୧୬୩ ଟି ଇଂଲିଶ ମିଡିୟମ ସ୍କୁଲରେ ଭର୍ତ୍ତି ୯୮ ଟି ଅନ୍ୱେଷା ହଷ୍ଟେଲ ଚାଲିଛି। ଏଠାରେ ପିଲାମାନଙ୍କୁ ମିଳୁଛି ସୁରକ୍ଷିତ ବସବାସ, ପୌଷ୍ଟିକ ଖାଦ୍ୟ, ବ୍ୟକ୍ତିତ୍ୱ ଓ ସଂସ୍କୃତିକ ଉନ୍ନତି। ହେଲେ ବିଜେପି ସରକାରଙ୍କ ନିଷ୍ପତ୍ତି ଆଦିବାସୀ ଓ ଦଳିତ ପିଲାଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିଛନ୍ତି ବୋଲି ଶ୍ରୀ ବିଶି କହିଛନ୍ତି। ମନ୍ତ୍ରୀ ଓ ଧନୀ ପରିବାରର ପିଲା ଇଂଲିଶ୍ ମିଡିୟମ ସ୍କୁଲରେ ପଢ଼ିପାରିବେ, ତେବେ ଗରିବ ଆଦିବାସୀ-ଦଳିତ ପିଲାମାନେ କାହିଁକି ନୁହେଁ? ଶିକ୍ଷା ଅଧିକାର ଦାନ ନୁହେଁ।' ତୁରନ୍ତ ନାମଲେଖା ପ୍ରକ୍ରିୟା ଲାଗୁ କରିବାକୁ ଶ୍ରୀ ବିଶି ଦାବି କରିଛନ୍ତି। ଏସ୍‌ଟି ଏସ୍‌ସି ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ କରାଇବା ମାନେ ତାଙ୍କର ଭବିଷ୍ୟତ ଅନ୍ଧକାର କରିବା, ତେଣୁ ବିଜେପିକୁ ଆଦିବାସୀ ଭୋଟ ଦେବା ନାହିଁ ବୋଲି ସାଂସଦ ନିରଞ୍ଜନ ବିଶି ପ୍ରକାଶ କରିଛନ୍ତି।

# ପଗାରପାଣି ଗ୍ରାମ୍ୟ ଜଙ୍ଗଲରେ ହାତୀ, ଆତଙ୍କିତ ଗ୍ରାମବାସୀ




**ନୂଆପଡ଼ା, ୨୬ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୫କିମି ଦୂର ପଗାରପାଣି ଗ୍ରାମ୍ୟ ଜଙ୍ଗଲରେ ହାତୀପଲ ରହିଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଆତଙ୍କିତ ହୋଇ ରହିଛନ୍ତି। ରବିବାର ଦିନବେଳା ଅଁଳାଜୁବା ଗାଁ ଅଞ୍ଚଳରୁ ଏକ ହାତୀ ଘୁରି ବୁଲିଥିବାନେଇ ଲୋକେ ଦେଖିବାକୁ ପାଇଥିଲେ। ପରେ ଲୋକେ ବନବିଭାଗକୁ ଖବର ଦେବାପରେ ବନ ବିଭାଗର ଏକ ଟିମ ହାତୀ ଖୋଜିବାକୁ ବାହାରିଥିଲେ। ହାତୀଟି ପରବର୍ତ୍ତୀ ସମୟରେ ପଗାର ପାଣି ଗ୍ରାମ୍ୟ ଜଙ୍ଗଲରେ ପ୍ରବେଶ କରିଯାଇଥିଲା। ସେଠାରେ ଲୁଚି ରହିଥିବାରୁ ବନବିଭାଗ ଡ୍ରୋନ୍ କ୍ୟାମେରା ଖଞ୍ଜିଥିଲେ ମଧ୍ୟ ଦୃଶ୍ୟମାନ ହୋଇନଥିଲା। ତେବେ ଏହି ଖବର ପାଇଁ ନୂଆପଡ଼ା ବିଜୁଳି ବିଭାଗର ଏକ ଟିମ ପହଞ୍ଚି ଏହି ଗ୍ରାମ୍ୟ ଅଞ୍ଚଳରେ ବିଜୁଳୀ ସଂଯୋଗକୁ ବିଚ୍ଛିନ୍ନ କରିଥିବା ପ୍ରକାଶ। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଉପନିର୍ବାଚନ ହେତୁ ବିଳମ୍ବିତ ରାତି ଯାଏଁ ରାଜନୈତିକ ଦଳର କର୍ମୀମାନେ ଭୋଟ ପ୍ରଚାରରେ ମାତି ଥିବାବେଳେ ଏଭଳି ହାତୀଙ୍କ ପ୍ରବେଶ ସମସ୍ତଙ୍କ ନିଦ ହଜାଇଦେଇଛି।

# ବିଭିନ୍ନ ପ୍ରତିଯୋଗିତାରେ ୩ ଛାତ୍ର ସଫଳ

**ଧର୍ମଗଡ଼, ୨୬ ।୧୦(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ପିଏମ ଶ୍ରୀଏପି ଦାସ ସରକାରୀ ଉଚ୍ଚ ବିଦ୍ୟାଳୟର ୩ଛାତ୍ର କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ଜୟନ୍ତ କୁମାର ଜାଲ, ଦଶମ ଶ୍ରେଣୀ ଛାତ୍ର ରାହୁଲ ଗୋପାଳ ଓ ଉଦିତ ନାରାୟଣ ଖମାରି ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇ ରାଜ୍ୟ ଓ ଜିଲ୍ଲାସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ରାହୁଲ ଗୋପାଳ ଜିଲ୍ଲାସ୍ତରରେ ଖେଳି ରାଜ୍ୟସ୍ତରୀୟ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସୁନ୍ଦରଗଡ଼ ଠାରେ ରାଜ୍ୟସ୍ତରୀୟ କବାଡି ଓ ବଲାଙ୍ଗିର ଠାରେ ଫୁଟବଲ ଖେଳ ପ୍ରତିଯୋଗିତାରେ ସେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ସେହିଭଳି ଜୟନ୍ତ କୁମାର ଜାଲ ବ୍ଲକସ୍ତରରୁ ଜିଲ୍ଲା ପରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ପୁରୁଷ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ଛାତ୍ର ଉଦିତ ନାରାୟଣ ଖମାରି ପର୍ଲା କ୍ଲଷ୍ଟର ଚିତ୍ରାଙ୍କନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପାଇଁ ଚୟନ ହୋଇଛନ୍ତି। ପ୍ରଧାନଶିକ୍ଷକ ନବ କୁମାର ସୁନାରୀ, ବିଜ୍ଞାନ ଶିକ୍ଷକ ତେଜେଶ୍ୱର ସାହୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନେ ୩ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।







# ଅନାବନା ଗଛ ଯୋଗୁଁ ରାସ୍ତା ସଂକୀର୍ଣ୍ଣ

**ତରଭା, ୨୬ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା-ଚାରଭଟା ରାସ୍ତା ଦୁବୁଲା ଛକରୁ କୁମ୍ଭାରମୁଣ୍ଡା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହୋଇ ଯାଉଛି। ରାସ୍ତାର ଦୁଇ କଡରେ ଅନାବନା ଗଛ ଯୋଗୁଁ ଏହି ସମସ୍ୟା ଉପୁଜୁଛି। ଏହାଦ୍ୱାରା ଗାଡି ଚଳାଚଳରେ ଅସୁବିଧା ସୃଷ୍ଟି କରୁଛି। ଗଛଗୁଡିକ ରାସ୍ତାକୁ ମାଡି ବସିଥିବାରୁ ଯାନବାହନରେ ଯିବା ଆସିବା ସମୟରେ ଦୁର୍ଘଟଣା ଆଶଙ୍କା ରହୁଛି। ଦୁଇ ଚକିଆ ଯାନ ଚଳାଉଥିବା ଆରୋହୀ ସାମାନ୍ୟ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ଥୟ। ଏହା ଏକ ବ୍ୟସ୍ତ ବହୁଳ ରାସ୍ତା ହୋଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡ଼ିବା ଚିନ୍ତାର ବିଷୟ ପାଲଟିଛି।

# ଖଡ଼ିଆଳ ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଚୟନ



**ଖଡ଼ିଆଳ, ୨୬ ।୧୦ (ସମିସ):** ଖଡ଼ିଆଳ ମହାବିଦ୍ୟାଳୟରେ ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟ୍ ଚୟନ ପ୍ରକ୍ରିୟା ସମ୍ପାଦିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ପାଇଁ ୧୧ ଓଡ଼ିଶା ବାଟାଲିୟନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବଲାଙ୍ଗିରରୁ ହାବିଲଦାର କୁଲବିନ୍ଦର ସିଂହ, ନରବାହାଦୁର ଗହା, ସରଜେଣ୍ଟ ତିର୍କୀ ବିହାରୀ ଯୋଗଦେଇ ଚୟନ ପ୍ରଣାଳୀକୁ କାର୍ଯ୍ୟକାରୀ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଦେବାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଅଧ୍ୟାପକ କ୍ୟାପଟେନ ଡ.ବିଷ୍ଣୁ ଦେବ ସିଂ ମଲ୍ଲିକଙ୍କ ସହ ସିପିଓ ଅଧ୍ୟାପିକା ନିବେଦିତା ଆଚାରି, ଯୁକ୍ତ ଦୁଇ ଅଧ୍ୟକ୍ଷ ଡ଼. ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରକ ସୁନୀଲ କୁମାର ପାଢ଼ୀ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଧନ୍ଦାମୂଳକ ଶିକ୍ଷା ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର କାର୍ଯ୍ୟ ତଦାରଖ କରିଥିବାବେଳେ ବନ୍ଦନା ମାଝୀ, ସ୍ୱାତୀ ପ୍ରିୟଦର୍ଶିନୀ ମାଝୀ, କୁମୁଦ ବନଛୋର, ବସନ୍ତ କୁମାର ଦଣ୍ଡସେନା, ପୂଜା ସାହୁ, ଡିଲେଶ୍ୱରୀ ସୁନା, ସୋମନାଥ ଶବର, ବିନା ଶବର, ଜଗମୋହନ ମଙ୍ଗରାଜ, ଜୟଦେବ ମାଝୀ, ପୁଣ୍ଡରିକାକ୍ଷ ରଣା, ଗଗନ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ସମର ଶିକ୍ଷାର୍ଥୀ ବାହିନୀ ବିଭାଗ ଅଧିକାରୀ ଅଧ୍ୟାପକ କ୍ୟାପଟେନ ଡ଼ ବିଷ୍ଣୁ ଦେବ ସିଂ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ପ୍ରହସନ

# ସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ସୂଚନାଫଳକ

**ଧର୍ମଗଡ଼, ୨୬ ।୧୦(ସମିସ)**

ସାଧାରଣ ଭାବେ ଲୋକଙ୍କ ସୂଚନା ପାଇଁ ଉନ୍ନୟନ କାମ ଆରମ୍ଭରୁ ସୂଚନା ଫଳକ ଦିଆଯାଇଥାଏ। ଜନସାଧାରଣ ଏହି ସୂଚନା ଫଳକ ମାଧ୍ୟମରେ କାମର ସମ୍ପୂର୍ଣ୍ଣ ବିବରଣୀ ପାଇଥାନ୍ତି। ତେବେ ଧର୍ମଗଡ଼ ବ୍ଲକ ଅଧୀନ ଟିପିଗୁଡା ପଞ୍ଚାୟତ ଗତାଗୁଡା ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗତାଗୁଡା ବସ୍ତି ପଡ଼ାଠାରୁ ଜୋର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା କାମ ଶେଷ ହୋଇଛି। ଏଥିପାଇଁ ଆର୍ଥିକ ବର୍ଷ ୨୦୨୫-୨୦୨୬ ରେ ମୋଟ ଅଟକଳ ପରିମାଣ ୪ଲକ୍ଷ ରହିଛି। ଯାହା ସୂଚନା ଫଳକ ଅନୁଯାୟୀ ଗତ ୫-୮-୨୦୨୫ରେ କାମ ଆରମ୍ଭ ହୋଇ ଶେଷହୋଇ ସାରିଛି। ହେଲେ ଗୋଟାଏ ପଟେ ସୂଚନା ଫଳକ ର ଡ୍ରେନ କାମ ଦର୍ଶା ଯାଇଥିବା ବେଳେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିବା ନେଇ ସାଧାରଣ ଲୋକ ଏବେ ଦ୍ୱନ୍ଦରେ ପଡ଼ି ଯାଇଛନ୍ତି। ସୂଚନା ଫଳକ ତ୍ରୁଟି ନା ରାସ୍ତା କାମ ତ୍ରୁଟି ଯୋଗୁଁ ଏଭଳି ହୋଇଥିବା ଏବେ ଆଲୋଚନା ପରିସରକୁ ଆସିଛି। ଯଦି ଡ୍ରେନ୍ ପାଇଁ ସରକାରୀ ଅର୍ଥ ଅନୁମୋଦନ ହୋଇଛି ତେବେ କଂକ୍ରିଟ ରାସ୍ତା କିପରି ନିର୍ମାଣ କରାଗଲା ତାହା ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଯଦିବା ରାସ୍ତା





ନିର୍ମାଣ କରାଯାଇଛି ତେବେ ରାସ୍ତା ଦୁଇ କଡ଼ରେ ଡ୍ରେନ ବ୍ୟବସ୍ଥା କରିବା ଆବଶ୍ୟକ -ନଚେତ ଦୁଇ ଆଡୁ ପାଣି ନିଷ୍କାସନ ହେବାରେ ଅସୁବିଧା ହେବା ସମ୍ଭାବନା ଅଧିକ ଥିବା ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଡ୍ରେନ ବଦଳ ରେ ରାସ୍ତା ନିର୍ମାଣ କାମରେ ଅଧିକ ଲାଭ ଥିବା ଯୋଗୁଁ ବ୍ଲକ ପ୍ରଶାସନ ଜାଣିଶୁଣି ବ୍ୟତିକ୍ରମ କରିଥିବା ଲୋକଙ୍କ ଭିତରେ ଚର୍ଚ୍ଚା ହେଉଛି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ଡ୍ରେନ୍ କାମ ପାଇଁ ଅର୍ଥ ଅନୁମୋଦନ ହୋଇଥିଲା, ତେବେ ସ୍ଥାନୀୟ ଲୋକଙ୍କ ଦାବି ରାସ୍ତା ୨କଡ଼ରେ ଡ୍ରେନ ନିର୍ମାଣ ପାଇଁ। ତେବେ ଗଣ୍ଡଗୋଳ ଯୋଗୁଁ ସେହି ପଇସାକୁ ଅନ୍ୟପଟେ ପରିବର୍ତ୍ତନ କରାଯାଇଥିବା ଓ ରାସ୍ତା କାମ ଜିଲ୍ଲା ପରିଷଦ ଅଧୀନରେ ହୋଇଥିବା କହିଥିଲେ। ଅନ୍ୟପଟେ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ ଏହାକୁ ଖଣ୍ଡନ କରିବା ସହ ତାଙ୍କ ପାଣ୍ଠିରୁ ପୀଠାପଡ଼ା ଠାରୁ ଆରଡି ମୁଖ୍ୟ ରାସ୍ତାକୁ ସଂଯୋଗ କାମ କରାଯାଇଛି। ତେବେ ସୂଚନା ଫଳକ ଓ -ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କଥାରେ ତାଳ ମେଳ ନ ଥିବା ଏବେ ସନ୍ଦେହ ଘେରକୁ ଆସିଛି। ଯଦି ଉକ୍ତ କାମରେ ଅର୍ଥ ପରିବର୍ତ୍ତନ କରାଯାଇଛି ତେବେ କାହିଁକି ସୂଚନା ଫଳକକୁ ଭଙ୍ଗା ଯାଇନାହିଁ ବୋଲି ଆଲୋଚନା ହେଉଛି।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ସୂର ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୬୭୬-ପୋଲାଣ୍ଡ ଓ ତୁର୍କୀ ବାର୍ସା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୨୦-ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍ ନାରାୟଣଙ୍କ ଜନ୍ମ।
- ୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ୍ ଖେଳର ସମାପନ ହେଲା।
- ୨୦୦୩-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୫୦,୦୦୦ରୁ ଅଧିକ ଲୋକ ପ୍ରଭାବିତ ହେଲେ।

## ସ୍କୁଲରେ 'ଡେସ୍କ ନାପ୍'

ଚୀନ୍‌ର ଗୋଟିଏ ସ୍କୁଲର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଭିଡିଓରେ ଦେଖିବାକୁ ମିଳିଛି, କିଭଳି ସ୍କୁଲ ଡେସ୍କ କିଛି ସେକେଣ୍ଡରେ ବେଡ୍‌ରେ ରୂପାନ୍ତରିତ ହୋଇଛି। ଏହାକୁ ବ୍ୟବହାର କରି ପିଲାମାନେ କିଛି ସମୟ ପାଇଁ ଆରାମ କରୁଛନ୍ତି, ଯେମିତି ସେମାନେ ନିଜ ଘରେ କରିଥାନ୍ତି। ସାଧାରଣତଃ ପିଲାମାନେ ସ୍କୁଲରେ ୬-୭ ଘଣ୍ଟା ରହିବା ଦ୍ୱାରା ଥକ୍କା ଅନୁଭବ କରନ୍ତି। ଫଳରେ ପଢ଼ିବା ବେଳେ ସେମାନଙ୍କୁ ନିଦ ଲାଗେ। ଏହାକୁ ଦୃଷ୍ଟିରେ ରଖି ସ୍କୁଲରେ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଉଛି। ତେଣୁ ସ୍କୁଲରେ ପିଲାମାନେ ଦ୍ୱିପହରରେ ଅଳ୍ପ ସମୟ ଶୋଇବା ପାଇଁ ଡେସ୍କ ଶଯ୍ୟାରେ ରୂପାନ୍ତରିତ ହେବାର ବ୍ୟବସ୍ଥା କରାଯାଇଛି। ପିଲାଙ୍କର ସ୍କୁଲରେ ଏଭଳି ଡେସ୍କରେ ଶୋଇବାକୁ 'ଡେସ୍କ ନାପ୍' ବୋଲି କୁହାଯାଉଛି। ତେବେ ଭିଡିଓରେ ଦେଖିବାକୁ ମିଳୁଛି, ଶ୍ରେଣୀଗୃହରେ କିଛି ପିଲା ନୀଳ ରଙ୍ଗର ଡେସ୍କରେ ଶୋଇଛନ୍ତି। ଏହାସହ ପିଲାମାନେ ଯେଭଳି ଆରାମରେ ଶୋଇବେ, ଡେସ୍କରେ ଛୋଟ



କୁସନ ବି ଲାଗିଛି। ଅନ୍ୟପଟେ ପିଲାଙ୍କ ପାଇଁ ଏଭଳି ବ୍ୟବସ୍ଥାକୁ ଲୋକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ଏହା ଯୋଗୁଁ ପିଲାଙ୍କୁ ଆଉ ଥକ୍କା ଲାଗିବ ନାହିଁ ବୋଲି ଅନେକେ କହିଛନ୍ତି। ଏହାବାଦ୍ ମସ୍ତିଷ୍କ ବିକାଶ ଲାଗି ଦ୍ୱିପହର ନିଦ୍ରା ଜରୁରି ବୋଲି କେହି କେହି କହିଛନ୍ତି। ତା'ସହ ଚୀନ୍‌ର ଏହି ଟେକ୍ନୋଲୋଜିକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

## 'ଲଭ୍ ଆଣ୍ଡ ୱାର୍' ସୁଟିଂ ସେଟ୍‌ରୁ ଆଲିଆଙ୍କ ଲୁକ୍ ଲିକ୍



ସଞ୍ଜୟ ଲୀଳା ବନ୍‌ସାଲୀ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଆଲିଆଙ୍କର କିଛି ଫଟୋ ଭାଇରାଲ ହୋଇଛି। ଏଥିରେ ସେ ରେଟ୍ରୋ ଲୁକ୍‌ରେ ନଜର ଆସିଛନ୍ତି। ତାଙ୍କର ହେୟାର୍ ଷ୍ଟାଇଲ୍ ଓ ଲୁକ୍ ଷାଠିଏ ଦଶକର ହିରୋଇନ୍‌ମାନଙ୍କ ଭଳି ହୋଇଛି। ତେବେ ଆଲିଆଙ୍କ ଫଟୋ ଲିକ୍ ହେବା ପରେ ରାଜ୍ କପୁରଙ୍କ ଫିଲ୍ମ 'ସଙ୍ଗମ'କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ମଧ୍ୟ ଏହା 'ସଙ୍ଗମ'ର ରିମେକ୍ ବୋଲି କୁହାଯିବାରୁ ସଞ୍ଜୟ ଏହି କଥାକୁ ଖଣ୍ଡନ କରିଥିଲେ। 'ସଙ୍ଗମରେ ରାଜ୍ କପୁର, ବୈଜୟନ୍ତୀମାଳା, ରାଜେନ୍ଦ୍ର କୁମାର ନଜର ଆସିଥିଲେ। ଏହା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ଥିଲା। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମ ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ଆସିବ।

## ୨୦୩୦ ସୁଦ୍ଧା ବଦଳିବ ଯୁଦ୍ଧର ସ୍ୱରୂପ

ସାରା ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏତେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଯେ, ଆଗାମୀ ଦିନରେ ଯୁଦ୍ଧର ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇପାରେ। ଏବେ ସୁଦ୍ଧା ଯୁଦ୍ଧ ମଇଦାନରେ ସୈନିକଙ୍କ ଉପସ୍ଥିତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉ ଥିଲା। ହେଲେ ୨୦୩୦ ସୁଦ୍ଧା ଏହାର ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା ହେବ ବୋଲି ଆକଳନ କରାଯାଉଛି। ଏନେଇ ଏଆଇକୁ ପ୍ରଶ୍ନ କରାଯିବାରୁ ତା'ଠାରୁ ଆଶ୍ଚର୍ଯ୍ୟଜନକ ଉତ୍ତର ମିଳିଛି। ଏବର ଚର୍ଚ୍ଚିତ ଟେକ୍ନୋଲୋଜି ହେଉଛି ଏଆଇ। ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଆଇ କେବଳ ଶତ୍ରୁର ଗତିବିଧି ଉପରେ ନଜର ରଖିବ ନାହିଁ, ବରଂ ବାସ୍ତବ ସମୟରେ ଯୁଦ୍ଧ ରଣନୀତି ପ୍ରସ୍ତୁତ



କରିବ ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ କରିବାକୁ ମଧ୍ୟ ସକ୍ଷମ ହେବ। ଭବିଷ୍ୟତରେ ଏହି ଟେକ୍ନିକ୍ ଯୁଦ୍ଧକ୍ଷେତ୍ରରେ ସୈନିକଙ୍କ ସ୍ଥାନ ନେଇପାରେ। କାରଣ ଏଆଇ-ଆଧାରିତ ସିଷ୍ଟମଗୁଡ଼ିକ ଲୋକଙ୍କ ତୁଳନାରେ ବହୁତ ଶୀଘ୍ର ବିପଦକୁ ଚିହ୍ନଟ କରିପାରିବ ଏବଂ ପ୍ରତିକ୍ରିୟା ଦେଇପାରିବ। ସେହିପରି ଡ୍ରୋନ୍ ଟେକ୍ନିକ୍ ମଧ୍ୟ ଯୁଦ୍ଧ ତରିକାକୁ ପୂର୍ବରୁ ବଦଳାଇବା ଆରମ୍ଭ କରିସାରିଛି। ଏବେ ଏମିତି ଡ୍ରୋନ୍ ବିକଶିତ କରାଯାଉଛି, ଯାହା କେବଳ ନଜର ରଖିବ ନାହିଁ, ବରଂ ଅସ୍ତ୍ର ନେଇ ଶତ୍ରୁ ଉପରେ ଆକ୍ରମଣ କରିବାକୁ ସକ୍ଷମ ହେବ। ତେବେ ୨୦୩୦ ସୁଦ୍ଧା ଯୁଦ୍ଧ କେବଳ ସ୍ଥଳଭାଗ କିମ୍ବା ଆକାଶପଥରେ ନୁହେଁ, ବରଂ ସାଇବର ସ୍ପେସ୍‌ରେ ମଧ୍ୟ ହେବ। ଏହା ଶତ୍ରୁପକ୍ଷର ବ୍ୟାଙ୍କିଂ ସିଷ୍ଟମ, ପାୱାର ଗ୍ରୀଡ୍, ସାଟେଲାଇଟ୍ ନେଟୱାର୍କ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଦୁର୍ବଳ କରିପାରେ। ଏଭଳି ଆକ୍ରମଣରେ ସୈନିକଙ୍କୁ ନ ପଠାଯାଇ ବି ଶତ୍ରୁ ଦେଶର ମୂଳଦୁଆକୁ ଦୋହଲାଇ ଦିଆଯାଇ ପାରେ। ଏହି କାରଣରୁ ସାରାବିଶ୍ୱର ସାମରିକ ବାହିନୀ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ଅସ୍ତ୍ରଶସ୍ତ୍ରରେ ବହୁଳ ପରିମାଣରେ ନିବେଶ କରୁଛନ୍ତି। ଆଗାମୀ ଦିନରେ ରୋବୋଟିକ୍ ସେନାର କଳ୍ପନା ବାସ୍ତବରେ ପରିଣତ ହୋଇପାରେ। ଅନ୍ୟପଟେ କିଛି ବିଶେଷଜ୍ଞ ବିଶ୍ୱାସ କରୁଛନ୍ତି, ୨୦୩୦ ସୁଦ୍ଧା ଯୁଦ୍ଧର ରୂପ ଏମିତି ହେବ ଯେ, ମଣିଷ କଣ୍ଟ୍ରୋଲ ରୁମ୍‌ରୁ ଆଦେଶ ଦେବ ଏବଂ ଯୁଦ୍ଧ କ୍ଷେତ୍ରରେ ମେସିନ୍ ପରସ୍ପର ସହିତ ଲଢ଼ିବେ। ଏଥିରେ ଡ୍ରୋନ୍, ଏଆଇ ସିଷ୍ଟମ୍, ରୋବଟ୍ ଏବଂ ସାଇବର ଆକ୍ରମଣ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ଏଭଳି ପରିସ୍ଥିତିରେ ପାରମ୍ପରିକ ସେନାଙ୍କ ଭୂମିକା ଖୁବ୍ ସୀମିତ ହେବ।

## କାର୍ତ୍ତିକ ମାସରେ ଦୀପଦାନ

**ଚାଲିଛି ଧର୍ମମାସ କାର୍ତ୍ତିକ। ଶାସ୍ତ୍ରରେ ଏହି ମାସରେ ଦୀପଦାନକୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। କାର୍ତ୍ତିକ ମାସରେ ଦୀପଦାନ ଓ ତୁଳସୀ ପୂଜା ଦ୍ୱାରା ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତି ହୁଏ।**



କାର୍ତ୍ତିକ ମାସରେ ଦୀପଦାନକୁ ଖୁବ୍ ଶୁଭ ବୋଲି କୁହାଯାଇଛି। ଏହି ପବିତ୍ର ମାସରେ ନିତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ନଦୀ ତଥା ପୁଷ୍କରଣୀରେ ଦୀପଦାନ କରିବା ଦ୍ୱାରା ପୁଣ୍ୟ ହୋଇଥାଏ। ସେହିପରି ସକାଳେ ତୁଳସୀ ଗଛ ପାଖରେ ଘିଅ ଦୀପ ଜାଳିଲେ ପାପ ନାଶ ହୁଏ। ବିଶେଷକରି ଏହି ମାସରେ ଚଉରା ମୂଳେ ଆକାଶଦୀପ ଜାଳିବାର ପରମ୍ପରା ଅଛି। ତେବେ ଯେଉଁମାନେ ମାସ ସାରା ଦୀପ ଜଳାଇ ପାରନ୍ତି ନାହିଁ, ସେମାନେ ପଞ୍ଚକରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି।


ଦୀପ ତଥା ଆକାଶ ଦୀପ ଜାଳିଲେ ପୂର୍ବପୁରୁଷମାନେ ଖୁସି ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ଆକାଶଦୀପକୁ ସନ୍ଧ୍ୟା ପୂର୍ବରୁ ଲଗାଯାଏ। ଏକ ଛିଦ୍ରଯୁକ୍ତ ହାଣ୍ଡିରେ କିଛି ବାଲି ଓ ତା'ଉପରେ ଏକ ପ୍ରଜ୍ୱଳିତ ଦୀପ ରଖାଯାଏ। ଏହାର ଉପରିଭାଗକୁ ଏକ ପଲମରେ ଢ଼ାଙ୍କି ତାହାକୁ ଏକ ସୁଉଚ୍ଚ ବାଉଁଶ ଦଣ୍ଡର ଅଗ୍ରଭାଗରେ ବାନ୍ଧି ଦିଆଯାଏ। ବାଉଁଶ ଶୀର୍ଷରେ ରାତିସାରା ହାଣ୍ଡି ଭିତରେ ଘିଅ ଦୀପ ଜଳୁଥାଏ। ହାଣ୍ଡିର ଛିଦ୍ର ଦେଇ ଦୀପର ଆଲୋକ ଶିଖା ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ। ଏହି ଆଲୋକ ଦେଇ ପିତୃଲୋକମାନେ ବାଟ ଦେଖିଥାନ୍ତି ବୋଲି ବିଶ୍ୱାସ ଅଛି।

ଅନ୍ୟପଟେ କାର୍ତ୍ତିକ ମାସ ପ୍ରତିପଦାଠାରୁ ପୂର୍ଣ୍ଣମୀ ଯାଏଁ ହବିଷ୍ୟାଳୀମାନେ ମନ୍ଦିର ଓ ଚଉଁରା ମୂଳେ ଆକାଶ ଦୀପ ଜାଳିଥାନ୍ତି। କେତେକ ଏହାକୁ ଦୀପାବଳିଠାରୁ ୧୫ଦିନ ପର୍ଯ୍ୟନ୍ତ ତ ପୁଣି କିଏ ଅଁଳା ନବମୀଠାରୁ ଆଉ କିଏ ପଞ୍ଚୁକ ପାଞ୍ଚଦିନ ଆକାଶଦୀପ ଜାଳନ୍ତି।

## ଆସ୍ଥା

## ଖାଲି ପାଦରେ ମନ୍ଦିର ଯିବାର ମହତ୍ତ୍ୱ

**ମନ୍ଦିରକୁ ଖାଲି ପାଦରେ ଯିବା ହେଉଛି ପବିତ୍ରତା, ସମ୍ମାନର ପ୍ରତୀକ। ଏହା ଅହଂକାର ତ୍ୟାଗ କରି ଭକ୍ତି, ବିନମ୍ରତା, ଦିବ୍ୟ ଶକ୍ତି ଅନୁଭବର ମାର୍ଗଦର୍ଶନ କରାଏ।**



- ମନ୍ଦିର ହେଉଛି ପବିତ୍ରତାର ସ୍ଥାନ। ତେଣୁ ଭକ୍ତଙ୍କୁ ଏହାର ପବିତ୍ରତା ଉପରେ ଦୃଷ୍ଟି ଦେବା ଉଚିତ। କୁହାଯାଏ, ବିନା ଜୋତା, ଚପଲରେ ଜଣେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ସହଜରେ ଦିବ୍ୟ ଶକ୍ତି ସହିତ ଜଡ଼ିତ ହୁଅନ୍ତି। ଦେବୀଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏହା ହେଉଛି ଏକ ଉପାୟ।
- ପୌରାଣିକ କାହାଣୀ ଅନୁସାରେ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାଙ୍କ ଅନାଦର କରିବାକୁ ଇଙ୍ଗିତ କରେ। ଏଭଳି କରିବା ଅନୁଚିତ। ତେଣୁ ମନ୍ଦିରକୁ ପ୍ରବେଶ କରିବା ସମୟରେ ଲୋକେ ଚମଡ଼ା ଜୋତା ଓ ପର୍ସ ବାହାର କରି ଯାଆନ୍ତି। ମାନ୍ୟତା ଅନୁସାରେ, ମନ୍ଦିର ହେଉଛି ଏମିତି ଏକ ସ୍ଥାନ, ଯାହାକି ମାନସିକ ଶାନ୍ତି ପ୍ରଦାନ କରେ। ସେହିପରି ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ସକାରାତ୍ମକ ଶକ୍ତି ପାଦ ମାଧ୍ୟମରେ ଶରୀରକୁ ପ୍ରବେଶ କରେ। ଏହା ମନକୁ ଶାନ୍ତି ରଖିବାରେ ସାହାଯ୍ୟ କରେ।
- ଅନ୍ୟପଟେ ଖାଲି ପାଦରେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ଦେବୀ ଦେବତାଙ୍କ ପ୍ରତି ସମ୍ମାନ ଏବଂ ଆଦର ଦର୍ଶାଇବା ଲାଗି ଏହାକୁ ପାଳନ କରିବା ଉଚିତ।

## ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ୪ ରାଶିକୁ ମିଳିବ ଶୁଭ ଫଳ

**ମଙ୍ଗଳ ଗ୍ରହକୁ ସମସ୍ତ ଗ୍ରହର ସେନାପତି କୁହାଯାଏ। ମଙ୍ଗଳ ଶକ୍ତି, ସାହସ, ଭକ୍ତି, ପରାକ୍ରମ ଏବଂ ଶୌର୍ଯ୍ୟର କାରକ। ଅକ୍ଟୋବର ୨୭ରୁ ମଙ୍ଗଳ ଗ୍ରହ ତୁଳା ରାଶିରୁ ବୃଷ ରାଶିକୁ ପ୍ରବେଶ କରିବେ। ଏହି ରାଶି ପରିବର୍ତ୍ତନକୁ ଜ୍ୟୋତିଷ ଶାସ୍ତ୍ରରେ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ତେବେ ମଙ୍ଗଳ ଗ୍ରହର ବୃଷ ରାଶିକୁ ପ୍ରବେଶ ଦ୍ୱାରା କେଉଁ ୪ ରାଶିକୁ ଶୁଭ ଫଳ ମିଳିବ, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶି ବ୍ୟକ୍ତିବିଶେଷଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ସଞ୍ଚାର ହେବ। କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିବ। ଦୃଢ଼ ନିଷ୍ପତ୍ତି ନେବାରେ ସଫଳ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ପୁରୁଣା ସମସ୍ୟା ଦୂର ହେବ। ନିବେଶ ଲାଗି ଅନୁକୂଳ ସମୟ।

**ବୃଷ:** ବୃଷ ରାଶି ପାଇଁ ଏହି ପରିବର୍ତ୍ତନ ଅତ୍ୟନ୍ତ ଶୁଭ। କ୍ୟାରିୟର, ଧନ ଓ ସ୍ୱାସ୍ଥ୍ୟରେ ସକାରାତ୍ମକ ପରିବର୍ତ୍ତନ ଆସିବ। ସମାଜରେ ମାନ-ସମ୍ମାନ ପ୍ରାପ୍ତି ହେବ। ଆତ୍ମବିଶ୍ୱାସ ବୃଦ୍ଧି ହେବ।

**ମିଥୁନ:** ମିଥୁନ ରାଶିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ଆର୍ଥିକ ଲାଭ ଏବଂ ଯାତ୍ରାର ଅବସର ଆଣିବ। ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ପ୍ରାପ୍ତ ହେବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ। ଶିକ୍ଷା, ବ୍ୟବସାୟ ଓ ପ୍ରେମ ସମ୍ପର୍କରେ ସକାରାତ୍ମକ ଫଳ ଲାଭ ହେବ।

**ଧନୁ:** ଧନୁ ରାଶି ବ୍ୟକ୍ତିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ବିଭିନ୍ନ କ୍ଷେତ୍ରରେ ନୂତନ ଅବସର ପ୍ରଦାନ କରିବ। ଆର୍ଥିକ ଲାଭ ସାଙ୍ଗକୁ ମାନ-ସମ୍ମାନ ପ୍ରାପ୍ତ ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା, ନୂତନ ସ୍ଥାନକୁ ଯାତ୍ରା ଯୋଗ ସୃଷ୍ଟି ହେବ। ପରିବାର ଓ ସମ୍ପର୍କୀୟଙ୍କ ସହିତ ସମ୍ବନ୍ଧ ମଜଭୁତ ହେବ।



## ଅଁଳା ନବମୀ



କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ 'ଅଁଳା ନବମୀ' କୁହାଯାଏ। ଏଭଳି ଏକ ପୁଣ୍ୟ ତିଥିରେ ଶ୍ରୀରାଧା ପାଦଙ୍କ ଦର୍ଶନ କରାଯାଏ। ଏହିଦିନ ଅଁଳା ଗଛକୁ ପୂଜା କରିବାର ବିଧି ଅଛି। ଅଁଳା ନବମୀରେ ଅଁଳା ଗଛ ତଳେ ଭଗବାନ ବିଷ୍ଣୁଙ୍କର ପ୍ରତିମାକୁ ସ୍ନାନ କରାଯାଏ। ହବିଷ୍ୟାଳିମାନେ ଏହିଦିନ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧନ୍ତି ଓ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି।

କୁହାଯାଏ, ଅଁଳା ଗଛରେ ଭଗବାନ ବିଷ୍ଣୁ ବାସ କରିଥାନ୍ତି। ତେଣୁ ଅଁଳା ଗଛକୁ ପୂଜା କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। କେବଳ ସେତିକି ନୁହେଁ, ଅଁଳା ଗଛ ପୂଜା ଦ୍ୱାରା ଗୋଦାନର ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ। ସୁଖ, ସମୃଦ୍ଧି ଓ ଦେବୀ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଅଁଳା ନବମୀ ହେଉଛି ଏକ ଶୁଭଦିନ। ଏହିଦିନ ଅଁଳା ଖାଇବା ଦ୍ୱାରା ରୋଗମୁକ୍ତ ରହିବା କୁହାଯାଏ। ମହିଳାମାନେ ସନ୍ତାନ ପ୍ରାପ୍ତି ଏବଂ ସନ୍ତାନଙ୍କ ମଙ୍ଗଳକାମନା କରି ଅଁଳା ଗଛ ପୂଜା କରିବାର ବିଧି ଅଛି।







ସକାଳ
THE SAKALA
www.sakalaepaper.com

# ଓଡ଼ିଆ ଝିଅ ପ୍ରୀତିସ୍ମିତାଙ୍କ ବିଶ୍ୱରେକର୍ଡ

ଭୁବନେଶ୍ୱର,୨୬।୧୦(ସମିସ)

ଓଡ଼ିଆ ଝିଅ ତଥା ଢେଙ୍କାନାଳର ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ମହିଳା ଭାରୋତ୍ତୋଳନ କ୍ରୀଡ଼ାରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା କ୍ରୀଡ଼ାବିତ୍ ଭାବେ ସେ ଦ୍ୱିତୀୟଥର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗତବର୍ଷ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନର ୪୦ କେଜି କାଟାଗୋରୀର କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଓଜନ ଉଠାଇ ପ୍ରଥମ ବିଶ୍ୱରେକର୍ଡ କରିଥିଲେ। ଆଜିର ରେକର୍ଡ ପରେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରୀତିସ୍ମିତା ଏହି ବିଶ୍ୱରେକର୍ଡ ବାହାରିନ୍‌ର ମାନାମାଠାରେ ଚାଲିଥିବା ୟୁଥ୍ ଏସିଆନ୍ ଗେମ୍ସରେ ସୃଷ୍ଟି କରିଛନ୍ତି। କ୍ଲିନ୍ ଆଣ୍ଡ ଜର୍କରେ ଏହି ବିଶ୍ୱରେକର୍ଡ କରିବା ସହ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଦ୍ୱିତୀୟ ସ୍ୱର୍ଣ୍ଣ ତାଙ୍କୁ ଓଭରଅଲ୍ କାଟାଗୋରୀରେ ମିଳିଛି। ସ୍ନାଚ୍‌ରେ ରୌପ୍ୟ ପଦକ ପାଇଛନ୍ତି।

ରବିବାର ୟୁଥ୍ ୪୪ କେଜି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୬ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇଥିଲେ। ସେ ମୋଟ ୧୫୮ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇବା ଫଳରେ ଏସୀୟ ଓ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ସ୍ନାଚ୍‌ରେ ସେ ତାଙ୍କ ଚାଇନିଜ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପଛରେ ପଡ଼ିଥିଲେ। ଏଥିରେ ସେ ପ୍ରଥମ ଆଟେମ୍ପଟରେ ୬୬ କେଜି ଓଜନ ଉଠାଇଥିଲେ, ଯାହାକି ତାଙ୍କ ଜାତୀୟ ରେକର୍ଡଠାରୁ ୩ କେଜି ଅଧିକ ଥିଲା। କିନ୍ତୁ ଏହା ପରେ ସେ ୬୮ ଓ ୬୯ କେଜି ଓଜନ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମେ ୮୭ କେଜି ଓଜନ ଉଠାଇଥିଲେ। ଏହା ପରେ ୯୦ ଓ ପରେ ୯୨ କେଜି ପର୍ଯ୍ୟନ୍ତ ସଫଳତାର ସହ ଲିଫ୍ଟ କରିଥିଲେ। ଏହା ଫଳରେ ସେ ନୂଆ ବିଶ୍ୱରେକର୍ଡ କରିବାରେ ସମର୍ଥ ହୋଇଥିଲେ। ଏସୀୟ ଚାମ୍ପିଅନସିପ୍ ନିୟମ ଅନୁଯାୟୀ ସେ ସ୍ନାଚ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ, କ୍ଲିନ୍ ଆଣ୍ଡ ଜର୍କ ଓ ଓଭରଅଲ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



ୟୁଥ୍ ଏସିଆନ୍ ଗେମ୍ସ

ଢେଙ୍କାନାଳର ଭାରୋତ୍ତୋଳନ ସବ୍‌ସେଣ୍ଟରରୁ ପ୍ରଶିକ୍ଷଣ ନେଇ ପ୍ରୀତିସ୍ମିତା ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଗୋପାଳକୃଷ୍ଣ ଦାସ ତାଙ୍କର ପ୍ରଥମ ଗୁରୁ ଥିବାବେଳେ ଏବେ ଉତ୍ତରପ୍ରଦେଶର ମୋଦିନଗରରେ ଥିବା ୱେଟ୍‌ଲିଫ୍ଟିଙ୍ଗ୍ ୱାରିୟରରେ କୋଚ ବିଜୟ ଶର୍ମାଙ୍କ ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ ଓ ଅନ୍ୟମାନେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଆଉ ଜଣେ ଝିଅ ଗଞ୍ଜାମର ଟିକି ମୋହିନୀ ମଲ୍ଲିକ ଅଂଶଗ୍ରହଣ କରିଛନ୍ତି।

## ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ୨୮ରୁ

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତାଳନ କକ୍ଷରେ ଚଳିତମାସ ୨୮ରୁ ୩୦ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ, ମହିଳାର ବରିଷ୍ଠ, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ରାଜ୍ୟର ୨୦ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରୁ ଜାତୀୟ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ କରାଯିବ ବୋଲି ଆୟୋଜକ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ପରାଜୟ ସହ ନ୍ୟୁଜିଲାଣ୍ଡ ଓ ସୋଫିଙ୍କ ବିଦାୟ

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ରବିବାର ଏଠାରେ ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଇଂଲଣ୍ଡ ୮ ୱିକେଟ୍‌ରେ ସହଜରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୩୮.୨ ଓଭରରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ଜର୍ଜିଆ ପ୍ଲିମର ସର୍ବାଧିକ ୪୩ ଓ ଆମେଲିଆ କେର୍ ୩୫ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ସୋଫି ୨୩ ରନରେ ଆଉଟ୍ ହୋଇଥିଲେ। ଇଂଲଣ୍ଡର ସ୍ପିନର ଲିନସୀ ସ୍ମିଥ ୩ ଏବଂ ଆଲିସେ କାପସୀ ଓ ଅଧିନାୟିକା ନାଟାଲୀ-ସ୍କିଭର ବ୍ରଣ୍ଟ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓପନର୍ ଆମି ଜୋନ୍ସଙ୍କ ଅପରାଜିତ ୮୬ ରନ ବଳରେ ଇଂଲଣ୍ଡ ୨୯.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଂଲଣ୍ଡ ଏଥିସହ ୭ ମ୍ୟାଚ୍‌ରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ଅଷ୍ଟ୍ରେଲିଆ (୧୩) ପଛକୁ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଅକ୍ଟୋବର ୨୯ରେ ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଇଂଲଣ୍ଡ। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍‌ରୁ ୪ର୍ଥ ପରାଜୟ ସହ ୪ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

## ଭାରତର ବିଜୟରେ ବର୍ଷା ବାଧକ

ନଭି ମୁମ୍ବଇ, ୨୬।୧୦ (ଏଜେନ୍ସି): ଭାରତ ବିଶ୍ୱକପ୍‌ରେ ଏହାର ଶେଷ ଲିଗ୍ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ନିଶ୍ଚିତ ବିଜୟରୁ ବଞ୍ଚିତ ହୋଇଛି। ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଏହି ୨୭ ଓଭରବିଶିଷ୍ଟ ମ୍ୟାଚରେ ବାଂଲାଦେଶ ୯ ୱିକେଟ୍‌ରେ ୧୧୯ ରନ କରିଥିଲା। ଏହାପରେ ଡିଏଲ୍ ପଦ୍ଧତିରେ ଭାରତ ସାମ୍ନାରେ ୧୨୬ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ଭାରତ ୮.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୫୭ ରନ କରିଥିବାବେଳେ ପୁନର୍ବାର ବର୍ଷା ହୋଇଥିଲା। ଶେଷରେ ମ୍ୟାଚ ରେଫରି ମ୍ୟାଚକୁ ବାତିଲ କରିଥିଲେ। ଫଳରେ ଭାରତ ୭ ମ୍ୟାଚରୁ ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବାତିଲ ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଆସନ୍ତା ୩୦ରେ ଭାରତ ଏଠାରେ ଦ୍ୱିତୀୟ ସେମିରେ ଅଷ୍ଟ୍ରେଲିଆକୁ ଭେଟିବ।

## କ୍ରିକେଟ୍ ସହ ଜାତୀୟ ହକି ଦଳରୁ ଖେଳିଥିଲେ ସୋଫି

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ସହ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଦିନିକିଆ ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ବିଦାୟୀ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ ମଧ ୩୬ ବର୍ଷୀୟା ସୋଫିଙ୍କ ଦୁଇ ଦଶନ୍ଧିର ଦିନିକିଆ କ୍ୟାରିୟର ବେଶ୍ ସ୍ମରଣୀୟ ରହିଥିଲା। ମାତ୍ର ୧୭ ବର୍ଷ ବୟସରେ ୨୦୦୬ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଦିନିକିଆ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୯ ବର୍ଷର ଲମ୍ବା କ୍ୟାରିୟରରେ ସେ ୧୫୯ଟି ମ୍ୟାଚ୍ ଖେଳିଛନ୍ତି। ଅଗ୍ରଭାଗରେ ଜଣେ ନିର୍ଭରଯୋଗ୍ୟ ବ୍ୟାଟର୍ ସହ ସୋଫି ମିଡିୟମ ପେସ୍ ବୋଲିଂ ମଧ କରିଥାନ୍ତି। ତାଙ୍କ ନାମରେ ଦିନିକିଆରେ ୪,୨୭୯ ରନ ଓ ୧୩୩ ୱିକେଟ୍ ଲିପିବଦ୍ଧ



ରହିଛି। ସେହିଭଳି ଏହି ଫର୍ମାଟ୍‌ରେ ସେ ୯ଟି ଶତକ ଓ ୧୮ଟି ଅର୍ଦ୍ଧଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଦିନିକିଆ ମ୍ୟାଚ୍ ଖେଳିବାରେ ସୁଜି ବେଟ୍ସ (୧୭୮)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୩ୟ ଓ ନ୍ୟୁଜିଲାଣ୍ଡର ଏକମାତ୍ର ମହିଳା କ୍ରିକେଟର୍ ଭାବେ ସୋଫି ଦିନିକିଆରେ ୪୦୦୦ରୁ ଊର୍ଦ୍ଧ୍ୱ ରନ ଓ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଏହି କ୍ଲବରେ ୱେଷ୍ଟଇଣ୍ଡିଜର ଷ୍ଟିଫାନୀ ଟେଲର ଓ ଅଷ୍ଟ୍ରେଲିଆର ଏଲିସେ ପେରୀ ରହିଛନ୍ତି। ସୋଫିଙ୍କ କ୍ୟାରିୟରକୁ ନେଇ ଆଉ ଏକ ରୋଚକ କଥା ହେଉଛି ସେ ନ୍ୟୁଜିଲାଣ୍ଡ ମହିଳା ହକି ଦଳ ପକ୍ଷରୁ ମଧ ମ୍ୟାଚ୍ ଖେଳିଛନ୍ତି। ୨୦୧୧ ଓ ୨୦୧୨ ଦୁଇ ବର୍ଷ ସେ କ୍ରିକେଟ୍‌ରୁ ବ୍ରେକ୍ ନେଇ ନ୍ୟୁଜିଲାଣ୍ଡ ହକି ଦଳ ପକ୍ଷରୁ ଖେଳିଥିଲେ।

● ରଣଜୀ ଇତିହାସର ସବୁଠୁ ସଂକ୍ଷିପ୍ତ ମ୍ୟାଚ୍

## ୫୪୦ ବଲ୍, ୩୨ ୱିକେଟ୍, ୩୫୯ ରନ

ଗୌହାଟୀ, ୨୬।୧୦ (ଏଜେନ୍ସି): ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚ ମାତ୍ର ଦେଢ଼ ଦିନ ମଧ୍ୟରେ ସମାପ୍ତ ହୋଇଯାଇଛି। ଏହି ମ୍ୟାଚରେ ସର୍ଭିସେସ୍ ବୋଲର ଦମ୍‌ଦାର ପ୍ରଦର୍ଶନ କରିବା ଯୋଗୁ ଦଳ ୮ ୱିକେଟ୍‌ରେ ଆସାମକୁ ପରାସ୍ତ କରିଛି। ରଣଜୀ ଟ୍ରଫି ଇତିହାସରେ ବଲ୍ ଦୃଷ୍ଟିରୁ ଏହା ସବୁଠୁ ସଂକ୍ଷିପ୍ତ ମ୍ୟାଚ୍ ହେବାର ମଧ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ମୋଟ୍ ୫୪୦ଟି ବଲ୍ ବୋଲିଂ ହୋଇଥିଲା। ଯେଉଁଥିରେ ୩୨ଟି ୱିକେଟ୍ ପତନ ଘଟିଥିବାବେଳେ ୩୫୯ ରନ ସଂଗୃହିତ ହୋଇଥିଲା। ସେହିଭଳି ଆସାମର ପ୍ରଥମ ଇନିଂସରେ ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗ୍ରା ହ୍ୟାଟ୍ରିକ ନେଇ ଅନ୍ୟ ଏକ ରେକର୍ଡ କରିଥିଲେ। ଗୋଟିଏ ପାଳିରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ରଣଜୀ ଟ୍ରଫିରେ ଏହା ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ଆସାମ ପ୍ରଥମ ଇନିଂସରେ ୧୭.୨ ଓଭର ଖେଳି ୧୦୩ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ସର୍ଭିସେସ ୨୯.୨ ଓଭରରେ ୧୦୮ ରନ କରିବାକୁ ସମର୍ଥ ହୋଇଥିଲା। ୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆସାମ ୨୯.୩ ଓଭରରେ ୭୫ ରନରେ ସୀମିତ ରହିଥିଲା। ଏହାପରେ ସର୍ଭିସେସ ୧୩.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ରଣଜୀ ଟ୍ରଫିର ୧୯୬୧-୬୨ ସିଜନରେ ଦିଲ୍ଲୀ ଓ ରେଳବାଇ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ଟି ବଲରେ ଫଳାଫଳ ବାହାରିଥିଲା।

● ସାଉଥ୍ ଏସିଆନ୍ ସିନିଅର ଆଥ୍‌ଲେଟିକ୍ସ

## ସରୁନ, ପ୍ରତୀକଙ୍କୁ କାଂସ୍ୟ ସଫଳତା

ଭୁବନେଶ୍ୱର, ୨୬।୧୦ (ସମିସ): ରାଞ୍ଚିରେ ଅନୁଷ୍ଠିତ ସାଉଥ୍ ଏସିଆନ୍ ସିନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଶେଷ ଦିନରେ ଓଡ଼ିଶାର ସରୁନ ପାୟାସିଂ ଓ ପ୍ରତୀକ ମହାରଣା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଲଙ୍ଗ ଜମ୍ପ୍ ଫାଇନାଲରେ ସରୁନ ୭.୫୨ ମିଟର ଲମ୍ଫ ପ୍ରଦାନ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୨୦୦ ମିଟର ରେସରେ ଭାଗନେଇଥିବା ପ୍ରତୀକ ୩ୟ ସ୍ଥାନ ହାସଲ କରିଥିଲେ। ଏହି ଦୂରତାକୁ ସେ ୨୧.୪୪ ସେକେଣ୍ଡରେ ଫିନିଶ କରିଥିଲେ।

## ମହିଳା ଟି-୨୦: ଓଡ଼ିଶା ପରାସ୍ତ

କଟକ,୨୬।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ରବିବାରଠାରୁ ଆରମ୍ଭ ହୋଇଛି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ର ୨ ୱିକେଟରେ ଓଡ଼ିଶାକୁ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଓଡ଼ିଶା ୭ ୱିକେଟ ହରାଇ ୮୮ରନ କରିଥିଲା। ଶ୍ରେୟା ପ୍ରିୟଦର୍ଶିନୀ ଅପରାଜିତ ୨୫ରନ କରିଥିଲେ। ସୌରାଷ୍ଟ୍ରର ହର୍ଷିତବା ଜାଡେଜାଙ୍କୁ ୨ଟି ୱିକେଟ ମିଳିଥିଲା। ୧୮.୩ ଓଭରରେ ୮ ୱିକେଟ ହରାଇ ସୌରାଷ୍ଟ୍ର ବିଜୟୀ ହୋଇଥିଲା। ହର୍ଷିତବା ସର୍ବାଧିକ ୧୬ରନ କରିଥିବା ବେଳେ ଓଡ଼ିଶା ପକ୍ଷରୁ ବିଜୟଲକ୍ଷ୍ମୀ ବେହେରା ଏବଂ ଅନନ୍ୟା ରାଉତ ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଅକ୍ତିଆର କରିଥିଲେ।

● ସିକେ ନାଇଡୁ ଟ୍ରଫି

## ରିତେଶଙ୍କୁ ୪ ୱିକେଟ; ଆସାମ ୨୦୦/୯

କଟକ,୨୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆସାମକୁ ଭେଟିଛି ଓଡ଼ିଶା ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯ ୱିକେଟ ହରାଇ ୨୦୦ ରନ ସଂଗ୍ରହ କରିଛି। ରାଜବୀର ସିଂହ ୯୪ ରନର ଅପରାଜିତ ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟ ଖେଳାଳିମାନେ ବିଫଳ ହୋଇଥିବା ବେଳେ ଶେଷ ବ୍ୟାଟର ନିଶାନ୍ତ ସିଂଘାଣିଆ ୧୨ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ଏବଂ ଆୟୁଷ ବାରିକ ଓ ମହମ୍ମଦ ଡାନିସଙ୍କୁ ୨ଟି ଲେଖାଏ ୱିକେଟ ମିଳିଛି।

### ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି

# ଫାଇନାଲ ସହ ଡିଭିଜନ-୧କୁ ଭାରତର ଯୋଗ୍ୟତା

ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): ଓମାନର ରାଜଧାନୀ ମସ୍କଟରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫିରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖି ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ଭାରତ ୧୭-୦ରେ ସାଉଦୀ ଆରବକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତ କ୍ୱାର୍ଟରରେ ୨୧-୭ ସ୍କୋରରେ ଇରାନକୁ ଏବଂ ଲିଗ୍ ପର୍ଯ୍ୟାୟରେ ୧୪-୧୦ରେ ଲେବାନନ୍ ଏବଂ ୨୬-୫ ସ୍କୋରରେ ଆଫଗାନିସ୍ତାନକୁ ହରାଇଥିଲା। ସ୍ୱର୍ଣ୍ଣ ପଦକ ତଥା ଟାଇଟଲ୍ ଲଢ଼େଇରେ ଭାରତର ମୁକାବିଲା କାଜାଖସ୍ତାନ ସହ ହେବ। ଅପରପକ୍ଷରେ ଫାଇନାଲରେ ପ୍ରବେଶ ସହ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛି। ଫଳରେ ଭାରତ ପ୍ରଥମଥର ଲାଗି ଏସିଆ ରଗ୍‌ବୀର ଡିଭିଜନ-୧ ପର୍ଯ୍ୟାୟରେ ଖେଳିବ। ଯେଉଁଥିରେ ଏସିଆ ମହାଦେଶର ଶ୍ରେଷ୍ଠ-୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ରଗ୍‌ବୀ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

### ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ

# କେନ୍ଦୁଝରର ତାରିଣୀ କ୍ଲବ୍‌ଠାରୁ ହାରିଲା କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର,୨୬।୧୦(ସମିସ): କେନ୍ଦୁଝରର ତାରିଣୀ କ୍ଲବ୍ ୫-୪ ଗୋଲରେ ରାଜ୍ୟ କ୍ରୀଡ଼ା ଛାତ୍ରାବାସକୁ ହରାଇ ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ନୟାପଲ୍ଲୀର ସିଟି କ୍ଲବ୍ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯାଉଛି। ଏହି ମ୍ୟାଚ୍‌ରେ ବିଜୟୀ ତାରିଣୀ କ୍ଲବ୍‌ର ରାଣୀ ବାଗ୍‌ଙ୍କୁ ପୂର୍ବତନ ଅନ୍ତର୍ଜାତୀୟ



ମହିଳା ଖେଳାଳି ରଞ୍ଜିତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ରେଫରି ଶେଖାଓ୍ୱତ ଖାନ୍, ସୁଜିତ କୁମାର ପାତ୍ର, ଶିବପ୍ରସାଦ ସାମନ୍ତରାୟ ଓ ଶୋଭାଲିନ୍ ପଣ୍ଡା ପରିଚାଳନା କରିଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଖେଳ ଶେଷରେ ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ ରାଉତରାୟ ଧନ୍ୟବାଦ ଦେଇଥିଲେ। ମହେନ୍ଦ୍ରନାଥ ନାୟକ, ବନୋଜ ପ୍ରଧାନ, ତିଳୋତ୍ତମା ଦଳେଇ ଓ ଦୀପକ କୁମାର ରାଉତରାୟ ପ୍ରମୁଖ ସହାୟତା ଯୋଗାଇଥିଲେ।

## ବ୍ରୁକ୍‌ଙ୍କ ଶତକ ବେକାର; ପ୍ରଥମ ଦିନିକିଆରେ ଇଂଲଣ୍ଡ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ,୨୬।୧୦(ଏଜେନ୍ସି): ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ୧୩୫ ରନ୍‌ର ସାହସିକ ଶତକ ସତ୍ତ୍ୱେ ଏଠାରେ



ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୫୫ ରନ୍‌ରେ ୬ ୱିକେଟ ହରାଇଥିଲେ ମଧ ୩୫.୨ ଓଭରରେ ୨୨୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ୱିକେଟରେ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ଡାରିଲ ମିଚେଲ ସର୍ବାଧିକ ଅପରାଜିତ ୭୮ ଓ ମାଇକେଲ ବ୍ରେସ୍‌ୱେଲ ୫୧ ରନ୍ କରିଥିଲେ ମଧ ବ୍ରୁକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଅଭିଷେକ ନାୟାର କେକେଆର ହେଡ୍ କୋଚ୍

କୋଲକାତା,୨୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ସହକାରୀ କୋଚ୍ ଅଭିଷେକ ନାୟାର ଚଳିତ ସିଜନରେ ଆଇପିଏଲ୍ ଟିମ୍ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ)ର ନୂଆ ହେଡ୍ କୋଚ୍ ହେବେ।



ଏ ସମ୍ପର୍କରେ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ ସେ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି କେକେଆର୍ ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ସ୍ପଷ୍ଟ ହୋଇଛି। ୩ଥର ଆଇପିଏଲ୍ ଟାଇଟଲ ଜିତିଥିବା କେକେଆର ଗତ ଆଇପିଏଲ୍ ସିଜନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ଅଷ୍ଟମ ସ୍ଥାନରେ ରହିଥିଲା।

## ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

କଟକ,୨୬।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ରବିବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଆର୍ଥିକ ରିପୋର୍ଟ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଡିସେମ୍ବର ୯ରେ ବାରବାଟୀରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ବାବଦରେ ଆଲୋଚନା ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

ରଣଜୀ ଟ୍ରଫି

# ଓଡ଼ିଶା ବିପକ୍ଷରେ ୟୁପି ପ୍ରଥମ ଇନିଂସ ଅଗ୍ରଣୀ

କଟକ,୨୬।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରି ଘରୋଇ ଉତ୍ତରପ୍ରଦେଶ ଦଳ ଦୃଢ଼ ସ୍ଥିତିରେ ରହିଛି। ଓଡିଶାର ବୋଲିଂ ଆଟାକ୍ ପୁର୍ନବାର ବିଫଳ ସାବ୍ୟସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଛି। ହାତରେ ୭ ୱିକେଟ ବଳକା ଥିବା ବେଳେ ଖେଳର ଅବଶିଷ୍ଟ ଦୁଇ ଦିନରେ ଓଡ଼ିଶା ଠାରୁ ବିଜୟ ପଏଣ୍ଟ ହାତେଇପାରେ ଘରୋଇ ଦଳ। ଅନ୍ୟପକ୍ଷରେ ମ୍ୟାଚ୍‌ରୁ ୧ ପଏଣ୍ଟ ପାଇବା ଆଶାରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ରଖିବାକୁ ଲକ୍ଷ୍ୟ ରଖିବ। ପୂର୍ବଦିନର ସ୍କୋର ୧୭/୦ରୁ ଉତ୍ତରପ୍ରଦେଶ ଆଜି ଖେଳ ଆରମ୍ଭ ପରେ ୪୫ ରନରେ



ପ୍ରଥମ ୱିକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ରନରେ କ୍ଲିନ ବୋଲ୍ଡ ହୋଇଥିଲେ। ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ଓଡ଼ିଶା ପାଇଁ ପ୍ରଥମ ସଫଳତା ଦେଇଥିଲେ। ପରେ କ୍ରିଜକୁ ଆସିଥିବା ୱିକେଟକିପର ଆର୍ଯ୍ୟନ ଜୁୟଲ ଖାତା ଖୋଲିବା ପୂର୍ବରୁ ସମ୍ବିତଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ଓପନର ମାଧବ କୌଶିକ ଏବଂ ଅଧିନାୟକ କରନ ଶର୍ମା ୭୫ ରନର ଭାଗୀଦାରି ସୃଷ୍ଟି କରିଥିଲେ। ୧୨୨ବଲରୁ ୬୭ରନ କରିଥିବା ବେଳେ ମାଧବ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହି ୱିକେଟ ମଧ ନବାଗତ ସମ୍ବିତଙ୍କୁ ମିଳିଥିଲା। ଅଧିନାୟକ କରନ ୮୩ ଏବଂ ଆରାଧ୍ୟ ଯାଦବ ୮୦ ରନରେ ଅପରାଜିତ ଅଛନ୍ତି। ସମ୍ବିତଙ୍କୁ ୩ଟି ୱିକେଟ ମିଳିଥିବା ବେଳେ ରାଜେଶ ମହାନ୍ତି, ସୁନୀଲ ରାଉଳ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୁମିତ ଶର୍ମା କୌଣସି ସଫଳତା ନପାଇ ଦଳକୁ ନିରାଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS